A comprehensive catalogue documenting 244 palm-leaf manuscripts written in Odia that contain mathematical knowledge. These centuries-old manuscripts reveal Odisha's long-standing tradition of mathematical study and teaching, spanning thousands of years. The book goes beyond being a mere catalogue of mathematical texts. It represents a unique intersection of mathematics with Odia language, literature, culture, society, and religious systems. The manuscripts contain mathematical formulas composed as songs in various musical modes - designed for students to sing and memorize - accompanied by prose explanations, story-based problem-solving, and numerical puzzles. In essence, it's an archival work that preserves and presents India's mathematical heritage while demonstrating the creative pedagogical methods used in traditional Odia education, making it valuable for both understanding historical mathematical practices and appreciating the cultural richness of how mathematical knowledge was transmitted in Odisha.

Gouranga Charana Dash (1957), remarkable blend of creativity and critical scholarship. From 1979 he has been teaching Odia language and literature at various government colleges and universities in Odisha. He has a distinct identity in the field of folklore and cultural research. However, the most notable aspect of his scholarship is his untiring effort bringing out the knowledge preserved in palm-leaf manuscripts and periodicals, and their scientific and critical editing. He is one of the few well-known scholars in Odisha in the field of textual editing. Through personal initiative and with the cooperation of like-minded scholars, numerous ancient and medieval literary works, as well as the collected writings of modern literary figures, have been published. It is said that he is one of the foremost among lovers of palm-leaf manuscripts. At present, with the assistance of other colleagues, he is engaged in preparing a text-based critical edition of the Mahabharatha of the fifteenth-century poet Saroladas.

Palm Leaf Press publishes works that aspire to reimagine social, political and intellectual transformation in South Asia. We center voices from the margins that pay attention to the concerns of working people across the dynamics of caste, class and gender. By challenging the hierarchies between thought and practice, our aim is to make available the rich and diverse cultures of knowledge to non-English speaking reading publics. Firmly committed to grounded research and open access publishing, our publications bring to light primary materials, pedagogical resources and critical histories in vernacular languages.

PALM·LEAF·PRESS

ଏହି ଗ୍ରନ୍ଥ ଓଡ଼ିଆ ଭାଷାରେ ଲିଖିତ ଦୁଇଶହ ଚଉରାଳିଶ ସଂଖ୍ୟକ ତାଳପତ୍ର ପାଣ୍ଡୁଲିପିର ଏକ ବିସ୍ତୃତ ସୂଚିପତ୍ର, ଗଣିତଜ୍ଞାନର ଭଣ୍ଡାର। ଶହ ଶହ ବର୍ଷ ପୁରୁଣା ପାଣ୍ଡୁଲିପିଗୁଡ଼ିକ ହଜାର ହଜାର ବର୍ଷ ଧରି ଓଡ଼ିଶାର ଦୀର୍ଘ ଦିନର ଗଣିତ-ଅଧ୍ୟୟନ ଏବଂ ଶିକ୍ଷାଦାନର ପରମ୍ପରାକୁ ପ୍ରକାଶ କରେ।
ଏହି ପୁସ୍ତକ କେବଳ ଗଣିତ ଗ୍ରନ୍ଥଗୁଡ଼ିକର ଏକ ସୂଚୀ ନୁହେଁ; ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ସମାଜ ଏବଂ ଧର୍ମ-ବ୍ୟବସ୍ଥା ସହିତ ଗଣିତର ଏକ ଅନନ୍ୟ ମିଶ୍ରଣ। ଗାଣିତିକ ସୂତ୍ରଗୁଡିକ ବିଭିନ୍ନ ରାଗରାଗିଣୀରେ, ଗୀତ ଭାବରେ ରଚିତ-ଯାହା ଛାତ୍ରଛାତ୍ରୀମାନଙ୍କୁ ଗୀତ ଗାଇବା ଏବଂ ବିଦ୍ୟା ମନେ ରଖିବା ପାଇଁ ସାହାଯ୍ୟ କରେ । ଏଥିରେ ରହିଛି, ଗଦ୍ୟରେ ସୂତ୍ରର ବ୍ୟାଖ୍ୟା, ସମସ୍ୟା ସମାଧାନ ପାଇଁ କଥାନକ ଏବଂ ସଂଖ୍ୟାଗତ ପଜଲ୍ ବା ପହଳି।
ସଂକ୍ଷେପରେ, ଏହା ଏକ ଅଭିଲେଖୀୟ କାର୍ଯ୍ୟ, ଯାହା ପାରମ୍ପରିକ ଓଡ଼ିଆ ଶିକ୍ଷାଦାନରେ ବ୍ୟବହୃତ ସର୍ଜନଶୀଳ ପଦ୍ଧତି ପ୍ରଦର୍ଶନ ସହିତ ଭାରତରେ ଗଣିତବିଦ୍ୟା ଐତିହ୍ୟର ସଂରକ୍ଷଣ ଏବଂ ବ୍ୟାଖାନର ସୂଚନା ଦେଇଥାଏ।
ଏହା ଓଡ଼ିଶାରେ ଅତୀତରେ ଗଣିତବିଦ୍ୟା ସାଧନବିଧି ଓ ସଞ୍ଚରଣ ଅବୋବୋଧରେ ଏକ ଆକର ଗ୍ରନ୍ଥ ।

ଗୌରାଙ୍ଗ ଚରଣ ଦାଶ- ୧୯୫୭
ଉଭୟ ସର୍ଜନ ଓ ସମୀକ୍ଷଣର ଢଣେ ବିଚିତ୍ର ସମବାୟ। ୧୯୭୯ ମସିହାରୁ ଆଜି ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ସରକାରୀ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟରେ ଅଧ୍ୟାପନା କରିଆସୁଛନ୍ତି। ଲୋକବିଦ୍ୟା ଓ ସଂସ୍କୃତି ଗବେଷଣା କ୍ଷେତ୍ରରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ମାତ୍ର ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ, ତାଳପତ୍ର ପୋଥି ଓ ପ୍ରାଚୀନ ପତ୍ରପତ୍ରିକାରେ ସଂରକ୍ଷିତ ବିଦ୍ୟାର ପାଠ ଉଦ୍ଧାର ଓ ସେଗୁଡ଼ିକର ବିଜ୍ଞାନସମ୍ମତ ସମ୍ପାଦନା। ଓଡ଼ିଶାରେ ସମ୍ପାଦନା କ୍ଷେତ୍ରରେ ସୁପରିଚିତ ଅଳ୍ପସଂଖ୍ୟକ ବିଦ୍ୱାନଙ୍କ ମଧ୍ୟରେ ସେ ଅନ୍ୟତମ। ବ୍ୟକ୍ତିଗତ ଉଦ୍ୟମ ଓ ସମଧର୍ମାମାନଙ୍କ ସହଯୋଗରେ, ତାଙ୍କ ମାଧ୍ୟମରେ ବହୁସଂଖ୍ୟକ ପ୍ରାଚୀନ ଓ ମଧ୍ୟକାଳୀନ ସାହିତ୍ୟ ଗ୍ରନ୍ଥ ଏବଂ ଆଧୁନିକ କାଳର ସାହିତ୍ୟ ସାଧକମାନଙ୍କ ରଚନାସମଗ୍ର ପ୍ରକାଶ ପାଇଛି। କୁହାଯାଏ, ତାଳପତ୍ରପ୍ରିୟ କୀଟମାନଙ୍କ ଗହଣରେ ସେ ଅନ୍ୟତମ। ସଂପ୍ରତି ଅନ୍ୟ ମିତ୍ରମାନଙ୍କ ସହଯୋଗରେ ସେ ପଞ୍ଚଦଶ ଶତାବ୍ଦୀର କବି ସାରୋଳଦାସଙ୍କ ମହାଭାରଥ ଗ୍ରନ୍ଥର ପାଠ- ଆଧାରିତ ସମ୍ପାଦନାରେ କାର୍ଯ୍ୟରତ।

ISBN: 978-81-979456-0-1
eISBN: 978-81-979456-9-4
Price: ₹ 385

ଗଣିତ ପାଣ୍ଡୁଲିପିର ବର୍ଣ୍ଣନାତ୍ମକ ବିବରଣୀ

ଗୌରାଙ୍ଗ ଚରଣ ଦାଶ

ଗଣିତ ପାଣ୍ଡୁଲିପିର ବର୍ଣ୍ଣନାତ୍ମକ ବିବରଣୀ

Descriptive Catalogue of Odia Ganita Manuscripts

ଜ୍ଞାନ, ସମାଜ, ଇତିହାସ
Knowledge, Society, History

Gaṇita Pāṇḍulipira Barṇṇanātmaka Bibaraṇī

Edited by
Gourang Charana Dash

Co-Editors
Sulata De
Sailen Routaray



ପାମ୍‌ଲିଫ୍ ପ୍ରେସ୍, ଦକ୍ଷିଣ ଏସିଆରେ ସାମାଜିକ, ରାଜନୀତିକ ଏବଂ ବୌଦ୍ଧିକ ପରିବର୍ତ୍ତନର ପୁନଃପରିକଳ୍ପନା ପାଇଁ ପ୍ରତିଶ୍ରୁତିବଦ୍ଧ । ଜାତି, ବର୍ଗ ଏବଂ ଲିଙ୍ଗର ବିବିଧତା ମଧ୍ୟରେ ଶ୍ରମଜୀବୀମାନଙ୍କ ବିଚାର ପ୍ରତି ଏହା ଶ୍ରଦ୍ଧାଶୀଳ। ପରିଧିରୁ କେନ୍ଦ୍ରକୁ ଏହାର ସ୍ୱର ସଂଚରିତ। ଚିନ୍ତାଧାରା ଏବଂ କାର୍ଯ୍ୟ ମଧ୍ୟରେ ଥିବା ବ୍ୟତିକ୍ରମଗୁଡିକୁ ଏହା ଅନୁଶୀଳନ କରେ ଏବଂ ସମସ୍ୟା ଅତିକ୍ରମଣ ପାଇଁ ଆହ୍ୱାନ ସୃଷ୍ଟିକରେ। ଆମର ଲକ୍ଷ୍ୟ, ଅଣଇଂରାଜୀଭାଷୀ ଜନସାଧାରଣଙ୍କ ପାଖରେ ଜାତିର ସମୃଦ୍ଧ ଜ୍ଞାନ ଏବଂ ବିବିଧ ସାଂସ୍କୃତିକ ବିଭବ ଉପଲବ୍ଧ କରାଇବା । ମୌଳିକ ଗବେଷଣା ଏବଂ ଗବେଷଣାଲବ୍ଧ ଜ୍ଞାନର ପ୍ରକାଶନ ପ୍ରତି ଆମେ ପ୍ରତିଶ୍ରୁତିବଦ୍ଧ। ଆମ ପ୍ରକାଶନଗୁଡ଼ିକ ପ୍ରାଥମିକ ବିଦ୍ୟା ଉପାଦାନର ସଂରକ୍ଷଣ ଏବଂ ଶିକ୍ଷାଦାନର ସମୃଦ୍ଧ । ଏହା ବିଦ୍ୟାବିଭବର ଇତିହାସକୁ ସ୍ଥାନୀୟ ଭାଷାରେ ଆଲୋକନ ଓ ସଂଚରଣ କରିଥାଏ।

ଗୌରାଙ୍ଗ ଚରଣ ଦାଶ
Gourang Charana Dash

PRIMARY SOURCE

ଗଣିତ ପାଣ୍ଡୁଲିପିର
ବର୍ଣ୍ଣନାତ୍ମକ ବିବରଣୀ

Descriptive Catalogue of Odia Ganita Manuscripts

ଜ୍ଞାନ, ସମାଜ, ଇତିହାସ

Knowledge, Society, History

ଜ୍ଞାନ, ସମାଜ, ଇତିହାସ
Knowledge, Society, History

9

କଠିନ ଶ୍ରମ ହିଁ କୌଣସି ସମାଜର ଜ୍ଞାନ ଓ ଚିନ୍ତନ ରୂପାୟନର କାରଣ। ଆମ ମଧ୍ୟରୁ ଅନେକଙ୍କର ଧାରଣା ରହିଛି, ସଂସ୍କୃତରେ ରଚିତ ଶାସ୍ତ୍ର ହିଁ ପାରମ୍ପରିକ ଜ୍ଞାନର ଭଣ୍ଡାର। ମାତ୍ର ଏହା ଏକ ଭ୍ରାନ୍ତ ଅବବୋଧ। ବରଂ ଏକଥା କୁହାଯାଇ ପାରିବ, ଯେ କୌଣସି ଜ୍ଞାନ ସମାଜର ସାଧାରଣ ମଣିଷର ଜୀବନଚର୍ଯ୍ୟା ଏବଂ ସଂସ୍କୃତି-ସମାଜ-ବ୍ୟବସ୍ଥାର ଉତ୍ପାଦନ। ଏହି ଆଭିମୁଖ୍ୟକୁ ପ୍ରତିଷ୍ଠା କରିବା ପାଇଁ ଆମେ ଏକ ପ୍ରକଳ୍ପର ପରିଯୋଜନା କରିଛୁ। ଇତିହାସର ଆଇନାରେ ପରୀକ୍ଷିତ ଜ୍ଞାନଉତ୍ସକୁ ଗ୍ରନ୍ଥରୂପ ଦେଉଛୁ। ସାଧାରଣ ପାଠକମାନଙ୍କ ପାଖରେ ଜ୍ଞାନର ମୁକ୍ତ ବିତରଣ ହିଁ ଏହି ପ୍ରକାଶନର ଉଦ୍ଦେଶ୍ୟ।

Knowledge and thoughts of a society are shaped by its labour. The aim of this book series is to break the common belief that most traditions of knowledge in India are from Sanskrit Sastras. Rather, we demonstrate that knowledge is produced from the social practices and working lives of the people. This series examines sources of written knowledge with the critical lens of history. Our effort is to place these sources in the public domain based on the principles of Open Access Publishing.

ସିରିଜ୍ ସମ୍ପାଦକ	**Series Editor**
ୱାଇ. ସୁବ୍ବାରାୟୁଲୁ	Y. Subbarayalu

ସମ୍ପାଦନା ମଣ୍ଡଳି	**Editorial Board**
ଏ. କେ. ପେରୁମଲ	A. K. Perumal
ଏ. ଶିବସୁବ୍ରମଣ୍ୟମ	A. Sivasubramanian
ଏସ୍. ରାଜଗୋପାଳ	S. Rajagopal
ସେନ୍ଥି ନଟରାଜନ୍	Senthii Natarasan
ଭି. ଭେଦାଚଲମ୍	V. Vedachalam

From the same series

Ceṅkaṟpaṭṭu āvaṇaṅkaḷ:Patiṉeṭṭām nūṟṟāṇṭiṉ kirāma camūkamum varuvāyum
Chengalpattu Records: Eighteenth Century Village Society and Revenue

Eṇcuvaṭi: Tokuppu nūl
Eṇcuvaṭi: Tamil Number Book

Kaṇakkatikāraṁ: malayāḷattile oru gaṇitaśāstra prabandhaṁ
Kaṇakkatikāram : A Mathematical Treatise in Malayalam

ଗଣିତ ପାଣ୍ଡୁଲିପିର
ବର୍ଣ୍ଣନାତ୍ମକ ବିବରଣୀ

Descriptive Catalogue of Odia Ganita Manuscripts

ସମ୍ପାଦନା | **Edited by**

ଗୌରଙ୍ଗ ଚରଣ ଦାଶ | Gourang Charana Dash

ସମ୍ପାଦନା ସହଯୋଗୀ | **Co-Editors**

ସୁଲତା ଦେ | Sulata De

ଶୈଲେନ୍ ରାଉତରାୟ | Sailen Routaray





Palm Leaf Press
23, Kulathumettu Street, Karikalampakkam, Puducherry – 605007.
Email: palmleafeditor@gmail.com
Website: https://palmleafpress.net/

This work is jointly published by Palm Leaf Press and Odisha Sahitya Akademi, Bhubaneswar.

This text © Palm Leaf Press and Odisha Sahitya Akademi, Bhubaneswar, 2024
© Gourang Charana Dash, 2026





This work is licensed under a Creative Commons Attribution-NonCommercial-ShareAlike 4.0 International License. Any part of this publication may be reproduced, stored in a retrieval system or transmitted in any form or by any means without permission provided that the source is fully credited.

This work has received a favourable evaluation by subject-matter experts, through a double-blind peer review process under the responsibility of the Advisory Board of the series.

This publication is supported by the Swiss National Science Foundation Grant No.100011_18213/1 History of Vernacular Mathematics in Medieval South India (Kerala and Tamil Nadu, 9th-16th Centuries) and institutionally supported by ETH Zurich and French Institute of Pondicherry, India.







In collaboration with



South Vision Books



Kaniyam Foundation



Odisha Sahitya Akademi
Bhubaneswar

First edition 2026

Descriptive Catalogue of Odia Ganita Manuscripts
Ganita Pāndulipira Barnanātmaka Bibarani

Typeset by: Siva Prasad Patra
Bindu Creative, Plot: 584, At: Jagamara, Po: Khandagiri, Bhubaneswar 751030, Odisha.

Jacket design by Aadarsh Rajan and Devahar Vijayan

ISBN: 978-81-979456-0-1, e-ISBN: 978-81-979456-9-4

Contents

	ଋଣ ସ୍ୱୀକାର	vii
	Acknowledgment	ix
	ପ୍ରକାଶକୀୟ	xi
	Publisher's Note	xiii
	ସିରିଜ ସମ୍ପାଦକଙ୍କ ଅବତରଣିକା	xxv
	Series Editor's Foreword	xvi
	ଅବତରଣିକା	xvii
	Foreword	xxi
	ମୁଖଶାଳ	xxv
	Preface	xxix
1	ମୁଖବନ୍ଧ Introduction	1
2	ଗଣିତ ପାଣ୍ଡୁଲିପିର ବର୍ଣ୍ଣନାତ୍ମକ ବିବରଣୀ Descriptive Catalogue of Ganita Manuscripts	57
3	ପରିଶିଷ୍ଟ | Appendix	325
	ଓଡ଼ିଶାରେ ପ୍ରଚଳିତ ବିଭିନ୍ନ ପଦାର୍ଥ, ଭୂମି ଓ ସମୟ ମାପ ବିବରଣୀ	325
	Localized units used in Odisha for measurement of Materials, Land and Time	
	ସଂଖ୍ୟାର କ୍ରମ | Chronology of numbers	330
	ପ୍ରାଚୀନ ମୁଦ୍ରା | Ancient Currency	331
	ସମୟ ହିସାବ | Calculation of Time	332
	ଗୋଧନ ହିସାବ | Calculation of Cattle	334
	ଖାଦ୍ୟଶସ୍ୟ କିମ୍ବା କୌଣସି ଦ୍ରବ୍ୟର ମାପ Measure of Food grain or any Commodity	334
	ଦୂରତାର ମାପ | Measure of Distance	335
	ଭାର ହିସାବ | Bhara Calculation	336
	ଗଣିତ ଶାସ୍ତ୍ରର ଲେଖକ Name of the Authors of Ganita Texts	337

ଅଙ୍କ ବହିର ନାମ | Name of Manuscripts 338
ଲୀଳାବତୀ ସୂତ୍ରର ଓଡ଼ିଆ ଅନୁବାଦ 340
Translation of Lilabati Sutra: Odia
ଲୀଳାବତୀ ଅନୁବାଦ: ସଂସ୍କୃତ ଓ ଓଡ଼ିଆ 341
Lilabati Translation : Sanskrit and Odia
ଚଉତିଶା ଶୈଳୀରେ ଗଣିତ | Mathematics in Chautisa Form 342
4 ଶବ୍ଦାବଳୀ | Glossary 344

ଋଣ ସ୍ୱୀକାର

ଫେବୃଆରି, ୨୦୧୮ରେ ମୁଁ ଅଧିକାରବୋଧ - ସଂକ୍ରମିତ ବିଚିତ୍ର ପ୍ରଶ୍ନ ଶୁଣେ - "ଫ୍ରେନ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପଣ୍ଡିଚେରୀ, ଓଡ଼ିଶା ରାଜ୍ୟ ସଂହାଳୟରେ ଗଚ୍ଛିତ ଗଣିତ-ପାଣ୍ଡୁଲିପିଗୁଡ଼ିକର ଏକ ବର୍ଣ୍ଣନାତ୍ମକ ପଞ୍ଜିକା ପ୍ରସ୍ତୁତ କରିବାପାଇଁ ବିଶେଷ ଆଗ୍ରହୀ। ଅବଧି ମାତ୍ର ଚାରି ମାସ। ଆମେ ବସିଛୁ, ଇନ୍‌ଷ୍ଟିଚ୍ୟୁଟର କର୍ମକର୍ତ୍ତା ଡକ୍ଟର ସେଛିଲ୍ ଏବଂ ଡକ୍ଟର ଶୈଲେନ୍ ରାଉତରାୟ। ଭାରତବର୍ଷର ଗଣିତ ଚର୍ଚ୍ଚାରେ ଏହି ପଞ୍ଜିକା ବିଶେଷ ସହାୟକ ହେବ ଏବଂ, ଉଦ୍ୟମର ଶୁଭାରମ୍ଭ ଓଡ଼ିଶାରୁ।" ପ୍ରଶ୍ନକର୍ତ୍ତୀ, ରାଜ୍ୟ ସଂଗ୍ରହାଳୟ ପୋଥି-ବିଭାଗର ମୁଖ୍ୟ, ଶ୍ରୀମତୀ ଭାଗ୍ୟଲିପି ମଲ୍ଲ।

ପ୍ରଶ୍ନ ମୋ ପାଇଁ କିମ୍ଭୂତ ଥିଲା। ହଠାତ୍ ଉତ୍ତର ଥିଲା - "ନା। ଗଣିତ ଆଉ ମୁଁ। ପାଣି ଆଉ ଛେଳି। ଅନ୍ୟ କାହାକୁ ନିଯୁକ୍ତ କରିପାରନ୍ତି। ମୁଁ ମୋ ସୀମାବଦ୍ଧତା ସମ୍ପର୍କରେ ସଚେତନ। ଏହା ଗଣିତବିଦ୍ୟା ବିଶାରଦମାନଙ୍କର କାମ।"

ଉତ୍ତର ଥିଲା - "ଆମେ ଅବଶ୍ୟ ଯୋଗ୍ୟମାନଙ୍କର ଏକ ସମ୍ଭାବ୍ୟ ତାଲିକା ତିଆରି କରିଛୁ। ମାତ୍ର ତାଳପତ୍ରର ଅକ୍ଷର ପଢ଼ିବାପାଇଁ ସମର୍ଥମାନଙ୍କର ଅଭାବ। ଆପଣ ପୋଖରୀରେ ମାଛ-ଭଣ୍ଡାର ଦେଖାଇ ଦିଅନ୍ତୁ। ସେବାକାର୍ଯ୍ୟ ଅନ୍ୟମାନଙ୍କର, ଏହା ଏକ ଜାତୀୟ କାର୍ଯ୍ୟ, ସାହାଯ୍ୟ କରିବେ।"

ସତ କଥା କହିଲେ, ଜାତୀୟତାବୋଧ ଏକ ବିନାଶକାରୀ ଓ ଅଧ୍ୟାତ୍ମ-ଯାତ୍ରା ବିରୋଧୀ ସମ୍ପ୍ରତ୍ୟୟ। ମାତ୍ର କେଜାଣି କାହିଁକି ଏହି ଭାବ ବ୍ୟକ୍ତିକୁ ଉଚାଟ କରେ। ମୋ କ୍ଷେତ୍ରରେ ତାହା ହିଁ ଘଟିଲା। ମୋ ଭୂମିରୁ ଗଣିତବିଦ୍ୟା ଚର୍ଚ୍ଚାର ଯାତ୍ରାରମ୍ଭ - ଏହି ଭାବ ମୋର ବିଚାରଭ୍ରଷ୍ଟର କାରଣ ହେଲା। ଅସହାୟତା ଓ ଅସାମର୍ଥ୍ୟକୁ ମୁକୁଟକରି ନିଜ ସାମର୍ଥ୍ୟକୁ ଘୋଷଣା କରି ଦେଲି। ଅର୍ଥାତ୍ ହଁ କରିଦେଲି। କାମ ଆରମ୍ଭ ହେଲା ଏପ୍ରିଲ ମାସରେ। ମାତ୍ର ଭଣ୍ଡାର ଘର ଭିତରେ ପଶିବା ମାତ୍ରକେ ଚେତନା ଚମକି ପଡ଼ିଲା। ଏତେ ବିପୁଳ ଓ ବିଚିତ୍ର ସଂପଦକୁ ମାତ୍ର ଚାରି ମାସ ଅବଧିରେ ସମାପ୍ତ କରିପାରିବା କ'ଣ ସମ୍ଭବ? ଚାରି ମାସର ଅବଧି ଆଠମାସ ଛୁଇଁଲା। ଜଣକ ଜୀବନର ଆଠ ମାସର ଆୟୁଷ ଅଙ୍କ-ପ୍ରୀତିରେ ବହିଗଲା । ମାତ୍ର ସମୟର ଏହି ବହମାନତାରେ ଅନେକଙ୍କୁ ମିତ୍ର କରିଛି। ସେମାନେ ଯଥାର୍ଥତଃ ମୋର ପ୍ରାଣଶକ୍ତି। ସେମାନେ ଫ୍ରେନ୍ଚ ଇନ୍‌ଷ୍ଟିଚ୍ୟୁଟ, ପଣ୍ଡିଚେରୀର କର୍ମକର୍ତ୍ତା ଓ ଡକ୍ଟର ସେଛିଲ୍ ବାବୁ, ଡକ୍ଟର ଦେବୀ ପ୍ରସାଦ ମିଶ୍ର, ରାଜ୍ୟ ସଂଗ୍ରହାଳୟର ମୁଖ୍ୟ ଶ୍ରୀମତୀ ଜୟନ୍ତୀ ରଥ ଏବଂ ପୋଥି ବିଭାଗର ଅଧ୍ୟକ୍ଷ ଡକ୍ଟର ଭାଗ୍ୟଲିପି ମଲ୍ଲ, ଶ୍ରୀମତୀ ସୁଲତା ଦେ ଏବଂ ଡକ୍ଟର ଶୈଲେନ୍ ରାଉତରାୟ। ଏବଂ, ଯିଏ ପାଠ ବିଶ୍ଳେଷଣ ଓ ପାଣ୍ଡୁଲିପି ପ୍ରସ୍ତୁତିରେ ମୋର ଅନ୍ୟତମ ସହଯୋଗୀ, ସେ ଡକ୍ଟର ସାବିତ୍ରୀ ଦାଶ। ସମସ୍ତଙ୍କୁ ମୋର ଶ୍ରଦ୍ଧା ଓ ସମ୍ମାନ। ଏବଂ, ଜଣକୁ ଧନ୍ୟବାଦ ଦେବା ପାଇଁ ମୋ ପାଖରେ ଭାଷାର ଅଭାବ - ସେ ଓଡ଼ିଶା ସାହିତ୍ୟ ଏକାଡେମୀର ବିଦଗ୍ଧ ସଚିବ ଡ. ଚନ୍ଦ୍ରଶେଖର ହୋତା, ଏହି ଗ୍ରନ୍ଥର ପ୍ରକାଶକ ।

ଦୁଇ

ଏବେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଂଗରେ କିଛି କହିବାର ଆବଶ୍ୟକତା ଅନୁଭବ କରୁଛି। ମୁଁ ଜଣେ

ଅକ୍ଷରକର୍ମୀ, ଅଙ୍କକର୍ମୀ ନୁହେଁ। ମାତ୍ର ଅଙ୍କ ଓ ଅକ୍ଷର ମଧ୍ୟରେ କୌଣସି ଭିନ୍ନତା ଅଛି କି? ଯଦି ଭିନ୍ନତା ରହିଛି, ଏହା ସମ୍ପୂର୍ଣ୍ଣ ବିପରୀତମୁଖୀ, ନା ସମ୍ପର୍କିତ - କୌଣସି ନା କୌଣସି ସୂତ୍ରରେ ମୋ ଚେତନାର ଭୂମିରେ ଏହି ଦ୍ୱନ୍ଦ୍ୱ (ନା, ବରଂ ମହାଦ୍ୱନ୍ଦ୍ୱ କହିବି)। ପ୍ରଥମେ ବୀଜାୟିତ ହୋଇଥିଲା ପ୍ରସ୍ତାବଟି କାନରେ ପଡ଼ିବା ମାତ୍ରେ। ମୁଁ ଜାଣିଥିଲି, ଗଣିତ ଚର୍ଚ୍ଚା, ଜଣେ ଗଣିତ ବିଦ୍ୟାବିଦଙ୍କ ମାଧ୍ୟମରେ ସମ୍ପାଦିତ ହେବା ଆବଶ୍ୟକ। କାରଣ ପୋଥିପଢ଼ିବା ଏବଂ ପୋଥିଗତବିଦ୍ୟାର ଚର୍ଚ୍ଚା - ଦୁଇଟି ଭିନ୍ନ କଥା। ମିତ୍ରମାନଙ୍କ କଟାଳରେ ସିନା ହଁ କରିଦେଲି, ମାତ୍ର କାମ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ - ଅଲାକୁକତା ଓ ଅସହାୟତା ବୋଧଦ୍ୱାରା ସଂକ୍ରମିତ ହୋଇ ରହିଛି। ଏବଂ, ରହିବି ଆମୃତ୍ୟୁ । ଏହା ଏକ ଅପରାଧ ନିଶ୍ଚୟ, ବରଂ ଅକ୍ଷମଣୀୟ। ମାତ୍ର ଅପରାଧବୋଧ ସମୁଦ୍ରରେ ବୁଡ଼ିରହିଥିବା କାଳରେ ଆଖିଖୋଲିବା ପାଇଁ ଦୁଃସାହସ କରିଛି। ଖୋଲିଛି। ଲକ୍ଷ୍ୟ କରିଛି, ପୋଥିଗୁଡ଼ିକର ପତ୍ରରେ ନା ଅଛି ଅଙ୍କ, କିମ୍ବା ନା ଅଛି ଅକ୍ଷର। କେବଳ ଅଛି, ଅଙ୍କ ଓ ଅକ୍ଷରମାନଙ୍କର ସମାହିତ - ଅଭିସାର। ଅଭିସାରର ଚିତ୍ର ମୋତେ ଚକିତ କରିଛି। ଅନୁଭବ କରିଛି, 'ବୋଧ' ଯେ କୌଣସି ବିଦ୍ୟାଭେଦନର ପ୍ରଥମ ମନ୍ତ୍ର, ଗୁଣସୂତ୍ର। ସୂକ୍ଷ୍ମ ଭାବରେ ଦେଖିଲେ, ପ୍ରତ୍ୟେକ ବିଦ୍ୟା ପରସ୍ପର ସହିତ ସୂତ୍ରାୟିତ ଏବଂ ସ୍ୱୀକାର କରିବାକୁ ହେବ ଯେ, ପ୍ରତ୍ୟେକ ବିଦ୍ୟାର ମୂଳାଧାର ଅଙ୍କବୋଧ। ଅକ୍ଷର ଅନ୍ୟ କିଛି ନୁହେଁ, ଜଗତର ସର୍ଜନ ରହସ୍ୟକୁ ସ୍ପଷ୍ଟତର ଭାବରେ ପ୍ରକାଶ କରିବାପାଇଁ ଏକ ଅଚ୍ଛଦ୍ମ ମାଧ୍ୟମ। ଅଚ୍ଛଦ୍ମ କହିବାର କାରଣ, ଅକ୍ଷର ଏକ ପ୍ରତୀକ ବା ଚିହ୍ନ - ଯାହା ମାଧ୍ୟମରେ ଆମେ ସୂକ୍ଷ୍ମତାକୁ ସମୁଭାସିତ କରୁ। ସୂକ୍ଷ୍ମ, ଯାହା ଅଦୃଶ୍ୟ, ତାହାକୁ ଦୃଶ୍ୟମାନ କରିବା। ଏବଂ, ସେହି ଦୃଶ୍ୟ ମାଧ୍ୟମରେ ଆତ୍ମଦର୍ଶନର ସୁଯୋଗ ଦେବା - ଆଦୌ ସହଜ ନୁହେଁ। ଗଣିତବିଦ୍ୟାବୋଧ ଅକ୍ଷରବୋଧକୁ ସୂକ୍ଷ୍ମତମ କରିବାର ଆଦି ମାଧ୍ୟମ। ତେଣୁ ଯେକୌଣସି ସର୍ଜନକର୍ମ (ନୃତ୍ୟ, ସଂଗୀତ, ବାଦ୍ୟ, ସ୍ଥାପତ୍ୟ, ଚିତ୍ର, ଦର୍ଶନ ଓ ସମାଜବିଦ୍ୟା ଏବଂ ପ୍ରାକୃତିକ ବିଜ୍ଞାନ ଇତ୍ୟାଦିର) ଉତ୍ସ ହେଉଛି ଅଙ୍କ। ଅଙ୍କ ପୋଥିଗୁଡ଼ିକରେ ଏହି ତତ୍ତ୍ୱ ଯେ ସୂକ୍ଷ୍ମ ଭାବରେ କ୍ରିୟାଶୀଳ, ମୁଁ ଅନୁଭବ କରିଛି। ପୁଣି ଅନୁଭବ କରିଛି, ଆମ ଅଙ୍କ ପୋଥିଗୁଡ଼ିକ ସାହିତ୍ୟ, ଭାଷା, ଦର୍ଶନ, ଚିତ୍ର ଓ ସ୍ଥାପତ୍ୟ ଆଦି କଳା ଏବଂ ଧର୍ମ, ଦର୍ଶନ ଓ ସମାଜ ବ୍ୟବସ୍ଥାର ନାନ୍ଦନିକ ଉଦ୍ଭାସନ। ଅନୁଭବ କରିଛି - ମୁଁ ନା ଅଙ୍କକର୍ମୀ, ନା ଅକ୍ଷରକର୍ମୀ, ବରଂ ଉଭୟ କର୍ମ-ଅନୁରକ୍ତ ଯାତ୍ରୀମାତ୍ର। ଅନୁଭବ କରିଛି, ଅକ୍ଷର ଓ ଅଙ୍କର ଅଚ୍ଛଦ୍ମ - ଅଭିସାର, ମୋତେ ସାହିତ୍ୟ ଇତିହାସର ପୁନର୍ଗଠନପାଇଁ ନୂଆ ଆଖି ଦେଇଛି ଏବଂ ଏହା ସ୍ୱୀକାର କରିବାରେ ମୋର ଆଦୌ କୁଣ୍ଠା ନାହିଁ ଯେ, ସକଳ ବିଦ୍ୟାର ନିରନ୍ତର ଯାତ୍ରାର ଦିବ୍ୟଭୂମି, ଅଙ୍କ।

ଏହି ସ୍ୱତନ୍ତ୍ର ଅବବୋଧରେ ମୋ ଯାତ୍ରାକୁ ଅଭିମନ୍ତ୍ରିତ କରିଥିବାରୁ, ଯାତ୍ରା - ସମ୍ପୃକ୍ତ ସକଳଙ୍କ ପାଖରେ ଋଣ ସ୍ୱୀକାର କରୁଛି। ଆଶା କରୁଛି, ପୃଥିବୀର ଅବଶିଷ୍ଟ ମଣିଷମାନେ ବର୍ଣ୍ଣନାତ୍ମକ ଗଣିତ ପୋଥିପାଞ୍ଜିମାଧ୍ୟମରେ ଓଡ଼ିଶାର ବୌଦ୍ଧିକ ବିଭବ ଅନୁଭବରେ ସମର୍ଥ ହେବେ।

ଗୌରାଙ୍ଗ ଚରଣ ଦାସ

Acknowledgment

During Dr Senthil Babu's visit to Odisha State Museum, in February 2018, in a discussion I was asked a completely perplexing question by the Superintendent of Odisha State Museum, Bhubaneswar, Smt. Bhagyalipi Malla. To put it in her own words "The French Institute of Pondicherry is interested in preparing a descriptive catalogue of the mathematical manuscripts stored in the Odisha State manuscripts library within four months. We are currently sitting with Dr. Senthil Babu, a researcher from the French Institute of Pondicherry, and Dr. Sailen Routray. This catalogue will significantly enhance the dialogue surrounding history of mathematics in India, and it begins in Odisha". Honestly, my immediately reply was 'no'. I declined it not because I did not want to do it or due to the shorter time span offered for the work, rather, it was because of the lack of my confidence in engaging with manuscripts on mathematics.

However, it was Mrs. Bhagyalipi Malla, Dr. Senthil Babu, and Dr. Sailen Routray who persuaded me emphasizing the significance of such an initiative. They mentioned about plans for a nation wide archive of mathematical manuscripts, and it would be of great inspiration if I can start it from Odisha. I tried to convince them, as the student of literature it would be an up hill task for me to prepare a text of this kind, and a mathematician should be look up for this purpose. I was told that there could be a list of qualified candidates, but apparently most of them lack the skill to read the alphabets inscribed on palm leaf manuscripts. So, I was convinced with the reassurance that my role was simply to show the fish, the way to the tank or the pond. Rest shall be handled by others.

To be honest, nationalism may be a destructive ideology. perhaps sometimes, it can also make some sense to do something for the need of hour.. I accepted the challenge with great interest.. My journey began with a discussion on mathematics rooted in my own province —this thought clouded my judgment. Though, earlier, I expressed my helplessness and inability; considering the significance of its contribution I had to declare my willingness to undertake the task.

The work commenced in April. Once I entered the treasure of manuscripts, I was amazed with the resources all around me.. At the same time, was troubled by the fact that how could such a vast and unique resource truly be nurtured in just four months? So we extended the duration from four months to eight months. During these eight months, I fell in love with mathematics. Throughout this period, the communications and discussions at various levels forged many friendships. My Friends at the French Institute in Pondicherry, Dr. Senthil Babu, Dr. Devi Prasad Mishra. Mrs. Jayanti Rath; the Head of the State Museum, Dr. Bhagyalipi Malla, Superintendent of State Museum. Mrs. Sulata Dey, Dr. Sailen Routray, and Dr. Savitri Dash, who collaborated with me on the textual analysis

from the manuscript and in the preparation of bilingual catalogue became my lifeline. I hold them all deep love and respect for their contributions.

I should confess that I am a person of literature, not mathematics. And, I owe thousands of thanks to Dr. Chandrasekhar Hota, the Secretary of the Odisha Sahitya Akademi, who ventured to publish this book with love and sincerity. But then, is there truly a distinction between letters and numbers? Of course it is entirely opposite and unrelated. This was the perception that existed in within my consciousness. This dilemma weighs heavily upon me. Once the initial proposal fell on deaf ears, I thought to produce this catalogue with a definite acumen of mathematics scholarship, which would be needed. Inputs from mathematicians are crucial for editing. As reading the manuscripts and participating in academic discussions on mathematics are two distinct entities, so I presumed that discussions concerning mathematics must be conducted by someone with mathematical expertise. Since, I reluctantly agreed to proceed with the help of my colleagues, I felt a persistent sense of awkwardness and helplessness throughout the process. To me, I felt like a crime, committing injustice to the discipline and felt compelled to act while simultaneously burdened with guilt.

When I began to explore the pages of the manuscript, I discovered not just numbers or letters, but an intricate collection of characters in numerals and alphabets. The realization hit me hard. I recognized that 'Bodh' is the foundational concept of any science, the essence of which is intricately detailed. Every scientific discipline is interwoven, and it is crucial to acknowledge that the root of all science is none other than the alphabet. This subtle medium effectively conveys the secrets of the world's creator. It is subtle because the alphabet serves as a symbol or sign—through which we visualize the intangible. Making the imperceptible visible and allowing for self-reflection. Mathematics is the primary means of refined letters. Consequently, various art forms (dance, music, architecture, painting, philosophy, sociology, natural sciences, etc.) stem from numbers, an experience I have come to understand deeply. I further recognize our manuscripts as aesthetic inventions encompassing literature, language, philosophy, painting, architecture, religion, and social order. I have traversed a journey that integrates both mathematics and literature; thus, I find myself neither solely a mathematician nor merely a writer, but rather a fusion of both. The interplay between numbers and letters has provided me with a revitalized perspective on reconstructing the history of literature. I readily admit that the continuous journey of all sciences is founded upon the divine ground of numbers. I am indebted to all those who contributed to this journey for making my experience memorable and for granting me this unique insight. I sincerely hope that the world will come to appreciate Odisha's intellectual potential through the descriptive catalogue of mathematical manuscripts.

Gourang Charan Dash

ପ୍ରକାଶକୀୟ

ଓଡ଼ିଆ ଗଣିତ ପାଣ୍ଡୁଲିପିର ବର୍ଣ୍ଣନାତ୍ମକ ବିବରଣୀ, ଓଡିଶା ସାହିତ୍ୟ ଏକାଡେମୀ ପ୍ରକାଶିତ ଗ୍ରନ୍ଥଗୁଡିକ ମଧ୍ୟରେ ସ୍ୱତନ୍ତ୍ର ଅଭିଲେଖ । ଏହି ପ୍ରରୂପର ଗ୍ରନ୍ଥ ଅତୀତର ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପ୍ରକାଶ କରିଛି, ମାତ୍ର ପ୍ରସ୍ତୁତ ଗ୍ରନ୍ଥ ସେଗୁଡ଼ିକ ମଧ୍ୟରେ ବ୍ୟତିକ୍ରମ । ଗ୍ରନ୍ଥର ଉତ୍ସ, ଓଡିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ । ଗଣିତବିଦ୍ୟା ପାଣ୍ଡୁଲିପି ସମ୍ଭାର ଆପଣାର ପରିଚୟ ହଜାଇ ଦେବାକୁ ଅପେକ୍ଷା କରିଥିଲେ । ଏହି ପୁସ୍ତକ ସଂକଳନ କରି ଶ୍ରୀ ଗୌରାଙ୍ଗ ଚରଣ ଦାଶ, ଶ୍ରୀମତୀ ସୁଲତା ଦେଓ ଓ ଶ୍ରୀ ଶୈଲେନ ରାଉତରାୟ ଗଣିତବିଦ୍ୟାର ସୁରକ୍ଷା ଓ ଚର୍ଚ୍ଚାକ୍ଷେତ୍ରରେ ଏକ ପରିମଣ୍ଡଳ ପ୍ରସ୍ତୁତ କରିଛନ୍ତି । ତେଣୁ ପ୍ରଥମେ ସେମାନଙ୍କୁ ଏବଂ ଏପରି ଏକ ଉଦ୍ୟମର ସୂତ୍ରଧର ପଣ୍ଡିଚେରୀସ୍ଥିତ ଫ୍ରେଞ୍ଚ ଇନଷ୍ଟିଚ୍ୟୁଟ୍‌କୁ ସାଧୁବାଦ ଜଣାଉଛୁ । ଏତେ ଦୂରରେ ଥାଇ ଓଡିଶାର ବିଦ୍ୟାଲୋକ ସେମାନଙ୍କୁ ଆକର୍ଷିତ କରିଛି, ଏହା ସାଧାରଣ କଥା ନୁହେଁ ।

ପ୍ରସ୍ତୁତ ଗ୍ରନ୍ଥ ବହୁ ପୂର୍ବରୁ ପ୍ରକାଶନର ଅପେକ୍ଷା ରଖିଥିଲା । ପାଣ୍ଡୁଲିପିରେ ଥିବା ସଂକ୍ଷିପ୍ତ ବିବରଣୀ ପଢ଼ିଲେ ଯେ କୌଣସି ଓଡିଆ ପାଠକ ଆଶ୍ଚର୍ଯ୍ୟ ହେବ । ତା ଆଖିରେ ସ୍ପଷ୍ଟ ହୋଇଯିବ, ଆପଣା ଭୂମିରେ ଗଣିତ ପରି ଏକ ଜଟିଳ ବିଦ୍ୟାର ଚର୍ଚ୍ଚା-ପରମ୍ପରା କେତେ ସମୃଦ୍ଧ ଥିଲା । ଅତୀତରେ ଭାରତବର୍ଷର ଗଣିତବିଦ୍ୟାବିଦ୍‌ମାନେ ସଂସ୍କୃତଭାଷା ମାଧ୍ୟମରେ ଓଡିଶାକୁ ଆସିଛନ୍ତି । ଓଡିଶାରେ ବି ଗଣିତ ବିଦ୍ୟାଚର୍ଚ୍ଚାର ସ୍ୱତନ୍ତ୍ରତା ରହିଛି । ବିଦ୍ୟା ସାଧନା ପାଇଁ ବିଦ୍ୱାନଗୋଷ୍ଠୀ ଜନ୍ମ ନେଇଛନ୍ତି । ଯାହା ଗୁରୁତ୍ୱପୂର୍ଣ୍ଣ, ସେମାନେ କେବଳ ଗଣିତବିଦ୍ୟା ଅବଗାହୀ ନୁହନ୍ତି – କବି, କଥାକାର, ଏବଂ ସମାଜ ବ୍ୟବସ୍ଥା ଓ ସଂସ୍କୃତିର ଭାଷ୍ୟକାର। ଗାଁର ସାଧାରଣ ମଣିଷ ଓ ବିଦ୍ୟାର୍ଥୀମାନଙ୍କ ପାଖରେ ଜଟିଳବିଦ୍ୟାର ଅବବୋଧ, ସ୍ମୃତିରେ ସଂରକ୍ଷଣ ଓ ପ୍ରସାରଣପାଇଁ ବିଦ୍ୟାର ସୂତ୍ରଗୁଡ଼ିକୁ ଛନ୍ଦୋବଦ୍ଧ ରୀତିରେ, ରାଗ ରାଗିଣୀରେ ଲେଖିଛନ୍ତି, ଗପ କହିଛନ୍ତି । ଗପରେ ରହିଛି, ସମାଜର ବିଭିନ୍ନବର୍ଗର ମଣିଷମାଙ୍କ ଧର୍ମ ବିଶ୍ୱାସ, ଚଳଣୀ ଓ ଚରିତ୍ରର ଗାଥା । ତେଣୁ କୁହାଯାଇପାରିବ, ଗଣିତ ପୋଥିଗୁଡ଼ିକ ଗଣିତବିଦ୍ୟାର କେବଳ ବ୍ୟାଖ୍ୟାନ ନୁହେଁ, ଏକ ଏକ ରସଗ୍ରନ୍ଥ । ଏଗୁଡ଼ିକ ମାଧ୍ୟମ ଦେଇ, ଓଡ଼ିଆ ଗଦ୍ୟର ଇତିହାସ ମଧ୍ୟ ଲେଖାଯାଇପାରିବ । ମାଗୁଣି ଦାଶ ନାମକ ଜଣେ ଗଣିତଜ୍ଞ ସିଦ୍ଧାନ୍ତ ଶିରୋମଣି ଗଣିତ ଗ୍ରନ୍ଥକୁ ମନ୍ଦାର୍ଥବୋଧିନୀ ଟୀକା ନାମରେ ଅନୁବାଦ କରିଛନ୍ତି । ଅନୂଦିତ ସଂସ୍କୃତ ଗ୍ରନ୍ଥଗୁଡିକ ମଧ୍ୟରେ ଅଧିକ ଲୋକପ୍ରିୟ ଲୋକନାଥ ନାୟକଙ୍କ ଲୀଳାବତୀସୂତ୍ର। ଚାଟଶାଳୀରେ ବ୍ୟବହୃତ ଶତସଂଖ୍ୟକ ପଢ଼ାବହି ସହିତ ଏଗୁଡ଼ିକର ମଧ୍ୟ ଚର୍ଚ୍ଚାର ଆବଶ୍ୟକତା ରହିଛି । ଏକଥା କହିବାର ଆଦୌ ଦ୍ୱିଧା ନାହିଁ ଯେ, ପ୍ରସ୍ତୁତ ଗ୍ରନ୍ଥ ଓଡ଼ିଶାରେ ଗଣିତବିଦ୍ୟା ଚର୍ଚ୍ଚା ସହିତ ଓଡ଼ିଆ ସାହିତ୍ୟର ଇତିହାସ ଗଢଣ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରିବ । ଓଡ଼ିଶା ସାହିତ୍ୟ ଏକାଡେମୀ ଭବିଷ୍ୟତରେ ଉପର୍ଯ୍ୟୁକ୍ତ ଗ୍ରନ୍ଥ ପ୍ରକାଶନ ପାଇଁ ଅବଶ୍ୟ ଉଦ୍ୟମ କରିବ ।

ଏହି ଗ୍ରନ୍ଥ ପ୍ରକାଶନ ଅବକାଶରେ ମୁଁ ଫ୍ରେଞ୍ଚ ଇନଷ୍ଟିଚ୍ୟୁଟ୍, ପଣ୍ଡିଚେରୀର ଗବେଷକ ସେଛିଲ ବାବୁ, ରାଜ୍ୟ ସଂଗ୍ରହାଳୟର ସେହି ସମୟର ଅଧିକ୍ଷକ ଡକ୍ଟର ଜୟନ୍ତୀ ରଥ, ପୋଥି

ବିଭାଗର କ୍ୟୁରେଟର ଡକ୍ଟର ଭାଗ୍ୟଲିପି ମଲ୍ଲ ଏବଂ ପାଣ୍ଡୁଲିପି ବ୍ୟାଖ୍ୟାକାରମାନଙ୍କ ପାଖରେ ଶ୍ରଦ୍ଧା ନିବେଦନ କରୁଛି ।

ଡକ୍ଟର ଚନ୍ଦ୍ରଶେଖର ହୋତା
ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ

Publisher's Note

The descriptive catalogue of Odia mathematical manuscripts is a distinct and valuable record among the publications of the Odisha Sahitya Akademi. Works of this nature were earlier published by the Odisha State Museum, but the present volume stands apart from them. The source materials for this book are preserved in the Odisha State Museum. The collection of mathematical manuscripts had long been awaiting recognition, on the verge of losing its identity. By compiling this book, Shri Gouranga Charan Dash, Smt. Sulata Deo, and Shri Shailan Rautaray have created an important platform for the preservation and study of mathematical knowledge. We therefore first extend our congratulations to them, as well as to the French Institute, Puducherry, which has been the guiding force behind such an initiative. That the intellectual heritage of Odisha has attracted scholars from so far away is by no means an ordinary matter.

The present volume had been awaiting publication for a long time. Any Odia reader who goes through the brief descriptions contained in these manuscripts will be astonished. It becomes clearly evident how rich and well-established the tradition of studying a complex discipline like mathematics was in our own land. In the past, mathematicians from different parts of India came to Odisha through the medium of Sanskrit. Odisha, too, developed its own distinctive tradition of mathematical scholarship. Learned circles emerged for the pursuit of knowledge. What is particularly noteworthy is that these scholars were not merely mathematicians—they were poets, storytellers, and interpreters of social organization and culture as well. To make complex knowledge comprehensible, memorable, and transmissible to common villagers and students, they composed mathematical principles in metrical form, set to tunes and melodies, and narrated them through stories. These stories embody the religious beliefs, customs, and characters of people from different strata of society. Hence, it may be said that mathematical texts are not merely explanations of mathematics; each of them is also a literary work of aesthetic value. Through them, the history of Odia prose can also be written.

A mathematician named Maguni Dash translated the celebrated mathematical treatise Siddhanta Shiromani under the title Mandarthabodhini Tika. Among the translated Sanskrit works, Lokanath Nayak's Lilavati Sutra became particularly popular. Along with the hundreds of textbooks used in traditional schools (Chatasalis), these works too deserve renewed discussion and study. There is no hesitation

in stating that the present volume will play a unique role both in the study of mathematics in Odisha and in the construction of the history of Odia literature. The Odisha Sahitya Akademi will certainly endeavor in the future to publish more such important works.

On the occasion of the publication of this book, I express my deep respect and gratitude to Mr. Senthil Babu, researcher at the French Institute, Puducherry; Dr. Jayanti Rath, then Director of the State Museum; Dr. Bhagyalipi Malla, Curator of the Manuscripts Section; and all the scholars who interpreted and explained the manuscripts.

Dr. Chandrasekhar Hota
Secretary, Odisha Sahitya Akademi

ସିରିଜ ସମ୍ପାଦକଙ୍କ ଅବତରଣିକା

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱରରେ ରହିଛି ୨୪୮ ଖଣ୍ଡ ଗଣିତ ପାଣ୍ଡୁଲିପି। ଏଗୁଡ଼ିକ ପ୍ରାୟ ୫୦ରୁ ଅଧିକ ସଂଖ୍ୟକ ଗଣିତଜ୍ଞଙ୍କଦ୍ୱାରା ରଚିତ ପାରମ୍ପରିକ ଗଣିତଶାସ୍ତ୍ରର ପ୍ରତିଲିପି ଏବଂ ଅବଧାନମାନଙ୍କ ଦ୍ୱାରା ପ୍ରସ୍ତୁତ। ବ୍ରିଟିଶ୍ ଉପନିବେଶ ଦ୍ୱାରା ବିଭିନ୍ନ ଅଞ୍ଚଳରେ ବିଦ୍ୟାଳୟଗୁଡ଼ିକ ପ୍ରତିଷ୍ଠା ପରେ ମଧ୍ୟ ଏଗୁଡ଼ିକ ଶିକ୍ଷାଦାନର ମାଧ୍ୟମ ଥିଲା।

ଗଣିତଶାସ୍ତ୍ରଗୁଡ଼ିକରେ ସାଧାରଣ ମଣିଷର ଜୀବନ ଓ ସମାଜ-ବ୍ୟବସ୍ଥାର ବର୍ଣ୍ଣନା ମଧ୍ୟ ରହିଛି। ଅଧିକ ସଂଖ୍ୟକ ପାଣ୍ଡୁଲିପି ଜମିଜମା ମାପକୈନ୍ଦ୍ରିକ। କାରଣ ମାପ ଉପରେ ହିଁ ତାହାର ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ। ଗୁରୁତ୍ୱପୂର୍ଣ୍ଣ କଥା, ଗଣିତ ପରି ଜଟିଳ ବିଦ୍ୟାକୁ ସରଳ, ସରସ, ଚିତ୍ତ ପ୍ରସାଦକ ଓ ମନେ ରଖିବା ପାଇଁ ସୂତ୍ରଗୁଡ଼ିକ ବିଭିନ୍ନ ରାଗରାଗିଣୀରେ ଲେଖାଯାଇଛି, ସମାଜର ବହୁବିଧ ସମସ୍ୟାର ଛବି ମଧ୍ୟ ରହିଛି।

ଓଡ଼ିଆରେ ପ୍ରସ୍ତୁତ ଗଣିତଶାସ୍ତ୍ରଗୁଡ଼ିକର ବର୍ଣ୍ଣନାତ୍ମକ କାଟଲଗ୍ ଏହି ଭୂଖଣ୍ଡର ଗଣିତବିଦ୍ୟା ଅଧ୍ୟୟନ ଓ ଅଧ୍ୟାପନ ଇତିହାସର ଉଦାହରଣ। ଆମର ବିଶ୍ୱାସ, ଛାତ୍ର ଓ ଗବେଷକମାନେ କାଟଲଗ୍ ମାଧ୍ୟମରେ ଜମିର ଆୟତନ, ବିଭିନ୍ନ ପଦାର୍ଥର ମାପ ଓ ମୂଲ୍ୟ ନିରୂପଣ ଆଦି ନାନା ପ୍ରସଙ୍ଗ ଜାଣିପାରିବେ। ବିଦ୍ୟାର୍ଥୀ, ଗବେଷକ ଓ ଶିକ୍ଷକମାନଙ୍କର ଆବଶ୍ୟକତା ପୂରଣରେ ଏହା ସହାୟକ ହୋଇପାରିବ।

ୱାଇ. ସୁବ୍ବାରାୟୁଲୁ
କୋଏମ୍ବାଟୁର, ଜୁନ୍, ୨୦୨୩

Series Editor's Foreword

The present work is a bilingual Descriptive Catalogue of Ganita Manuscripts that were in use during the pre-colonial centuries in Odisha. These manuscripts, numbering nearly 240, are well preserved in the Odisha State Museum, Bhubaneswar. The authorities of the Museum were generous in permitting and cooperating in the preparation of the catalogue. The catalogue is an important byproduct of a collaborative project on Vernacular Mathematical Cultures in India being undertaken in the French Institute of Pondicherry in collaboration with ETH, Zurich. As explained in detail by Roy Wagner and Senthil Babu in their Forewords, this work prepared by Professor Gourang Chrana Dash and his colleagues will help to understand the rich vernacular mathematical practices in pre-modern Odisha and help in a comparative study of similar material found in other languages. I thank the editor and his team for their painstaking and important academic product.

Y. Subbarayalu
Coimbatore, June, 2023

ଅବତରଣିକା

ଆଧୁନିକ ଭାରତରେ ଗଣିତବିଦ୍ୟା ଚର୍ଚ୍ଚା ଇତିହାସ ଅଧିକ କାଳର ନୁହେଁ, ବ୍ରିଟିସ ଶାସନ କାଳରେ ସୃଷ୍ଟ ଜାତୀୟତାବାଦ ଭାବାଦର୍ଶର ଏହା ଉଜ୍ଜାରଣ । ମାତ୍ର ବିଦ୍ୟାର ଇତିହାସ ସୁପ୍ରାଚୀନ । ଏହା ଜାତିକୈନ୍ଦ୍ରିକ ଥିଲା ଏବଂ ସମାଜ ଥିଲା ଏହାର ପ୍ରୟୋଗ ଓ ପରୀକ୍ଷଣର କ୍ଷେତ୍ର । ବିଦେଶୀ ବିଦ୍ୱାନମାନଙ୍କ ବିଦ୍ୟାପ୍ରୀତି, ଚର୍ଚ୍ଚାକୁ ନୂଆ ଆୟାମ ଦେଇଛି । ଏବଂ, ବିଦ୍ୟାଚର୍ଚ୍ଚାରେ ସେମାନେ ସଂସ୍କୃତ ଭାଷାରେ ଲିଖିତ ଗ୍ରନ୍ଥକୁ ଉହ୍ୟ ଭାବରେ ଗ୍ରହଣ କରିଛନ୍ତି । ମାତ୍ର ବାସ୍ତବତଃ, ଆମ ସମାଜଜୀବନର ପ୍ରାୟ ସକଳ କ୍ଷେତ୍ରରେ ଗଣିତ ପ୍ରଧାନ ବିଦ୍ୟା ଥିଲା । କାରିଗର, ବଣିକ, କଳାକାର, ଜ୍ୟୋତିଷ ଓ ହିସାବରକ୍ଷକ ଆଦି ଜନଗୋଷ୍ଠୀ ବିଦ୍ୟା ବ୍ୟବହାରର ମାଧ୍ୟମ ଥିଲେ । ଏଥିପାଇଁ ଆଞ୍ଚଳିକ ଭାଷାରେ ଗଣିତ ଗ୍ରନ୍ଥମାନ ଲେଖାଯାଇଛି । ପାଠଶାଳା ଓ ଘରେ ବିଦ୍ୟା ସାଧନ କରାଯାଇଛି । ଏବଂ ଉପନିବେଶ ଶାସନ କାଳରେ ଏହାର ଅଧ୍ୟାପନାରେ ପରିବର୍ତ୍ତନ ଆସିଛି । ମାତ୍ର ଆମ ଗଣିତବିଦ୍ୟା ଇତିହାସର ଲେଖନକାରମାନେ ବିଦ୍ୟାର ଲୋକାୟନ ପରଂପରାକୁ ପ୍ରାୟତଃ ଅଣଦେଖା କରିଛନ୍ତି । ସେମାନେ ଗ୍ରହଣ କରିନେଇଛନ୍ତି, ପ୍ରାନ୍ତୀୟ ଭାଷାରେ ପ୍ରଚଳିତ ଗ୍ରନ୍ଥ ଓ ଲୋକମୁଖରେ କଥିତ ସୂତ୍ରଗୁଡିକ ସଂସ୍କୃତ ଗ୍ରନ୍ଥର ଅନୁବାଦ । ଆମେ, ସମୟକ୍ରମେ ଅନୁଭବ କଲୁ, ବିଦ୍ୟାର ଇତିହାସ ଗଢଣରେ ଏହା ବିଜ୍ଞାନଦୃଷ୍ଟି ସମ୍ପନ୍ନ ମାନସିକତା ନୁହେଁ। ଇତିହାସ ଗଢିବାକୁ ହେଲେ, ଆମକୁ ଜାତିଭିତ୍ତିରେ ବହୁଧା ବିଭକ୍ତ ସମାଜରେ ବଞ୍ଚୁଥିବା ମଣିଷମାନଙ୍କର ମସ୍ତିଷ୍କ ଓ କାର୍ଯ୍ୟଧାରା ସମ୍ପର୍କରେ ସଚେତନ ହେବାକୁ ପଡିବ । ଏହି ମାନସିକତାରୁ ଜନ୍ମ, ଭାରତର ବିଭିନ୍ନ ଅଞ୍ଚଳ ଓ ଭାଷାରେ ମିଳୁଥିବା ଗଣିତ ପାଣ୍ଡୁଲିପିଗୁଡିକର ସଂଗ୍ରହ, ପଠନ ଓ ବର୍ଣ୍ଣନାତ୍ମକ କାଟଲଗ ପ୍ରସ୍ତୁତି ।

ମୁଁ ଆରମ୍ଭରେ ସୂଚନା ଦେଇଛି, ଆମ ସମାଜ ବ୍ୟବସ୍ଥା ଅତ୍ୟନ୍ତ ଜଟିଳ, ଏବଂ ବ୍ୟକ୍ତି ଓ ସମାଜ ଜୀବନରେ ପ୍ରତ୍ୟେକ କ୍ଷେତ୍ର: ଯଥା- ସଂଖ୍ୟାଗଣନା, ପଦାର୍ଥଗୁଡିକର ପରିମାଣ ଓ କ୍ଷେତ୍ରର ମାପରେ ଗଣିତର ପ୍ରୟୋଗ ସ୍ପଷ୍ଟ । ସକଳ ଭୂମି ଓ ଭାଷାରେ ପ୍ରୟୋଗଗତ ବିବିଧତା ରହିଛି। ଗ୍ରନ୍ଥମାନ ମଧ୍ୟ ରହିଛି । ମାତ୍ର ସେଗୁଡିକ ଆଖି ଆଡୁଆଳରେ ରହିଯାଇଛନ୍ତି। ଆଲୋଚନାର ପରିସରକୁ ଆସିପାରିନାହାନ୍ତି । ବିଭିନ୍ନ ଅଞ୍ଚଳ ଓ ସଂସ୍କୃତିରେ ଗ୍ରନ୍ଥ ରଚନାର ଇତିହାସ ଅବଶ୍ୟ ଅଧିକ କାଳର ନୁହେଁ, ପ୍ରାୟ ପଂଚଦଶ ଶତାବ୍ଦୀ । ଏଗୁଡିକ ସମାଜରେ ପ୍ରସାରିତ ହୋଇଛି । ରଚନା ଶୈଳୀ ମଧ୍ୟ ବୈଚିତ୍ର୍ୟପୂର୍ଣ୍ଣ। କେଉଁ ଗ୍ରନ୍ଥର ସୂତ୍ର ଓ ବ୍ୟାଖ୍ୟା, ଉଭୟ ବିଭିନ୍ନ ରାଗରାଗିଣୀରେ ସମୃଦ୍ଧ ଗୀତ; କାହାର ପ୍ରଶ୍ନ, ସୂତ୍ର ଗୀତ ଓ ବ୍ୟାଖ୍ୟା ଗଦ୍ୟ ଅଥବା ସଂଳାପ । ମାତ୍ର ପ୍ରକାଶ ଯେଉଁ ରୀତିର ହେଉ, ତାହା ଏତେ ସରଳ ଯେ, ପଢୁ ପଢୁ ବୁଝି ହୋଇଯିବ। ଜଟିଳ ସୂତ୍ରଗୁଡିକ ଶ୍ରୋତାଙ୍କ ମନରେ ଲେଖି ହୋଇଯିବ । କେବଳ ଏତିକି ନୁହେଁ, ଗଣିତ ସୂତ୍ର ସମାଧାନ ପାଇଁ ସମାଜର ବିଭିନ୍ନ ଘଟଣା, କଥା ମଧ୍ୟ କୁହାଯାଇଛି । ଶ୍ରୋତାକୁ ଲାଗିବ, ସେ ଗପ ଶୁଣୁଛି । ତା ନିତିଦିନିଆ ଅନୁଭବର କଥା । ଗଣିତବିଦ୍ୟା ତୁଣ୍ଡରୁ ତୁଣ୍ଡକୁ ପ୍ରସରି ଯାଉଛି । ସେମାନେ କୃଷକ, ଶ୍ରମିକ, ଶିଳ୍ପୀ, କଳାକାର, ବ୍ୟବସାୟୀ-ନାନା ମାନସିକତା ଓ ବୃତ୍ତିର ମଣିଷ। ସେମାନେ ସହଜରେ ଜମିର ଆୟତନ ମାପି ଦେଉଛନ୍ତି । ଘର ଓ ମନ୍ଦିର ଏବଂ ଚଉତରା ତିଆରି କରିଦେଉଛନ୍ତି । କୂଅ ଓ ପୋଖରୀ ଖୋଳି ଦେଉଛନ୍ତି, ମାପ ଉପକରଣ ମାଧ୍ୟମରେ ଶସ୍ୟ ମାପୁଛନ୍ତି ଓ ବିକୁଛନ୍ତି, ଏପରିକି ସୁନା, ରୂପା ମାଣିକ ପରି ମୂଲ୍ୟବାନ ପଦାର୍ଥ ଓ ଆକାଶରେ ଗତିଶୀଳ ଗ୍ରହ, ତାରା ଏବଂ ସମୟକୁ ବି ମାପି ଦେଉଛନ୍ତି । ପାଠ ପଢିନାହାନ୍ତି, ଅକ୍ଷର ଶିଖିନାହାନ୍ତି । ସବୁ ସୂତ୍ର ମନରେ ରହିଯାଇଛି । ମାପ ଓ ହିସାବ ଭୁଲ ହେଉନାହିଁ । ସମୟକ୍ରମେ ଗାଁ ଗାଁରେ ପାଠଶାଳା (ଚାଟଶାଳି) ଖୋଲିଛି । ବହି ଲେଖାଯାଇଛି ।

ଗାଁର ଶିକ୍ଷକମାନେ ପିଲାମାନଙ୍କୁ ଅକ୍ଷର ସହିତ ଅଙ୍କ ବି ପଢାଉଛନ୍ତି । ଅଙ୍କର ସୂତ୍ରକୁ ସହଜରେ ବୁଝିବା ପାଇଁ ଚିତ୍ର ଓ ସାରଣି (ଟେବୁଲ) ମାନ ଅଙ୍କାଯାଉଛି । ମଧ୍ୟଯୁଗରେ ଭାରତର ପ୍ରତ୍ୟେକ ଭୂମି ଓ ଭାଷାରେ ଗଣିତ ଶିଖିବା ଓ ଅଭ୍ୟାସ କରିବାର ଏଇ ଦୁଇଟି ଧାରା-ମୌଖିକ ଓ ଲିଖିତ ରୂପରେ ଜୀବନ୍ତ ରହିଛି ।

ଗଣିତ ଶିକ୍ଷାର ସର୍ବଭାରତୀୟ ଚିତ୍ରର କେତୋଟି ଉଦାହରଣ-ବଙ୍ଗଳାର **ଶୁଭଂକରି**, ଆସାମର **କଉତୁକ ଆରୁ କେଥେଲି ଅଙ୍କ**, ଏବଂ ଓଡିଶାର **ଲୀଳାବତୀ ସୂତ୍ର** । ଚତୁର୍ଦ୍ଦଶ ଶତାବ୍ଦୀ ପ୍ରାକୃତଭାଷାରେ ଲେଖାଯାଇଛି **ଗଣିତ ସାର କୌମୁଦି**। ଉତ୍ତରଭାରତରେ ଏହା ଏକ ଲୋକପ୍ରିୟ ରଚନା। ଏକାଦଶ ଶତାବ୍ଦୀରେ, **ପଭୁଲୁର ଗଣିତଭୁ** ତେଲୁଗୁ ଭାଷାରେ ଲେଖାଯାଇଛି । ମୋଗଲ ଶାସନ କାଳରେ ପାର୍ସି ଭାଷାରେ ଲିଖିତ ଅନ୍ୟ ଏକ ସ୍ୱତନ୍ତ୍ର ଗ୍ରନ୍ଥ **ଦସ୍ତୁର ଉ-ଅମର** । ଆମେ ଗଣିତବିଦ୍ୟା ଚର୍ଚ୍ଚାର ଲିଖିତ ରୂପ ଖୋଜା କାଳରେ ଉପର୍ଯ୍ୟୁକ୍ତ ଗ୍ରନ୍ଥଗୁଡିକ ହାତରେ ଧରିଛୁ । ଏଗୁଡିକ ଛାପା ବହି ନୁହେଁ, ତାଳପତ୍ରରେ ଖୋଦିତ । ଗ୍ରନ୍ଥ ପ୍ରସ୍ତୁତିରେ ଲେଖନକାର, ପ୍ରଶାସକ, ବିଦ୍ୟାବିତ୍- କେତେ କେତେ ବ୍ୟକ୍ତିବିଶେଷଙ୍କ ଶ୍ରମ ଓ ସାଧନା ରହିଛି । ଗଣିତବିଦ୍ୟାର ଇତିହାସ ରଚନା କାଳରେ ସେମାନଙ୍କ ଶ୍ରମର କ୍ରିଟିକାଲ ପରୀକ୍ଷଣକୁ କଣ ଅଣଦେଖା କରାଯାଇପାରିବ ? ଦୈନନ୍ଦିନ ଜୀବନଚର୍ଯ୍ୟାରେ ବିଦ୍ୟାର ଅଭ୍ୟାସ କ'ଣ କେବଳ ପ୍ରୟୋଗ ମାତ୍ର ? ବିଦ୍ୟାର ପ୍ରୟୋଗ କଣ ଏକ ଯାନ୍ତ୍ରିକ ପ୍ରକ୍ରିୟା, ସମାଜଭୂମିରେ ଆବଶ୍ୟକତା ପୂରଣ ପାଇଁ ବ୍ୟକ୍ତିକ ଅଭ୍ୟାସ ବା ଆଚରଣ ବିଦ୍ୟା/ଜ୍ଞାନ ପ୍ରସାରଣରେ ମାର୍ଗଦର୍ଶିକା ନଥିଲା ବୋଲି କହିପାରିବା ? କୌଣସି ଏକ ଭୂମିର ଆୟତନ ମାପିବା ପୂର୍ବରୁ ଜଣେ ମାପକାରୀ କଣ ବିଦ୍ୟାର ସୂତ୍ର ସମ୍ପର୍କରେ ପ୍ରଥମେ ଅବଗତ ହେବା ପାଇଁ ବାଧ୍ୟ ? ବାସ୍ତବତଃ ଜଣେ ବିଦ୍ୟା-ପ୍ରୟୋଗକାରୀ ମନରେ ତତସଂକ୍ରାନ୍ତରେ ଏକ ସ୍ପଷ୍ଟ ଧାରଣା ଥାଏ ଏବଂ ଏହି ଧାରଣା ବାସ୍ତବରେ ରୂପାନ୍ତର ହୁଏ । ଏହା ଜଟିଳ ଓ ଅଥବା ସରଳ ହୋଇପାରେ । ତେଣୁ କୁହାଯାଇପାରିବ, ଗଣିତବିଦ୍ୟା ଅବବୋଧ-ଯାତ୍ରା ଆଦୌ ସହଜ ନୁହେଁ, ଜଟିଳ । ଏକ ମୁକ୍ତ ଓ ନିୟତଯାତ୍ରା । ଆବଷ୍ଟ୍ରାକ୍ଟ ଓ କନକ୍ରିଟର ସହଯାତ୍ରା ।

ବ୍ରିଟିସ ଶାସନ ପୂର୍ବରୁ ଜାତି, ଅଂଚଳ ଓ ଭାଷାଗତ ବିଭେଦତା ସତ୍ତ୍ୱେ ଭାରତବର୍ଷରେ ଗଣିତ କିପରି ସମାଜ ବ୍ୟବସ୍ଥା ନିୟନ୍ତ୍ରଣ କ୍ଷେତ୍ରରେ ଏକ ପ୍ରଭାବଶାଳୀ ବିଦ୍ୟା ଥିଲା, ତତସଂକ୍ରାନ୍ତରେ ଗବେଷଣା ଏକ ସହଜ ପ୍ରସଙ୍ଗ ନୁହେଁ । ଇଷ୍ଟଇଣ୍ଡିଆ କମ୍ପାନୀ ଭାରତରେ ତାହାର ବ୍ୟବସାୟ ଆରମ୍ଭ କରିଛି । ବିଦେଶୀମାନଙ୍କ ଗଣିତର ପ୍ରୟୋଗରୀତି ଦେଶୀମାନଙ୍କଠାରୁ ସ୍ୱତନ୍ତ୍ର। ଦେଶୀଲୋକମାନେ କ୍ଷମତାଶାଳୀ ବିଦେଶୀମାନଙ୍କ ସଂସ୍ପର୍ଶରେ ଆସିଛନ୍ତି । ସେମାନେ କଣ ବିଦେଶୀ ପ୍ରବର୍ତ୍ତିତ ନୂଆ ଧାରାକୁ ସହଜରେ ଗ୍ରହଣ କରିଛନ୍ତି? ଏହା ଏକ ଜଟିଳ ପରିମଣ୍ଡଳ ସୃଷ୍ଟି କରିଛି । ସ୍କୁଲ ଖୋଲିଛି । ପ୍ରଶାସନ ଆପଣା ଦେଶର ବିଦ୍ୟାକୁ ସ୍କୁଲ ମାଧ୍ୟମରେ ପ୍ରୟୋଗ କରୁଛି। କ୍ଷମତା- ସେବୀ ରାଜକର୍ମଚାରୀମାନେ ମଧ୍ୟ ଅଛନ୍ତି । ଅନ୍ୟପକ୍ଷରେ, ସାଧାରଣ ମଣିଷର ମନରେ ପରମ୍ପରା ମଧ୍ୟ କ୍ରିୟାଶୀଳ ରହିଛି। ସମକାଳରେ ଦୁଇ ସ୍ରୋତ ମଧ୍ୟରେ ସଂଘର୍ଷ ଅନିବାର୍ଯ୍ୟ ହୋଇଛି ।

ନୂଆ ଗଣିତପାଠର ଖସଡାରେ କେତେ କେତେ ବିଷୟ ରହିଛି । ସେଗୁଡିକ ହିସାବ କରିବା ପାଇଁ ସାରଣି, ଭୂରାଜସ୍ୱ ହିସାବ ଖାତା, ରେଭେନିଉ ସଂଗ୍ରହ ନିୟମ, ତଥ୍ୟର ସଂରକ୍ଷଣ ଇତ୍ୟାଦି । ଏହି କାମ କରୁଥିବା ମଣିଷମାନଙ୍କର ପରିଚୟ ମଧ୍ୟ ବଦଳିଯାଉଛି । ସେମାନେ ଆମ ସମାଜ ବ୍ୟବସ୍ଥାରେ ପରିଚିତ ନିର୍ଦ୍ଦିଷ୍ଟ ଜାତି ଓ ବର୍ଗର ମଣିଷ ନୁହନ୍ତି । ପରଂପରାଚ୍ୟୁତ ଆଧୁନିକ ଗୋତ୍ରର ମଣିଷ ।

ସ୍ଥିର କଲୁ, ଗଣିତବିଦ୍ୟାର ଧାରା ଜାଣିବାକୁ ହେଲେ, ଆମକୁ ବିଭିନ୍ନ ଆଞ୍ଚଳିକ ଭାଷାରେ ଲିଖିତ ଉତ୍ସ ସଂଗ୍ରହ ଓ ସଂରକ୍ଷଣ ସହିତ ଗୁଣସୂତ୍ର ଖୋଜିବାକୁ ହେବ । ଏଥିସହିତ ଖୋଜିବାକୁ ହେବ ଉପନିବେଶ ଶାସନ କାଳରେ ଗାଁଗୁଡିକରେ ଜମି, ମଣିଷମାନଙ୍କର ଜାତିଗତ ଓ ବୃତ୍ତିଗତ ପରିଚୟ ଓ ଆର୍ଥିକ ସ୍ଥିତିର ବିବରଣୀ; ବ୍ରିଟିସ ରେଭିନିଉ ସଂଗ୍ରହ, ସର୍ବେକ୍ଷଣ ମାନୁଆଲ, ଜମିଜମାର ଆୟତନ ଓ ପରିମାଣ ମାପ, ପଦାର୍ଥ ମାପ, ପଦାର୍ଥ ଓ ଭୂମି କ୍ରୟବିକ୍ରୟ ଓ କରର ବିବରଣୀ । କାରଣ ଏଗୁଡିକ ଏକ ଜଟିଳ ସମାଜ ବ୍ୟବସ୍ଥା ସହିତ ସମ୍ବନ୍ଧିତ । ଏଗୁଡିକ ଠାବ କରିପାରିଲେ, ଆମେ ବଂଚୁଥିବା ପୃଥିବୀର ସୂକ୍ଷ୍ମଚିତ୍ର ସ୍ପଷ୍ଟ ହୋଇଯିବ ।

ଭାରତର ବିଭିନ୍ନ ଅଞ୍ଚଳର ସଂସ୍କୃତିର ଗଣିତର ନାନା ପ୍ରକାରର ପ୍ରୟୋଗ ରହିଛି । ଏବଂ ବିଦ୍ୟାର ସାମାଜିକ ଇତିହାସର ପୁନର୍ଗଠନର ଆମ ପାଇଁ ବିଭିନ୍ନ ଅଞ୍ଚଳର ଶିକ୍ଷାଦାନ ପଦ୍ଧତି ସମ୍ପର୍କରେ ସ୍ପଷ୍ଟ ଧାରଣା ଗୁରୁତ୍ୱପୂର୍ଣ୍ଣ । ତେଣୁ ଆମେ ସିଦ୍ଧାନ୍ତ ନେଲୁ, ଭାରତର ବିଭିନ୍ନ ଅଞ୍ଚଳ ଓ ଭାଷାରେ ପ୍ରଚଳିତ ଗଣିତବିଦ୍ୟା ସଂକ୍ରାନ୍ତ ତଥ୍ୟ ସଂଗ୍ରହ ଓ ବିଶ୍ଳେଷଣ କରିବୁ, ସକଳ ତଥ୍ୟକୁ ସଂପାଦିବୁ ଏବଂ ସେଗୁଡିକୁ ସର୍ବସାଧାରଣ ପାଖରେ ସହଜଲଭ୍ୟ କରିଦେବୁ । ତଥ୍ୟଗୁଡିକ ବିଦ୍ୟା ଅଧ୍ୟୟନ କ୍ଷେତ୍ରରେ ଅନ୍ତର୍ଭାରତୀୟ ସେତୁ ପରି କାମ କରିବ । ଲକ୍ଷ୍ୟପୂରଣ ପାଇଁ ବିଭିନ୍ନ ଅଞ୍ଚଳ ଓ ଭାଷାରେ ଗଣିତବିଦ୍ୟା ଆଗ୍ରହୀ ଗବେଷକ, ଛାତ୍ର, ଶିକ୍ଷକ, ସାଧାରଣ ବ୍ୟକ୍ତିବିଶେଷ ଓ ବିଦ୍ୟା-ପ୍ରୟୋଗକାରୀମାନଙ୍କ ସମ୍ପର୍କ ଯୋଡିଲୁ । ଏକ ମୁକ୍ତ ଓ ସାଧାରଣ ଉପଲବ୍ଧ ସଂଗ୍ରହାଳୟ ତିଆରି କଲୁ । ନାଁ ଦେଲୁ https://echoes.ifpindia.org and https://exhibits.cooponscitech.in ଏଥିରେ ସଂପାଦି ଦେଲୁ ପ୍ରାକ-ଆଧୁନିକକାଳୀନ ଭାରତର ବିଭିନ୍ନ ଭାଷାରେ ରଚିତ ଗଣିତ ଗ୍ରନ୍ଥ ।

ସେଗୁଡିକ:

୧. ଦେଶୀୟ ଭାଷାରେ ପ୍ରସ୍ତୁତ ଗଣିତଶାସ୍ତ୍ରର ପାଣ୍ଡୁଲିପି ।

୨. ଗ୍ରାମଗୁଡିକର ଭୂରାଜସ୍ୱ ବିବରଣୀ, ରାଜ୍ୟଶାସନ ଓ ମନ୍ଦିରରେ ବ୍ୟବହୃତ ହିସାବଖାତା । କାରଣ ଏଗୁଡିକ ବିଶେଷଜ୍ଞ ହିସାବରକ୍ଷକମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥାଏ ।

୩. ହିସାବ ବହି ଓ ସାହୁକାର ଓ କରଣମାନଙ୍କ ଦ୍ୱାରା ପ୍ରସ୍ତୁତ ମାନୁଆଲ । ଦକ୍ଷିଣଭାରତର ଚେଟିଆର, କରମଣ୍ଡଳ ଉପକୂଳର ମାରିକ୍କୟର, ଓଡିଶାର କରଣମାନେ ଏହି ବୃତ୍ତିର ମଣିଷ ।

୪. ବିଭିନ୍ନ କଳାକର୍ମ, ଯଥା- ମନ୍ଦିର ଓ ମୂର୍ତ୍ତି, ନଉକା ଓ ଜାହାଜ ନିର୍ମାତାମାନଙ୍କ ଦ୍ୱାରା ପ୍ରସ୍ତୁତ ମାନୁଆଲ ।

୫. ବିଦ୍ୟାଳୟ ଓ ଅନ୍ୟତ୍ର ବ୍ୟବହୃତ ଗଣିତ ସଂକ୍ରାନ୍ତ ଗ୍ରନ୍ଥ ।

ଗଣିତ ରାଇଜର ବୈଚିତ୍ର୍ୟ ଖୋଜ କାଳରେ ଓଡିଶା ଆମ ଆଖି ଆଗରେ ସ୍ପଷ୍ଟତର ହୋଇଗଲା । ଜାଣିବାକୁ ପାଇଲୁ, ରାଜ୍ୟ ସଂଗ୍ରହାଳୟ ଓ ଅନ୍ୟତ୍ର ବହୁଗଣିତ ପୋଥି ସୁରକ୍ଷିତ ରହିଛି । ସଂଗ୍ରହାଳୟର କର୍ମକର୍ତ୍ତା ଓ ଆଗ୍ରହୀ ଗବେଷକମାନଙ୍କ ସହ ଯୋଗାଯୋଗ କଲୁ। କାଟଲଗ ପ୍ରସ୍ତୁତି ଆରମ୍ଭ ହେଲା । କୌଣସି ଦେଶୀୟ ଭାଷାରେ ଏହା ଆମ ପ୍ରକଳ୍ପର ଶୁଭାରମ୍ଭ । ଓଡିଶା ଭୂଖଣ୍ଡରେ ଗଣିତବିଦ୍ୟାର ଗ୍ରନ୍ଥ ଓ ପ୍ରୟୋଗବୈଚିତ୍ର୍ୟ ଆମକୁ ଅଭିଭୂତ କଲା । ଆଖି ଖୋଲିଦେଲା । ପ୍ରଫେସର ଗୌରାଙ୍ଗ

ଚରଣ ଦାଶ କାଟଲଗ ପ୍ରସ୍ତୁତିର ନେତୃତ୍ୱ ନେଲେ । ସେ ଏକା ନୁହନ୍ତି, ତାଙ୍କ ସହିତ ଯୋଗଦେଲେ ଅନ୍ୟ ଆଗ୍ରହୀ ଗବେଷକ ଓ ଗବେଷିକା । ଓଡିଶାର ଗଣିତବିଦ୍ୟା ଚର୍ଚ୍ଚା ଇତିହାସ ବିଶ୍ୱ ପରିଚିତ ପାଇଲା । ପ୍ରଫେସର ଦାଶ **ଲୀଳାବତୀ** ସୂତ୍ର ମଧ୍ୟ ସଂପାଦନା କରୁଛନ୍ତି । ମାତ୍ର ଏହି ଗ୍ରନ୍ଥ ପ୍ରସ୍ତୁତିରେ ପ୍ରଧାନ ସ୍ଥପତ୍ତି, ପ୍ରେରଣାଦାତ୍ରୀ ହେଉଛନ୍ତି ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡକ୍ଟର ଭାଗ୍ୟଲିପି ମଲ୍ଲ । ଶ୍ରୀମତୀ ମଲ୍ଲଙ୍କ ଉତ୍ସାହ ଓ କର୍ମନିଷ୍ଠା ଆମକୁ ବିସ୍ମିତ କରିଛି । ଓଡିଶାରୁ ଅନ୍ୟ ଭୂମିକୁ ଯାତ୍ରା ପାଇଁ ଅନୁପ୍ରେରିତ କରିଛି । ମୋର ବନ୍ଧୁ ଶୈଲେନ ରାଉତରାୟ ପ୍ରକଳ୍ପର ମାର୍ଗଦର୍ଶକର ଭୂମିକା ନେଇଛନ୍ତି । କର୍ମ ପ୍ରତି ତାଙ୍କ ଅଙ୍ଗୀକାରବଦ୍ଧତା ସ୍ୱତନ୍ତ୍ର । ଏହି ଅବକାଶରେ ମୁଁ ମୋର ବନ୍ଧୁ ଓ ପ୍ରକଳ୍ପ ସଂଯୋଜକ ଇଟିଏଚ, ଜୁରିକର ପ୍ରଫେସର ରୟ ଓାଗନରଙ୍କ ଆଗ୍ରହ ଓ ଆର୍ଥିକ ସହାୟତାକୁ ସ୍ମରଣ କରୁଛି । ପ୍ରକଳ୍ପର ରୂପାୟନରେ ଆମ ସହିତ ଯୋଗ ଦେଇଛନ୍ତି ସୁଇସ ନ୍ୟାସନାଲ ଫାଉଣ୍ଡେସନର କର୍ମକର୍ତ୍ତା । ଫାଉଣ୍ଡେସନର ପ୍ରକଳ୍ପ History of Verncular Mathematies in Medieval South Indiaର ଏହା ଅଂଶ ବିଶେଷ ।

ସେନଥିଲ ବାବୁ
ଫ୍ରେନ୍ଚ ଇନଷ୍ଟିଚ୍ୟୁଟ ଅଫ ପଣ୍ଡିଚେରି

Foreword

Histories of Indian mathematics were a product of a global circulation of knowledge orchestrated by colonial encounter and nationalist history making. Processes by which theoretical practices in mathematics gained and acquired privilege over that of the practical, and the practitioner, in a caste society requires the attention of scholars and the public. Sanskrit mathematical texts have been the primary sources for the writing of these histories. This Catalogue is inspired by a research programme on a social history of mathematics as practice, as activities done by practitioners like the artisans, the accountants and the merchants in the pre-colonial knowledge traditions in India and their transformation during the colonial rule. This involved the study of mathematical texts in regional languages of India as records of practice. These texts have hitherto received no attention from historians as they have been considered either as mere translations of the canonical Sanskrit texts, or as those that merely applied the theories developed through the computational astronomical tradition. To question and contextualize the assumptions behind such a historiography is but only a beginning in understanding the relationship between the mind and the hand in a caste segregated society.

As part of this programme, we are investigating the different pathways of mathematization, where in, the practical work of counting, measuring and weighing immersed in the complex social networks of the real world pursuits would become significant. There exist unexplored and undocumented sources in all Indian languages that testify to a distinct possibility for a social history of mathematics in India. These are texts which were in circulation in the different regional cultures and languages, since the fifteenth century, if not earlier. These are records of socially embedded practice of computations. Written as prosodic verses, or composed as songs or in plain prose commentaries or even as dialogues, these texts show how knowledge circulated orally through the realm of practice of producers, workers, accountants, a 'measuring public' of an agrarian, mercantile social order, and among teachers, apprentices and students. Measuring land, weighing gold, computing wages, measuring and distributing produce, estimating and computing time constitute the orientation of these texts. In fact some of these texts, such as in Tamil and Malayalam, classified computational problems into sections on Land, Gold, Paddy, Rice, Stone, wood and time – not based on computational rules or oriented towards the stars and the sky. Memory techniques were central to the circulation and transmission of such practices, helping them transmit beyond the practitioner to non-practitioners, through apprenticeship at work and training through elementary schools or 'pathshalas' in most regions of India. Elementary number primers, arithmetic table books like the Eṇcuvaṭi in Tamil, balaganitam in Telugu and such in several

other Indian languages, which the products of pedagogic practices in these schools would then become important sources for the study of mathematization.

These texts along with similar texts in other Indian languages compel the creation of an archive to help us study the different modes of mathematical practice in pre-colonial India. The Subhankari texts in Bengal, the Kautuk Aru Kaitheli Amka in Assam, the Lilavatisutra in Odia, the Ganitasarakaumudi written in Apabrahmsa in the fourteenth-century North India, the Pavuluruganitamu in Telugu of the eleventh century and the Dastur-u-Amal in Persian from the Mughal period point to the potential of making such an archive as well as important records of mathematical practice. In these texts, the producers, workers and administrative professionals represented themselves through their work and skills. Their work might have seemed laborious, practical, physical and therefore unworthy of critical examination to historians. Would practice then merely mean application? Why is application usually taken to be a mechanical act, devoid of subjectivity ignoring the social conditions in which specialized knowledge forms circulated? When the practitioners did mensuration, did they study theoretical geometry first and then apply it in their work, looking for an 'Euclidean blueprint' of the world in their practice? How rigid or flexible was the nature of the boundary between the concrete and the abstract in such practice? How critical would this mathematical experience be for us to understand the continuous quest for context free abstraction that has come to define mathematical knowledge making?

What then would constitute mathematical practice in pre-colonial India? How are we to search for a method for the history of knowledge practice that situates knowledge forms and the ways of their pursuit, in time, locality, language and caste? What happened to this world of practice during the early colonial encounter when ways of measuring under the British East India company demanded different modes of practice from the very same practitioners? How did their practical knowledge change through their participation in the making of a new colonial revenue administration? What and how did a different public for mathematics evolve during the course of nineteenth century under the British colonial rule with new rules and new schools?

How could computational practice be studied as work in distinct occupations? What kinds of memory practices intercede with the realm of work and transmission of computational knowledge?

Early modern mathematical texts, school table books, accountant's revenue registers and the colonial revenue administration centered record keeping practices when studied together indicate the shifting nature

of recording and manipulation of data along with the changes in the nature of work of the practitioners and their social profiles. How do we understand numerical practices as social, in such data-registers, through shifting regimes of work and state-making?

Our programme will collect, archive and publish regional language treatises, pedagogic manuals, village accountant registers, colonial revenue administration records, survey manuals and textbooks to investigate these questions by plotting the different pathways of mathematization, where in the practical work of counting, measuring and weighing immersed in the complex social networks of the real world pursuits become crucial determinants for the apprehension of mathematics itself.

In a research programme in the making, on Vernacular Mathematical Cultures in India, we want to reconstruct a social history of a variety of mathematical practices and cultures in the Indian regions. To begin with, we realize that it is important to explore, identify and create a public database of historical sources in all Indian languages in relation to mathematical practices, so that the writing of such a history becomes possible. We hope to bring together interested scholars, students and public enthusiasts interested in the history of mathematics understood through the vernaculars and situated in the regional cultures, and to make historical records of practitioners' mathematics in India available as an open public archive, as in https://echoes.ifpindia.org and https://exhibits.cooponscitech.in

The Material includes a variety of pre modern mathematical sources, which reflect the entire textual scope of vernacular mathematical cultures:

- Manuscripts of mathematical treatises in vernacular languages
- Revenue accounts of village, the state administration and temple accounting registers that will introduce us to computational practices of specialist professionals of mathematics at the work place in history
- Accounting books and manuals of banking communities, merchants and traders like the Chettiars of South India and the Maraikkayars of the Coramandel Coast
- Manuals of artisans and craft workers like sculptors, boat makers and architects
- School and pedagogical mathematical texts

It is part of this initiative that we came across this fascinating and unique world of such a mathematical practices recorded in Odia language, well preserved and documented by the Odisha Government Museum,

Bhubaneswar. We have benefited from the enthusiastic and generous cooperation of individuals and institutions in the state of Orissa, who consistently supported this project. The experience of curating such a catalogue from a regional language corpus has also provided insights to us, about differences in practices and traditions of pedagogic and work place practices that involved mathematical practice. Prof. Gauranga Dash kindly heeded to the necessity of placing these primary source records in the public domain and worked hard in putting this catalogue together, and has also in the process, produced an edition of a Lilavatisutra, which we hope to publish soon. Dr. Bhagyalipi Malla's generosity and kindness, together with her able leadership of the Odisha State Museum was an inspiring experience for us, and an example, which we hope in different regional archives and museums for our project. Dr. Sailen Routray as a friend and guide helped us through this project and defined our commitment to it. I would like to thank my friend and collaborator, Roy Wagner at ETH Zurich who through a small grant facilitated this project, and later through the resources of our collaborative project on the History of Vernacular Mathematics in Medieval south India, funded by the Swiss National Science Foundation, from 2019 to 2024.

Senthil Babu
French Institute of Pondicherry

ମୁଖଶାଳା

ଏକ ବିଦ୍ୟାଶୃଙ୍ଖଳା ଭାବରେ ଗଣିତବିଦ୍ୟାକୁ ସ୍ୱତନ୍ତ୍ର କୁହାଯାଏ, ପ୍ରଶଂସା କରାଯାଏ। ବିଦ୍ୟାପ୍ରତି ସମ୍ମାନ ଅବଶ୍ୟ ଭଲ କଥା, ମାତ୍ର ବେଳେ ବେଳେ ପ୍ରଶଂସା ଅଧିକ ମନେହୁଏ। ତେଣୁ ବିଦ୍ୟାର ପ୍ରଶସ୍ତି କାଳରେ ଭୁଲିଯିବା ଉଚିତ ନୁହେ ଯେ, ଏହା ପରସ୍ପର ବିରୋଧୀ ଭାବାଦର୍ଶ ହୋଇପାରେ। ଯେପରି, ଉପଯୋଗୀ-ଅନୁପଯୋଗୀ, ସୁନ୍ଦର-ଅସୁନ୍ଦର, ସହଜ-କ୍ଲେଶକର, ଜାଗତିକ-ଆଧ୍ୟାତ୍ମିକ। କୌଣସି ଗୋଟିଏ ବି ହୋଇପାରେ। ତେଣୁ ବିଦ୍ୟାର ବସ୍ତୁନିଷ୍ଠ ଚର୍ଚ୍ଚା ଗୁରୁତ୍ୱପୂର୍ଣ୍ଣ।

ଗଣିତବିଦ୍ୟାକୁ ଏତେ ପ୍ରଶଂସା କରିବାର କାରଣ, ଏହାର ପ୍ରାଚୀନତା ଓ ଶୁଦ୍ଧତା। ବିଦ୍ୟା-ଐତିହାସିକମାନେ ଏହାର ପ୍ରାଚୀନ-ରହସ୍ୟମୟ ରୂପ ଅନୁଶୀଳନ ପ୍ରତି ଶ୍ରଦ୍ଧାଶୀଳ ହୋଇଛନ୍ତି। କିନ୍ତୁ ବାସ୍ତବତା ହେଉଛି, ଗଣିତବିଦ୍ୟା ପ୍ରାଚୀନ ଓ ନୂତନ, ଶୁଦ୍ଧ ଓ ମିଶ୍ର, କଳ୍ପନା ଓ ବାସ୍ତବ।

ଗଣିତର ପ୍ରାଚୀନ ରୂପ ଚର୍ଚ୍ଚା କାଳରେ, ଆମେ ପ୍ରାୟତଃ ଭୁଲି ଯାଇଥାଉ ଯେ, ନିୟତ ପରିବର୍ତ୍ତନଶୀଳତା ଏହାର ବିଶେଷତା। ବର୍ତ୍ତମାନର ଭୂମି ଉପରେ ଥାଇ ଅତୀତକୁ ବାରମ୍ବାର ଖୋଜିବା ଆମର ଧର୍ମ। ଗଣିତର କଳ୍ପିତ ରୂପ ଖୋଜା କାଳରେ, ଆମେ ଅନୁଭବ କରିପାରିବା, ଏହା ପୂର୍ଣ୍ଣତଃ ମଣିଷ ସୃଷ୍ଟ। ମଣିଷର ସକଳ ସର୍ଜନ, ଏପରିକି ଭାଷା ମଧ୍ୟ ଗଣିତବିଦ୍ୟା ନିୟନ୍ତ୍ରିତ। ଆମ ପୂର୍ବପୁରୁଷମାନେ ହିଁ ଆମକୁ ସଂଖ୍ୟା ଗଣନ ବା ହିସାବ ନିରୂପଣ- ଯେକୌଣସି ସର୍ଜନର ଅବବୋଧର ବିଧି ସ୍ପଷ୍ଟ କରିଦେଇଛନ୍ତି। ସେଇମାନେ ଯନ୍ତ୍ରର ଗଢଣ ଓ ପ୍ରୟୋଗକଳା ମଧ୍ୟ ଶିଖାଇ ଦେଇଛନ୍ତି। ଏବଂ, ପ୍ରତ୍ୟେକ ଗଢଣ କିପରି ସୁଶୃଙ୍ଖଳିତ ହେବ, ତତସମ୍ପର୍କରେ ସ୍ପଷ୍ଟ କରିଦେଇଛନ୍ତି ।

ଗଣିତବିଦ୍ୟା ଇତିହାସ ଅଧ୍ୟୟନର ଅନ୍ୟ ଏକ ଆଭିମୁଖ୍ୟ ରହିଛି। ତାହା, ବର୍ତ୍ତମାନ ଦିଶିଯାଉଥିବା ସକଳ ସୂତ୍ରର ଇତିହାସ ନିରୂପଣ। ଆମେ ଆଧୁନିକ ଜ୍ଞାନର ଶୀର୍ଷ ଖୋଜିବା ସମୟରେ ସୁଦୂର ଅତୀତକୁ ଫେରିଯାଉ, ଏବଂ ବିଦ୍ୟାର ବାସ୍ତବ ରୂପ ଗଣିତ ଆଧାରରେ ହିଁ ସ୍ପଷ୍ଟ ହୋଇଯାଏ। ତେଣୁ ଦେଖୁ, ଗଣିତବିଦ୍ୟା ଯେକୌଣସି ବିଦ୍ୟାର ସୂକ୍ଷ୍ମ ଓ ସଂହତ ଗଢଣର କାରଣ ହୋଇଛି। ଏବଂ ବିଦ୍ୟାବୋଧ ଗଢଣ ଭିତରେ ନିହିତ ସକଳ ଅନାବଶ୍ୟକ ଉପାଦାନକୁ ପରିଷ୍କାର କରିଦେଉଛି । ସର୍ଜନ ଅଧିକ ଶକ୍ତ ଓ ସୁନ୍ଦର ରୂପ ନେଉଛି ।

ଏହି କାର୍ଯ୍ୟ ସଂପାଦନ ପାଇଁ ଗଣିତବିଦ୍ୟା ଗ୍ରନ୍ଥର କ୍ୟାଟଲଗ ପ୍ରସ୍ତୁତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କ୍ୟାଟଲଗର ସଚେତନ ନିର୍ମାଣ ଓ ଅଧ୍ୟୟନ, ଆମକୁ ସୁଦୂର ଅତୀତ ନ ହେଲେ ମଧ୍ୟ, ଗଣିତବିଦ୍ୟା ସଂସ୍କୃତିର ବୈଚିତ୍ର୍ୟ ସଂପର୍କରେ ସଚେତନ କରିଦିଏ। ବିଭିନ୍ନ ଅଞ୍ଚଳରେ ମାପରେ ବିବିଧତା ଓ ଗଢଣରେ ସ୍ୱାତନ୍ତ୍ର୍ୟ ସମ୍ପର୍କରେ ସ୍ପଷ୍ଟ କରିଦିଏ। କାରଣ ବିଦ୍ୟାର ସମସ୍ୟା ଓ ସମାଧାନର ସୂତ୍ର ବା ଧାରା ମଧ୍ୟ କମ ବିଭ୍ରାନ୍ତିକର ହୋଇନଥାଏ। ବେଳେ ବେଳେ ଅଧ୍ୟୟନର ରୂପ ମଧ୍ୟ ଅଧିକ ଦୂରସ୍ଥ ହୋଇଯାଏ। ଜଣେ ବିଦ୍ୟା-ବିଶ୍ୱସ୍ତ ପ୍ରତି ମୁହୂର୍ତ୍ତରେ ବୈଚିତ୍ର୍ୟଗୁଡିକ ସହିତ ଲଢେଇ କରୁଥାଏ, ମିତ ବସୁଥାଏ । ଏବଂ ଗଣିତବିଦ୍ୟାକୁ ପ୍ରଶ୍ନମାନ ପଚାରୁଥାଏ, ଶେଷହୀନ ପ୍ରଶ୍ନ।

ଆମେ ଜଣକ ଅଥବା ଅନେକଙ୍କ ପାଖରୁ ଯାହା ଆଶା କରିଥାଉ, ତାହା ନ ପାଇଲେ, ଏହା କଣ ସେମାନଙ୍କ ଅଜ୍ଞତାର କାରଣ ବୋଲି କହିବା? ଯାହା ଆମ ପାଇଁ ଅନୁକୂଳ ଓ ପ୍ରୀତିପଦ ନୁହେଁ, ତାହା ଯଦି ସେମାନଙ୍କର ଆବଶ୍ୟକତା ପୂରଣ କରୁଥିବ, ଆମେ ସେହି ବାସ୍ତବତାକୁ ସମ୍ଭବତଃ

ବୁଝିପାରୁନଥିବା? ଅଥବା ସେମାନେ ଏକ ଜଟିଳ ଏବଂ ଅଶୃଙ୍ଖଳିତ ପଦ୍ଧତି ଅଥବା ଆମ ବର୍ତ୍ତମାନର ଅବବୋଧରେ ପ୍ରମାଦପୂର୍ଣ୍ଣ ରୀତି ମଧ୍ୟ ବ୍ୟବହାର କରୁଥାଇପାରନ୍ତି? କାରଣ ସେମାନଙ୍କର ବିଦ୍ୟା-ଅବବୋଧ ଏତେ ସ୍ପଷ୍ଟ ନଥିଲା, କିମ୍ବା ସମ୍ଭବତଃ ସେମାନଙ୍କର ବିଦ୍ୟାର ଅଭ୍ୟାସ, ତାଲିମ ଏବଂ ବ୍ୟବହୃତ ଉପକରଣ ମାଧ୍ୟମରେ ସେହି ପଦ୍ଧତି ଓ ଉତ୍ତର ବା ନିଷ୍କର୍ଶ ଆମ ପାଇଁ ଅର୍ଥବହ ହେଉନଥିବ?

ଯଦି ସେମାନେ କୌଣସି ପ୍ରକାରର ଗଣିତବିଦ୍ୟା ସହିତ ସଂପୃକ୍ତ ନଥିଲେ, ଏହାର କାରଣ, ବିଦ୍ୟା ସେମାନଙ୍କୁ ଜଣା ଅଥବା ଅଜଣା ଥିଲା, ଅଥବା ସେମାନଙ୍କ ଅବବୋଧର ବାହାରେ ଥିଲା? କିମ୍ବା ଗଣିତ ଜାଣିବା ଓ ଉପସ୍ଥାପନ ପାଇଁ ସେମାନଙ୍କ ଆଗ୍ରହ ଓ ଲକ୍ଷ୍ୟର କଣ ଏହା ପ୍ରତିଫଳନ? ଆବଶ୍ୟକତା ଓ ଉପକାରରେ ଆସିବ ବୋଲି ସେମାନେ କଣ ବିଦ୍ୟା ସହିତ ମିତ ବସିଥିଲେ? ଏକଥା ବି ହୋଇପାରେ, ଆପଣା ପ୍ରତିଭା ଓ ଆଗ୍ରହର ଏହା ରୁଚିଗତ ଆଚରଣ। ଯଦି କେତେକ ଗଣିତ ବୁଝିହେଉନାହିଁ ଅଥବା ଅବୋଧ୍ୟ, ଏହାର କାରଣ କଣ ସେମାନେ ଏହାଠାରୁ ଅଧିକ କିଛି କରିପାରି ନଥାନ୍ତେ? ଅଥବା ବିଦ୍ୟା ଦାନର କଣ ଆଭିମୁଖ୍ୟ ଥିଲା ସତ୍ୟକୁ ଅବୋଧ୍ୟ ଓ ରହସ୍ୟମୟ ରଖିବା ?

ଗଣିତବିଦ୍ୟା ସଂକ୍ରାନ୍ତ ଉପର୍ଯ୍ୟୁକ୍ତ ପ୍ରଶ୍ନଗୁଡିକର ଉତ୍ତର ଜାଣିବାକୁ ହେଲେ, ଆମକୁ ସେହି ଜନସମୁଦାୟର ସାଂସ୍କୃତିକ ବିଭବ କେବଳ ନୁହେଁ, କାଳଖଣ୍ଡକୁ ମଧ୍ୟ ବୁଝିବାକୁ ହେବ। କିଏ ଶିକ୍ଷକ, କିଏ ଛାତ୍ର, କେଉଁ ସ୍ଥାନରେ ବିଦ୍ୟା ପଢାଯାଉଛି- ନାନା କଥା ସ୍ୱତଃ ଆସିଯିବ। ଏହା କଣ ସାଧାରଣବୋଧ ଅଥବା ବିଶେଷ ଜ୍ଞାନ ? ଶ୍ରେଣୀଗୃହ ଅଥବା କର୍ମଶାଳା କଣ ବିଦ୍ୟାର ସାଧନଭୂମି? ଏହା କଣ ବଣିକ, କଳାକାର, ବିଦ୍ୱାନ ଅଥବା ପ୍ରଶାସକଙ୍କ ପାଇଁ ଉଦ୍ଦିଷ୍ଟ? ଜଗତ ସହିତ ଅନ୍ୟକୁ ପରିଚିତ କରାଇବା କଣ ବିଦ୍ୟା ପ୍ରସାରଣର ଧର୍ମ ? କିମ୍ବା ସାଧାରଣ ମଣିଷ ବୁଝିପାରୁ ନଥିବା ଜ୍ଞାନ, ଯାହା ପ୍ରଶାସନର କ୍ଷମତା ବିସ୍ତାରଣ ପାଇଁ କଳାତ୍ମକ ମାଧ୍ୟମ ?

ଉପର୍ଯ୍ୟୁକ୍ତ ପ୍ରଶ୍ନଗୁଡିକର ଉତ୍ତର କେବଳ ବିଦ୍ୱାନ ଲିଖିତ ଶାସ୍ତ୍ର ବା ଗ୍ରନ୍ଥ ଖୋଜିଲେ ମିଳିବ ନାହିଁ । ସମଗ୍ର ଗଣିତ-ସଂସ୍କୃତି ପ୍ରତି ସୂକ୍ଷ୍ମ ପର୍ଯ୍ୟବେକ୍ଷଣାତ୍ମକ ଦୃଷ୍ଟି, ଅର୍ଥାତ ବିଦ୍ୱାନ ଲିଖିତ ଶାସ୍ତ୍ର ଓ ସାଧାରଣ ମଣିଷର ମୌଳିକ ଆବଶ୍ୟକତା ପୂରଣ ଉପଯୋଗୀ ବିଦ୍ୟା-ଉଭୟକୁ ଏକ କରିଦେବାକୁ ହେବ। ସଦ୍ୟ ପ୍ରସ୍ତୁତ ଗଣିତ ପାଣ୍ଡୁଲିପିଗୁଡିକର କ୍ୟାଟଲଗ ପଢିଲେ, ଏହା ସ୍ପଷ୍ଟ ହୋଇଯାଉଛି । ଓଡିଶାର ସାଧାରଣ ମଣିଷମାନେ ଗଣିତ କହିଲେ କଣ ବୁଝୁଥିଲେ, ଏବଂ ଗଣିତବିଦ୍ୟା ବ୍ରିଟିସ ଉପନିବେଶବାଦ ସଂକ୍ରମଣ ପୂର୍ବରୁ ଓ ପରେ କିପରି ଥିଲା, ଏକଥା ବୁଝିହେଉଛି। ତେଣୁ କହିପାରିବା ଏହି କ୍ୟାଟଲଗ୍ ଗଣିତବିଦ୍ୟା ଗବେଷଣା ପାଇଁ ଏକ ଉପଯୋଗୀ ଓ ଆନନ୍ଦଦାୟକ ଉତ୍ସ ।

କ୍ଷିତିବଂଶର ସୃଷ୍ଟି ସମ୍ପର୍କରେ ଅନ୍ୟ ଏକ ମିଥ୍ ରହିଛି। ତାହା - ଜ୍ଞାନଦାତ୍ରୀ ଶକ୍ତି ଆପଣାର ସନ୍ତାନମାନଙ୍କୁ ଗତି ଦେବାପାଇଁ ଇଚ୍ଛା କରିଛନ୍ତି। ମାଟିକୁ ଆପଣା ରଜରେ ସିଦ୍ଧ କରି ପିତୁଳାଟିଏ ଗଢ଼ିଛନ୍ତି। ନିରାକାର ମନ୍ତ୍ରରେ ପିତୁଳାକୁ ଜୀବନ୍ତ କରିଛନ୍ତି । ଏହି ପିତୁଳାର ନାମ ରଖିଛନ୍ତି ଉପାଧ୍ୟାୟ। ସେ ସୃଷ୍ଟିର ପ୍ରଥମ ବିଦ୍ୟାଦାତା। ଏପରିକି, ବ୍ରହ୍ମା, ବିଷ୍ଣୁ ଓ ଶିବ - ତ୍ରିଶକ୍ତିକୁ ଜ୍ଞାନ ପ୍ରଦାନ କରିଛନ୍ତି।[୧୨] ତେଣୁ ବିଦ୍ୟାରମ୍ଭ କାଳରେ ଚାଟମାନେ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ନାମ ଉଚ୍ଚାରଣ କରି ତିନୋଟି ମୁଣ୍ଡୁଳା କାଟନ୍ତି। ମୁଣ୍ଡୁଳାକୁ ଲିଭାନ୍ତି, ଧୂଳିକୁ ମଥାରେ ମାରନ୍ତି। ଜଉତିଷ / ଗ୍ରହବିପ୍ରମାନେ ମାଟିବଂଶର ଏକ ଶାଖା। ବ୍ରହ୍ମାଙ୍କ ମୁଖରୁ ସେମାନଙ୍କର ଜନ୍ମ। ସେମାନେ ଜ୍ୟୋତିର୍ବିଦ୍ୟା ଓ ବାସ୍ତୁବିଦ୍ୟା ବିଶେଷଜ୍ଞ। ମାତ୍ର ଚାଟଶାଳୀରେ ଶିକ୍ଷକତା ବି କରନ୍ତି। ଉପର୍ଯ୍ୟୁକ୍ତ ଦୁଇଟି ବିଦ୍ୟା ସେମାନଙ୍କ ଉପାର୍ଜନକୁ ସୁଗମ କରିଛି। ଫଳତଃ ଶିକ୍ଷକତା ଗୌଣ ହୋଇଛି। ଦେବୀ ଦାସ, ବିକ୍ରମ ଓ ଅନ୍ୟ ଓଝାମାନେ ଅବଧାନମାନଙ୍କର ଲୋଭାସକ୍ତିକୁ ସ୍ୱୀକାର କରିପାରିନାହାନ୍ତି । ଦେବୀ ନିଜର ଏକ ଗୀତରେ କହିଛନ୍ତି - ଆମେ ଧୋବା, ଭଣ୍ଡାରି, କମାର ଓ କୁମ୍ଭାର ପରି ନୋହୁଁ ଯେ, କାହାର ବର୍ତ୍ତନ ଉପରେ ନିର୍ଭରଶୀଳ ହେବୁ। ଯଦିଚ ସେମାନେ ମାଟିବଂଶ, ଆମେ ଶିକ୍ଷାଗୁରୁ। ଆମେ ଭିକ ମାଗିବା ଜାଣିନାହୁଁ। ସେ ପୁଣି କହୁଛନ୍ତି - ଗଣିତ ପାଠ ଏତେ ସହଜ ନୁହେଁ, କଷ୍ଟକର। ସୂତ୍ର ଜାଣିନଥିଲେ, କୋମଳମତି ଚାଟମାନଙ୍କ ମଧ୍ୟରେ ପ୍ରଶ୍ନର ସମାଧାନ ସମ୍ଭବ ହେବ ନାହିଁ। ଗଣିତ ବୁଝିପାରୁନଥିଲେ ଅନ୍ୟକୁ ପଚାର, ଭୁଲ୍ ପଢ଼ାଅ ନାହିଁ। ବିଦ୍ୟା ସାଧ୍ ନ ପାରିବା, ମୁହଁରେ ଚୂନକାଳି ମାରିବା ସହ ସମାନ। ସମସ୍ୟା ସମାଧାନ କରିନପାରିଲେ, ଛାତିରେ ଜଳାକାଠ ମାଡ଼ି ଦିଆଯିବ। (ଗଣିତପୋଥି ନମ୍ବର ୧୦୦) ଲମ୍ବୋଦର ନାମକ ଅନ୍ୟ ଜଣେ ଓଝା **ଓଝାସଙ୍ଗାଳି** ଶୀର୍ଷକ ପୋଥି ଲେଖିଛନ୍ତି। ସେ କହୁଛନ୍ତି - ନଳମାପ ବୁଦ୍ଧିର କଥା। ବର୍ଗ ହିସାବ ତା'ଠାରୁ କଷ୍ଟ। ପଦାର୍ଥର ଘନଫଳ ନିର୍ଣ୍ଣୟ ଅତି କଠିନ। ଏହି ବିଦ୍ୟା ଖଡ଼ିକାରର ଦର୍ପକୁ ଭାଙ୍ଗିଦିଏ ଏବଂ **ନାଗହରଣ ବିଦ୍ୟା** ସାଧ୍ ପାରିଲେ, ଜଣେ ଗଣିତଜ୍ଞ ହୋଇପାରିବ। (ଗଣିତ ପୋଥି ନମ୍ବର ୧୭୦) ବିକ୍ରମ ବର୍ଗକୋଟା ହିସାବ ବିଶେଷଜ୍ଞ। ଆପଣାର ଏକ ଗ୍ରନ୍ଥରେ, ଛତିଶ ବର୍ଗକୋଟା ସମାଧାନ କାଳରେ, ଅନ୍ୟ ଗଣିତଜ୍ଞମାନଙ୍କୁ ସୂତ୍ର-ସଚେତନ ହେବାପାଇଁ ସେ ପରାମର୍ଶ ଦେଇଛନ୍ତି। (ଗଣିତ ପୋଥି ନମ୍ବର ୬୩) ଦେବୀ, ଧରଣୀଧର, ଲୋକନାଥ, କୃପାସିନ୍ଧୁ, ଅଧର ଓ ବୃନ୍ଦାବନ ଆଦି ଖଡ଼ିକାରଙ୍କ ଗଣିତଗ୍ରନ୍ଥ ପଢ଼ିଲେ, ସେମାନେ ଯେ ଜଣେ ଜଣେ ସାଧକ, ଏହି ବାସ୍ତବତାକୁ ଅନୁଭବ କରିହୁଏ। ଦେବୀ ଦାସ ସେଥିପାଇଁ ଗଣିତବିଦ୍ୟାକୁ ଉଡ଼ନ୍ତା ସାପ ସହ ତୁଳନା କରିଛନ୍ତି। ଏ ବିଦ୍ୟା ଗଗନରେ ଉଡୁଛି। ତାକୁ ମାଟିକୁ ଆଣିବାକୁ ହେବ। ମନ୍ତ୍ର ଜାଣିନଥିଲେ ସର୍ପକୁ ଆୟତ୍ତ କରିହେବ ନାହିଁ। ମାଟିବଂଶର ଦାୟଦମାନେ ତେଣୁ ସ୍ୱତନ୍ତ୍ର। (ଗଣିତ ପୋଥି ନମ୍ବର ୧୦୪, ୧୦୭)

ପୂର୍ବରୁ କହିଛି - ଓଝା ଓ ଅବଧାନମାନଙ୍କ ପରି କରଣମାନେ ମଧ୍ୟ ମଧ୍ୟକାଳରେ ଚାଟଶାଳୀରେ ଶିକ୍ଷକତା କରିଛନ୍ତି। କେବଳ ଓଡ଼ିଶା ନୁହେଁ, ବଙ୍ଗ, ଆସାମ, ଆନ୍ଧ୍ର, କର୍ଣ୍ଣାଟକ ଓ ତାମିଲନାଡୁ ଆଦି ପୂର୍ବ-ଦକ୍ଷିଣ ଭାରତର ଦେଶଗୁଡ଼ିକରେ ସମାଜ-ଜୀବନରେ ସେମାନେ ସ୍ୱତନ୍ତ୍ର ଦିଶିଛନ୍ତି। ବଙ୍ଗଭୂମିରେ ସେମାନେ କାୟସ୍ଥ ଏବଂ ଅନ୍ୟତ୍ର କରଣ। ଊନବିଂଶ ଏବଂ ବିଂଶ ଶତାବ୍ଦୀରେ ଅନ୍ୟ ପାଟକ ଓ ଜାତିଗୁଡ଼ିକ ପରି, କରଣ ନାମରେ ପରିଚିତ ଜନସମୁଦାୟ ନିଜର ପରିଚୟ ଖୋଜିଛନ୍ତି, ପ୍ରତିଷ୍ଠା କରିଛନ୍ତି। ନିଜ ଜାତିକୁ ବିଶିଷ୍ଟ କହୁଛନ୍ତି। କୁହାଯାଇଛି, ଏହା ଏକ ମିଶ୍ର ଜାତି। ବୈଶ୍ୟ ଔରସ ଏବଂ ଶୂଦ୍ରାଣୀ ଗର୍ଭ-ସମ୍ଭୂତ।[୧୩] ଦେବୀ ଦାସ ଜଣେ ଓଝା, କିନ୍ତୁ ଅନ୍ୟ କଥା କହୁଛନ୍ତି - ବ୍ରହ୍ମା ପୃଥିବୀ ସର୍ଜନା କରିଛନ୍ତି। ସେ ମହାକାଳର ମହତ୍ତ୍ୱ ଅନୁଭବ କରିଛନ୍ତି ଏବଂ କାଳର କରଣିକୁ କିପରି ପଞ୍ଜୀକୃତ କରାଯାଇପାରିବ - ଏହି ଭାବନାରେ ବୁଡ଼ି ରହିଛନ୍ତି। ସେ ତାଳପତ୍ର ଆଣିଛନ୍ତି। ଏହା କାଳର ପତ୍ର। ଲେଖନି ତିଆରି କରିଛନ୍ତି। ଅଙ୍ଗରୁ ସୃଷ୍ଟି କରିଛନ୍ତି ଜଣେ ସ୍ୱତନ୍ତ୍ର ପୁରୁଷ। ସେ କରଣ। ତାଙ୍କ ହାତରେ ଲେଖନୀ ଧରାଇ ଦେଇଛନ୍ତି। ଅଙ୍କ ଓ ଅକ୍ଷର ସଂପାଦିବାର ସୂତ୍ର କହିଛନ୍ତି । କହିଛନ୍ତି, ପ୍ରଥମେ ସାରଦାଙ୍କୁ ସ୍ମରଣ କରିବୁ। ମୁଦ୍ରାରେ ରଖିବୁ ମାହେଶ୍ୱରୀ ଏବଂ ଗଣେଶ ନାମ ନେଇ ପତ୍ରରେ ଲେଖନୀ ଛୁଆଁଇବୁ । ଚିତ୍ରଗୁପ୍ତଙ୍କୁ ସୁମରଣା କରିବୁ। ସେ ହେଉଛନ୍ତି - କାଳର ପ୍ରମାଦମୁକ୍ତ ଅକ୍ଷରାୟନର ଦୈବୀଶକ୍ତି, କାଳାନ୍ତକ ପୁରୁଷଙ୍କର ପାଞ୍ଜିକାର, ସତ୍ୟଦ୍ରଷ୍ଟା। (ଗଣିତ ପୋଥି ନମ୍ବର ୧୫୪) ଜଣେ ଓଝା କରଣନାମକ ଅନ୍ୟ ଏକ ସଂପ୍ରଦାୟକୁ ସମ୍ମାନ ଦେବା ଓ ସ୍ୱୀକାର କରିବା ଆମ ସମାଜ ବ୍ୟବସ୍ଥାରେ ଶିକ୍ଷକ ସମୁଦାୟ ମଧ୍ୟରେ ସମ୍ପର୍କବୋଧକୁ ସ୍ପଷ୍ଟ କରିଦିଏ।

ଏଥିରୁ ସ୍ପଷ୍ଟ ଯେ ପ୍ରାୟ ପଞ୍ଚଦଶ/ଷୋଡ଼ଶ ଶତାବ୍ଦୀ ବେଳକୁ ଆମ ସମାଜ ବ୍ୟବସ୍ଥାରେ ଏକ ପ୍ରଶିକ୍ଷିତ ଲିପିକାର, ଲେଖନକାର ଗୋଷ୍ଠୀ ଜନ୍ମ ନେଇଛି। ସେମାନେ ଶ୍ରୁତିର ସ୍ମୃତୀକରଣ ମାଧ୍ୟମ ହୋଇଛନ୍ତି। ରାଜା, ସାମନ୍ତ ଓ ଦେବାଳୟଗୁଡ଼ିକର ହିସାବରକ୍ଷକ, ବିଧିଲେଖକର ଭୂମିକା ତୁଲାଇଛନ୍ତି। ଏହି ସ୍ୱାତନ୍ତ୍ର୍ୟ ସେମାନଙ୍କୁ କ୍ଷମତାର ନିକଟତର କରିଛି। କାଳକ୍ରମେ ସେମାନେ ବ୍ରାହ୍ମଣମାନଙ୍କ ପରି ବିଭିନ୍ନ ଗ୍ରନ୍ଥର ପ୍ରତିଲିପି ପ୍ରସ୍ତୁତ କରିଛନ୍ତି। ପ୍ରତିଲିପି ସ୍ଥାନୀୟ ଜ୍ଞାନର ସୁରକ୍ଷା ଓ ପ୍ରସାରଣର କାରଣ ହୋଇଛି। ଲିଖନ କାଳରେ କ୍ଷମତାର ସନ୍ତୁଷ୍ଟିପାଇଁ ପ୍ରଶସ୍ତିଗାନ କରିଛନ୍ତି। ରାଜ - ଆନୁଗତ୍ୟ ସେମାନଙ୍କୁ ଶାସନ ପରିଷଦର ସଦସ୍ୟ ଏବଂ ପରବର୍ତ୍ତୀ କାଳରେ ଅମାତ୍ୟ ହେବାର ସୌଭାଗ୍ୟ ଦେଇଛି। ପ୍ରଧାନ ଅମାତ୍ୟ, ପ୍ରଧାନ ପରାମର୍ଶଦାତା ହୋଇଛନ୍ତି। ବହୁ ଭାଷା ଓ ବହୁ ଶାସ୍ତ୍ର - ସ୍ନାତ ହୋଇଛନ୍ତି ଓ କବି ହୋଇଛନ୍ତି। ଦାର୍ଶନିକ ବି। ସେମାନେ ଶେଷକୁ ରାଜାଙ୍କ ପ୍ରଥମ ପରାମର୍ଶଦାତା ବ୍ରାହ୍ମଣମାନଙ୍କୁ ମଧ୍ୟ, ସ୍ଥଳ ବିଶେଷରେ, ଆସନଚ୍ୟୁତ କରିଛନ୍ତି। କେତେକ କରଣ ରାଷ୍ଟ୍ରର କ୍ଷମତା ଖଟୁଲିରେ ମଧ୍ୟ ବିଜେ କରିଛନ୍ତି। ମୋଗଲ ଦରବାରରେ ସେମାନେ ମୁନ୍ସି, ମହାରାଷ୍ଟ୍ରରେ ବାଖର, ବଙ୍ଗଳାରେ କାୟସ୍ଥ, ଆସାମରେ ଓଝା (ବୁରୁଞ୍ଜିର ଲେଖକ, ଅନ୍ୟତ୍ର ସେମାନଙ୍କୁ ବ୍ରାହ୍ମଣ କୁହାଯାଇଛି), ତେଲୁଗୁ, କନ୍ନଡ଼ ଓ ତାମିଲଭାଷୀ ଅଞ୍ଚଳରେ କରଣମ୍ ଏବଂ ଓଡ଼ିଶାରେ କରଣ (ମାଦଳା ପାଞ୍ଜିର ଲେଖକ ତଡ଼ଉ କରଣ, ଦେଉଳ କରଣ)।[୧୪] ତେଣୁ କ୍ଷମତାର ଇତିହାସ, ଭାଷା ସାହିତ୍ୟର ଇତିହାସ, ଦର୍ଶନ ଓ ବିଧିର ଇତିହାସ ଲିଖନ ଓ ଚର୍ଚ୍ଚା ଏବଂ ଗ୍ରନ୍ଥର ପ୍ରତିଲିପି ପ୍ରସ୍ତୁତିରେ ସେମାନଙ୍କ ବିଶେଷତାକୁ ସମାଜ ସ୍ୱୀକାର କରିଛି। ପୁନଶ୍ଚ ଯେଉଁମାନେ ଅନ୍ୟମାନଙ୍କ ମଧ୍ୟରେ ସୁଚତୁର ଥିଲେ, ସେମାନେ ନିଜକୁ ବ୍ରାତ୍ୟ-କ୍ଷତ୍ରିୟ ବୋଲି ଦାବି କରିଛନ୍ତି। ଲୋକେ କହିଛନ୍ତି, ମହାନ୍ତି ଓ ମହାନଦୀକୁ ବିଶ୍ୱାସ ନାହିଁ। ବଢ଼ିବଢ଼ି ମହାନ୍ତି, ଛିଡ଼ିଛିଡ଼ି ଚଷା। ଓଡ଼ିଶାରେ, ସେଥିପାଇଁ, ଆପ୍ତବାକ୍ୟ ତିଆରି ହୋଇଛି - ଲେଖୁ ଲେଖୁ କରଣ। କାଳକ୍ରମେ ଏକ

ଜନଗୋଷ୍ଠୀ ବର୍ଣ୍ଣ, ସାହିତ୍ୟ ଓ ଗଣିତ ଶିକ୍ଷାଦାନ କ୍ଷେତ୍ରରେ ଦକ୍ଷତା ପ୍ରତିଷ୍ଠା କରିଛି।

ଓଝା, ଅବଧାନ ଓ ଜ୍ୟୋତିଷ ଏହି ତିନୋଟି ସଂପ୍ରଦାୟ ଓଡ଼ିଶାର ସମାଜ - ଜୀବନ ସହିତ ଅନ୍ତରଙ୍ଗ ଭାବରେ ସମ୍ବନ୍ଧିତ। ଗଣିତ ପାଣ୍ଡୁଲିପିଗୁଡ଼ିକରେ ଏହାର ପ୍ରମାଣ ରହିଛି। ରାଜା ଓ ଜମିଦାରମାନେ ଗ୍ରାମ ନଳପାଇଁ ଓଝା ଓ ଅବଧାନମାନଙ୍କୁ ନିଯୁକ୍ତ କରିଛନ୍ତି। ପ୍ରଜାମାନଙ୍କୁ ଶିକ୍ଷିତ କରାଇବାପାଇଁ ସେମାନଙ୍କୁ ଗାଁଗୁଡ଼ିକୁ ପଠାଇଛନ୍ତି। ଗ୍ରାମରେ ଚାଟଶାଳୀ ଖୋଲିବା ସହିତ ଅବଧାନମାନଙ୍କର ଦେଖାଚାହାଁ କରିବାପାଇଁ ମୁଖିଆମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି (ଗଣିତ ପୋଥି ନମ୍ବର:୧୪୪)। କେତେକ ବିଦ୍ୟାନୁରାଗୀ ଓଝା ଗ୍ରାମବାସୀମାନଙ୍କୁ ଚାଟଶାଳୀ ଖୋଲିବାପାଇଁ ମଧ୍ୟ ପରାମର୍ଶ ଦେଇଛନ୍ତି। ଦେବୀ ଦାସଙ୍କ ଏକ ପୋଥିରେ ରହିଛି - ଜଣେ ଓଝା ଗାଁ ଦାଣ୍ଡରେ ଯାଉଥାନ୍ତି। ଦେଖିଲେ, କରଣ ପିଲାମାନେ ଖୁସିରେ ଖେଳୁଛନ୍ତି ଦାଣ୍ଡରେ। ପିଲାମାନଙ୍କୁ ପାଖକୁ ଡାକିଛନ୍ତି। କହିଛନ୍ତି - ତମେମାନେ ବୁଲ, ଖେଳ - ମନା ନାହିଁ; ହେଲେ ପାଠପଢ଼ । ସେମାନଙ୍କୁ ସାଙ୍ଗରେ ନେଇ ଅଭିଭାବକମାନଙ୍କ ପାଖକୁ ଯାଇଛନ୍ତି। ଚାଟଶାଳୀ ଖୋଲିଛନ୍ତି। ଶ୍ରୀପଞ୍ଚମୀ ଦିନ ପଢ଼ା ଆରମ୍ଭ ହୋଇଛି। ପାରିତୋଷିକ ବାବଦ ମାସକୁ ପାଇଛନ୍ତି କୋଡ଼ିଏ କାହାଣ କଉଡ଼ି (ଗଣିତ ପୋଥି ନମ୍ବର ୧୯୦)। ତେଣୁ ବିଦ୍ୟା ଯେ ବ୍ୟକ୍ତି ଜୀବନ ଓ ସମାଜ ଜୀବନର ସୁଖକର ଯାତ୍ରାପାଇଁ ଆବଶ୍ୟକତା - ଓଝା, କରଣ ଓ ବ୍ରାହ୍ମଣମାନେ ଜନମାନସରେ ଏହି ସଚେତନତା ସୃଷ୍ଟି କରିଛନ୍ତି। ବଡ଼ ବଡ଼ ଗାଁରେ ଚାଟଶାଳୀମାନ ଗଢ଼ିଉଠିଛି। ବିଦ୍ୟା ଯେ ଶକ୍ତି, କ୍ଷମତା ନିୟନ୍ତ୍ରକ ଉପସର୍ଗ, ଆତ୍ମଦର୍ଶନର ଅଣୁଘଟକ - ଜନ ଏହି ବାସ୍ତବତାକୁ ଅନୁଭବ କରୁଛି।

ଓଡ଼ିଶାର ଚାଟଶାଳୀଗୁଡ଼ିକ ପ୍ରଧାନତଃ ଦୁଇପ୍ରକାର ବିଦ୍ୟାର ସାଧନା ଓ ଚର୍ଚ୍ଚାର ପ୍ରୟୋଗଶାଳା ଥିଲା: ବର୍ଣ୍ଣ ଓ ସାହିତ୍ୟ ଏବଂ ଗଣିତ ଶିକ୍ଷା। ଶ୍ରୀପଞ୍ଚମୀ ଅଥବା ଗଣେଶ ଚତୁର୍ଥୀ ଦିନ ଚାଟମାନେ ପଢ଼ା ଆରମ୍ଭ କରୁଥିଲେ । ଏହି ଦିନ ଦୁଇଟି ବିଦ୍ୟାର ଦେବୀ ସରସ୍ୱତୀ ଓ ଦେବତା ଗଣେଶଙ୍କ ଆର୍ବିଭାବର କାଳ। ସେମାନେ ପାଠ ଆରମ୍ଭପାଇଁ ଲୋଡ଼ା ପୂଜାଉପକରଣମାନ ଧରି ଚାଟଶାଳୀକୁ ଆସୁଥିଲେ। ମାଟି ଉପରେ ଖଡ଼ିରେ ତିନୋଟି ମୁଣ୍ଡଳା କାଟୁଥିଲେ। ମୁଣ୍ଡୁଳାଗୁଡ଼ିକ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ପ୍ରତୀକ। ମୁଣ୍ଡୁଳାଗୁଡ଼ିକ ଲିଭାଇ ଦିଆଯାଉଥିଲା। ଗୁରୁ ସିଦ୍ଧିରସ୍ତୁ ଶବ୍ଦ ଉଚ୍ଚାରଣ କରୁଥିଲେ। ଚାଟର ମଥାରେ ଧୂଳି ବୋଳି ଦିଆଯାଉଥିଲା। ଏହା ଧୂଳି ନୁହେଁ, ବିଦ୍ୟାର ମନ୍ତ୍ର। ବର୍ଣ୍ଣଶିକ୍ଷାରୁ ପଢ଼ା ଆରମ୍ଭ ହେଉଥିଲା । ଗଣିତ ଶିକ୍ଷା ଥିଲା ପଢ଼ାର ଦ୍ୱିତୀୟ ସୋପାନ। ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା - ପ୍ରତ୍ୟେକ ଦିନର ପଢ଼ା ଆରମ୍ଭ ହେଉଥିଲା ଗଣିତବିଦ୍ୟାରୁ। ଶିବଶଙ୍କର ଏବଂ ବିକ୍ରମଙ୍କର ଦୁଇଗୋଟି ଗ୍ରନ୍ଥରେ ଏହାର ବର୍ଣ୍ଣନା ରହିଛି। ଶିବଙ୍କ ଶବ୍ଦରେ- ଭଲ ଅକ୍ଷର ଲେଖିବ, ଧାଡ଼ି ସଳଖ କରି ଲେଖିବ, ହୃଦୟକୁ ଦର୍ପଣ ପରାୟେ କରିବ (ଗଣିତ ପାଣ୍ଡୁଲିପି -୧୨୨)। ବିକ୍ରମଙ୍କ ବିଚାର: ପ୍ରତ୍ୟେକ ଦିନର ପଢ଼ା ଗଣିତରୁ ଆରମ୍ଭ ହେବ। ପରେ ଅନ୍ୟପାଠ। କର୍ଣ୍ଣମେଧ ପିଲା ବ୍ରହ୍ମା ଓ ବିଷ୍ଣୁଙ୍କ ନାମ ଉଚ୍ଚାରଣ କରି ୩ଟି ମୁଣ୍ଡୁଳି ଅଙ୍କନ କରିବେ। ପରେ ସିଦ୍ଧରସ୍ତୁ ପ୍ରାର୍ଥନା କରିବେ। ପରେ ଚାଟଶାଳୀକୁ ଆଗପଛ ଆସିଥିବା ଚାଟମାନଙ୍କ ହାତରେ କ୍ରମରେ ଶୂନ୍ୟବାଡ଼ିରେ ଆଘାତ କରିବେ (ଗଣିତ ପୋଥି ନମ୍ବର-୩୯)।

ଗଣିତ ଶିକ୍ଷାର କ୍ରମ ସଂପର୍କରେ ବହୁ ପାଣ୍ଡୁଲିପିରେ ସୂଚନା ରହିଛି। କ୍ରମରେ ଅବଶ୍ୟ ବ୍ୟତିକ୍ରମ ଦେଖାଯାଏ। ମାତ୍ର ପ୍ରାୟ ଏକ ପ୍ରକାରର। ତାହା- ଅକ୍ଷର, ଅଙ୍କ, ଅଙ୍କନାସ୍ତି, ଓଡ଼ାଙ୍କ, ହରଗୁଣ, ଫେଡ଼ାମିଶା, ବଧି, କୋଟା, କ୍ରୟବିକ୍ରୟ, ମାଢ଼ୋରି, ମିଶାଣ; ସାନଅଢ଼ା ଓ ବଡ଼ଅଢ଼ା, ଚଢ଼ା, ଲେଉଟ, ଅଶ୍ୱଭୋଗ ଓ ଗଜଭୋଗ, ନଳ (ମହୀନଳ, ପୋଖରୀ ନଳ, ଛେଦନଳ ଇତ୍ୟାଦି), ଦେଉଳନଳ,

ପ୍ରଥମରୁ ଦଶମ ଘନ (ଅନ୍ୟତ୍ର ବେଦୀ ନଳ), ଓଝି (ଅନ୍ୟତ୍ର ଡକାର ଗୁକାର), ଦଶନ୍ଧି, ବିଚିତ୍ରମିଶାଣ, ଉପହରଣ, ବିଚିତ୍ରହରଣ, ଜଳାନ୍ଧକରଣ, ଲହରୀ, ଶୂନ୍ୟବୀଜ ଖଡ଼ି, ଖନ୍ଦା ଏବଂ ନା ନା ପ୍ରକାରର ସୂତ୍ର ଇତ୍ୟାଦି(ଗଣିତ ପୋଥି ନମ୍ବର - ୧୧୫, ୧୪୭)। ଗଣନା ଓ ମାପ ସଂପର୍କରେ କୁହାଯାଇଛି- କଉଡ଼ି, ଟଙ୍କା, ସୁବର୍ଣ୍ଣ, ଭୂମି, ଧାନ, କରିମ, ଛଟାଙ୍କି ଇତ୍ୟାଦି (ଗଣିତ ପୋଥି ନମ୍ବର ୧୧୨)। କେତେକ ପୋଥିରେ ଅକ୍ଷର ଓ ଅଙ୍କବିଦ୍ୟା ସାଧନ ସଂପର୍କରେ ବିଶଦ ବିବରଣୀ ରହିଛି। ଅନ୍ୟ ଏକ ପୋଥିରେ ସାଧନର କ୍ରମ ଏହିପରି- ବର୍ଣ୍ଣମାଳା, ଯୁକ୍ତାକ୍ଷର, ବନା, ଫଳାଯୋଗ, ସଂଖ୍ୟା ଲିଖନ, ସାଦା ପଣିକିଆ (ପଣକାହାଣ ସହ), କଡ଼ାଗଣ୍ଡା ପଣିକିଆ, ପାହି ପଣିକିଆ, ଗୁଣ୍ଠ, ବିଶ୍ୱା ପଣିକିଆ, ଶୋଧି, ଓଡ଼ାଙ୍କ, ଫେଡ଼ାଙ୍କ, ସଉଆ, ଦେଢ଼ି, ଅଢ଼େଇଆ, ସେର ଓ ଛଟାଙ୍କି ଆଦି ଓଜନ ପରିମାଣ; ଲୀଳାବତୀ ସୂତ୍ର, ବାରମାସ, ଋତୁ, ନକ୍ଷତ୍ର ଓ ତିଥିଗୁଡ଼ିକର ନାମ, ଚଉତିଶା, ଭଜନ, ଜଣାଣ, ସ୍ତୁତି ଓ କାବ୍ୟଶାସ୍ତ୍ର ଇତ୍ୟାଦି । ମାତ୍ର ଉତ୍ତରମଣ୍ଡଳରେ ଗଣିତଚର୍ଚ୍ଚାର ଆରମ୍ଭ କାଳ ଏପର୍ଯ୍ୟନ୍ତ ଅସ୍ପଷ୍ଟ।

ଚାରି

ଆମେ ଓଡ଼ିଶାରେ ଗଣିତ ପାଠ ଚର୍ଚ୍ଚାରେ ଇତିହାସ ସମ୍ପର୍କରେ ନିରାଧାର ଉତ୍ତର କହିପାରିବା ନାହିଁ। ସମ୍ଭବତଃ, ଏହା ଷୋଡ଼ଶ ଶତାବ୍ଦୀ। ଶ୍ରୁତି ସ୍ମୃତିରେ ରୂପାନ୍ତରଣ କାଳର ପରବର୍ତ୍ତୀ ପର୍ଯ୍ୟାୟ ଏବଂ ଏହି ପରମ୍ପରାକୁ ଭାସ୍କରାଚାର୍ଯ୍ୟଙ୍କ ପ୍ରଭାବର ଫଳଶ୍ରୁତି କୁହାଯାଇପାରିବ। କାରଣ ଆମ ସମାଜରେ ପଦାର୍ଥ, ଶସ୍ୟ ଓ ପଶୁଧନ ବିନିମୟ/ କ୍ରୟବିକ୍ରୟର ମାଧ୍ୟମ ମୁଦ୍ରା ନଥିଲା; ପଦାର୍ଥ ଓ ପଶୁଧନ - ପ୍ରଧାନ ଥିଲା। ପରବର୍ତ୍ତୀ କାଳରେ କଉଡ଼ି ମୁଦ୍ରା ଆମ ଜୀବନ ଯାତ୍ରାକୁ ନିୟନ୍ତ୍ରଣ କରିଛି ଏବଂ, ଭାସ୍କରାଚାର୍ଯ୍ୟଙ୍କ ବ୍ୟାବହାରିକ ଗଣିତ ଆମପାଇଁ ଆଦର୍ଶ ହୋଇଛି।

ଭାସ୍କର କର୍ଣ୍ଣାଟକ ଦେଶର ବିଜାପୁରର ବ୍ୟକ୍ତିତ୍ୱ। ଜୀବନର ଅବଧି ପ୍ରାୟ ଏଗାରଶଚଉଦରୁ ଏଗାରଶହ ଚଉରାଶି ମସିହା । ବାପା, ମହେଶ୍ୱର ଉପାଧ୍ୟାୟ, ସାଣ୍ଡିଲ୍ୟଗୋତ୍ରୀ ବ୍ରାହ୍ମଣ, ଜ୍ୟୋତିର୍ବିଦ୍ୟା ବିଶାରଦ।[୧୫] ଭାସ୍କର ବାପାଙ୍କ ଶିଷ୍ୟ ହୋଇଛନ୍ତି ଏବଂ, ପ୍ରାୟ ଛତିଶ ବର୍ଷ ବୟସ ବେଳକୁ ଲେଖିଛନ୍ତି 'ସିଦ୍ଧାନ୍ତ ଶିରୋମଣି' ଗ୍ରନ୍ଥ। ଏହା ଚାରି କାଣ୍ଡରେ ବିଭକ୍ତ, ଯଥା-**ଲୀଳାବତୀ, ବୀଜଗଣିତ, ଗ୍ରହଗଣିତ, ଓ ଜ୍ୟୋତିର୍ବିଦ୍ୟା**। ପ୍ରଥମ ଦୁଇଖଣ୍ଡ ଗଣିତ ଏବଂ ଦ୍ୱିତୀୟ ଦୁଇଖଣ୍ଡ ଜୋତିର୍ବିଦ୍ୟା ବିଷୟକ। ପରିଣତ ବୟସରେ ସେ **କରଣ କୁତୁହଳ** ଶୀର୍ଷକ କରଣ ଗାଥା ବି ଲେଖିଛନ୍ତି। ସେ ବହୁ ଗାଣିତିକ ସୂତ୍ରର ସ୍ରଷ୍ଟା ବୋଲି ସ୍ୱୀକାର କରାଯାଏ। ଦେବଭାଷା ମାଧ୍ୟମରେ ସେ କର୍ଣ୍ଣାଟକରୁ କଳିଙ୍ଗ ଆସିଛନ୍ତି। ଏହି ଭୂମିର ପାରମ୍ପରିକ ଗଣିତଶାସ୍ତ୍ରୀମାନେ ତାଙ୍କ ବିଦ୍ୟାକୁ ଗୁରୁ କରିଛନ୍ତି। **ସିଦ୍ଧାନ୍ତ ଶିରୋମଣି**ର ପ୍ରଥମ ଓଡ଼ିଆ ଅକ୍ଷରାନ୍ତରଣର ଶ୍ରେୟ ପଣ୍ଡିତରାଜ ଗୋଦାବରୀ ରାୟଗୁରୁ, ଗଜପତି ପ୍ରତାପ ରୁଦ୍ର ଦେବଙ୍କ ସମକାଳୀନ (ଷୋଡ଼ଶ ଶତାବ୍ଦୀ)। ତାଙ୍କ ଗ୍ରନ୍ଥର ଶୀର୍ଷକ 'ଅଦ୍ୱୈତ ଦର୍ପଣ'। ଏହି ଗ୍ରନ୍ଥର ପାଣ୍ଡୁଲିପି ଜାତୀୟ ସଂଗ୍ରହାଳୟ, ନୂଆ ଦିଲ୍ଲୀରୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟକୁ ଆସିଛି। (ଗଣିତପୋଥି ନମ୍ବର -୧୧୭)

ମାତ୍ର, ବାସ୍ତବତଃ, **ସିଦ୍ଧାନ୍ତ ଶିରୋମଣି**କୁ ଓଡ଼ିଆମାନଙ୍କ ପାଖରେ ପରିଚିତ କରାଇଛନ୍ତି ମାଗୁଣି ପାଠୀ। ମାଗୁଣିଙ୍କର ଗ୍ରନ୍ଥର ଶୀର୍ଷକ **ମନ୍ଦାର୍ଥବୋଧିନୀ** ଟୀକା। ଏହି ଟୀକା ଗ୍ରନ୍ଥର ନଅ ସାର ପ୍ରତିଲିପି ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଉଭୟ ସୁସ୍ଥ ଓ ଅସୁସ୍ଥ ଅବସ୍ଥାରେ ରହିଛି। ଟୀକାର ରଚନା କାଳ ୧୬୬୩ ସାଲ, ଶ୍ରାବଣ ଶୁକ୍ଳପକ୍ଷ। ବାପା ଜଗ୍ନେଜୟ, ଭରଦ୍ୱାଜ ଗୋତ୍ରୀ ବ୍ରାହ୍ମଣ। ତାଙ୍କ ଗ୍ରନ୍ଥରେ ଦେବଭାଷା ଓ

ପ୍ରାକୃତ ଭାଷା ଗୋଟିଏ ଭାବରେ ଜଡ଼ି ରହିଛନ୍ତି। ଏହି ଗ୍ରନ୍ଥ ଉଭୟ ଅବଧାନ ଓ ଅଧ୍ୟାୟୀ - ସକଳଙ୍କ ଜଟିଳ ଗଣିତବିଦ୍ୟା ଅବବୋଧର କାରଣ ହୋଇଛି ଏବଂ ମାଗୁଣିଙ୍କର ଏହି ସାଧନା ଓଡ଼ିଶାରେ ଗଣିତଚର୍ଚ୍ଚାର ଭିତ୍ତି ପ୍ରତିଷ୍ଠା କରିଛି।

ମାଗୁଣି ଆପଣାର ଦୁଃସାହସ ସମ୍ପର୍କରେ ସ୍ପଷ୍ଟ କରିଦେଇଛନ୍ତି। ଆପଣା ଟୀକାର ଆରମ୍ଭରେ ଗଣେଶଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି ଏବଂ ପରେ ପରେ କହିଛନ୍ତି -

ବାଳକ ଯେ ଅବୋଧ ଶିଶୁ। ସେମାନଙ୍କର ଯେଉଁ ଲୀଳା ହେଲା, କୌତୂକ ହେଲା, ତେଣୁ କରି ଅବରଥ ବୋଇଲେ ଗୋଚର ଅଟଇ। ବାଳକମାନେ ପଢ଼ିବାକୁ ଏ ବୀଜଗଣିତ ଯୋଗ୍ୟ ଅଟଇ। ଅତ୍ୟନ୍ତ ସୁବୋଧ ହେବାରୁ ପୁନଃ କିମ୍ଭୂତ। ପୁଣି କେମନ୍ତ ଅଟଇ। ସକଳ ଗଣିତ ସାର। ସମସ୍ତ ଗଣିତମାନଙ୍କର ସାରଭୂତ ଅଟଇ। ପୁନଃ କିମ୍ଭୂତ। ସେ ପରିପ୍ରକାର ତତ୍ପରିରେ ଯୁକ୍ତ ହୋଇଅଛନ୍ତି। ପ୍ରକାରମାନେ ଭେଦ ମାନେ ଯାହାରେ ଉହ ଯାହାର ସେ। ପୁନଃ କିମ୍ଭୂତ। ତେଣୁ କେମନ୍ତ ଅଟଇ। ବହୁ ଗୁଣଯୁକ୍ତ। ବହୁତ ଯେ ଗୁଣମାନେ ମଧୁର ଇତ୍ୟାଦି ନୋହିଲେ ଅବା କୁକ୍କୁଟାଗତ ଯେ ଗୁଣମାନେ ସେମାନଙ୍କର କିଂ କରିମ୍ ଯୁକ୍ତ ଅଟଇ ଇତ୍ୟାଦି ।

କୁକ୍କୁଟ ନ୍ୟାୟ ସମ୍ପର୍କରେ ସେ ସୂଚନା ଦେଇ କହୁଛନ୍ତି, "କୁକ୍କୁଟ ଯେ ହିଂସା ବାଚନ ଶବ୍ଦ। ହିଂସା ବାଚନ ଶବ୍ଦସ୍ଥୁ।" ପୁଣି ଲୀଳାବତୀ ସମ୍ପର୍କରେ ତାଙ୍କ ମନ୍ତବ୍ୟ - ସେ ଗ୍ରନ୍ଥକୁ ସଂକ୍ଷେପରେ କହୁଛନ୍ତି -

ସଂକ୍ଷେପ ଅଟଇ ଏମନ୍ତ ଯେ ଅକ୍ଷରମାନେ ଏମାନଙ୍କପରି କୁଶଳ ବୋଇଲେ ସୂକ୍ଷ୍ମ ଅଟଇ। ଅମଳ ବୋଇଲେ ନିର୍ମଳ ଅଟଇ। ଏମନ୍ତ ଯେ ପଦମାନେ ଏମାନଙ୍କର କରି ଲାଳିତ୍ୟ ବୋଇଲେ ଲଳନଯୁକ୍ତି। ଏମନ୍ତ ଲୀଳାବତୀ ଅଟଇ। ଉତ୍ତମ ଗଣିତର ପାଟି ବୋଇଲେ ଅନୁକ୍ରମ ଯେ ତାହାକୁ। ଅହଂ ବୋଇଲେ ମୁଁ। ପ୍ରସ୍ଫୁଟ ବୋଇଲେ ବ୍ୟକ୍ତ କରି। ଗଣିତର ପାଟୀ ଯେ କେମନ୍ତ ଅଟଇ। ଚତୁର ଲୋକର ପ୍ରୀତି ଯେ ସୁଖ ତାହାକୁ ଦିଅନ୍ତା ଅଟଇ। (ଗଣିତ ପୋଥି ନମ୍ବର ୧୩୭, ୧୪୦)।

ଗଣିତକୁ କିପରି ବ୍ୟାଖ୍ୟା କରାଯାଇଛି, ତାହାର ଏକ ଉଦାହରଣ।

୧. ଲୋମ/ବିଲୋମ: ଦୁଇ ବିଲୋମ ଯେ ଏଥିକୁ ହେଠାମୁଣ୍ଡ କରି ଧରିନିଅ। ଦଶରେ ଯେ ହରିଛି ଯେ ଦଶଗୁଣ ହୋଇ କୋଡ଼ିଏ କୋଡ଼ି ଯେ ଆଠ ଯେ ମିଶାଇଛି। ଆଠ ଫେଡ଼ି ରହଇ ୧୨୭। ଯେହା ବର୍ଗ କର। ହୋଇବ ୧୪୪। ଓଜରୁ ଓଜ ଫେରିଛି ୫୨। ଏହା ମିଶାଇଲେ ହୋଇବ ୧୯୭। ଲଭ୍ଯ ୯୪। ଏଠାରେ ତିନି ଭାଗରୁ ଭାଗେ ଫେରିଛି। ଏଥି ଭାଗେ ମିଶାଇ ଦୁଇ ଭାଗେ ହୋଇଛି। ଏହାକୁ ଦୁଇ ଭାଗରେ ହରିଲେ ସାନ ଭାଗ ନେଲେ, ତାହାକୁ ସାତରେ ହରିବ ଇତ୍ୟାଦି।

୨. ସୂତ୍ରାର୍ଥ କହୁଛଇ। ହାରିବା ଠାରେ ଗୁଣିବ। ଗୁଣିବା ଠାରେ ହରିବ। ମିଶିବା ଠାରେ ଫେଡ଼ିବ। ଫେଡ଼ିବା ଠାରେ ମିଶିବ। ବର୍ଗ ଠାରେ ଏକ ହୋଇବ। ଏକ ଠାରେ ବର୍ଗ ହୋଇବ ଇତ୍ୟାଦି। (ଗଣିତ ପୋଥି ନମ୍ବର: ୬୫)

ମାଗୁଣିଙ୍କ ଗଣିତବିଦ୍ୟାର ବ୍ୟାଖ୍ୟା ଶୈଳୀ ଓଡ଼ିଆ ପ୍ରାଚୀନ ଗଦ୍ୟଶୈଳୀର ଉଦାହରଣ। ଷୋଡ଼ଶ/ ସପ୍ତଦଶ ଶତାବ୍ଦୀ କୁହାଯାଇ ପାରିବ। ସମକାଳରେ ରଚିତ ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ ରୁଦ୍ରସୁଧାନିଧି ଗ୍ରନ୍ଥର ଗଦ୍ୟ ରୀତିର ଏହା ସମଗୋତ୍ରୀୟ। ନାରାୟଣଙ୍କ ରଚନାରେ ଗଣିତବିଦ୍ୟା

ସମ୍ପର୍କରେ ମଧ୍ୟ ସୂଚନା ରହିଛି ।[୧୬]

ପ୍ରଥମରୁ କହିଛି, ଲୋକନାଥଙ୍କ ଅନୂଦିତ ଲୀଳାବତୀ ସୂତ୍ରର ପାଣ୍ଡୁଲିପି ସଂଖ୍ୟା ଓଡ଼ିଶାର ରାଜ୍ୟ ସଂଗ୍ରହାଳୟରେ ସର୍ବାଧିକ । ମାତ୍ର ପାଣ୍ଡୁଲିପିର ସଂଖ୍ୟା ଆଧାରରେ ଏକଥା ଆଦୌ ଗ୍ରହଣୀୟ ନୁହେଁ ଯେ, ଓଡ଼ିଶାରେ ଲୋକନାଥଙ୍କ ଉଦୟନ ଆକସ୍ମିକ। ଧରଣୀଧର, ଲୋକନାଥଙ୍କ ବାପା - ଜଣେ ଗଣିତଜ୍ଞ ଓ ଜ୍ୟୋତିର୍ବିଦ୍ୟା ବିଶାରଦ। ତାଙ୍କ ନାମ ଭଣିତା ଥାଇ ଚଉତିଶା ଓ ଗାଣିତିକ ସୂତ୍ରମାନ ରହିଛି। ବହୁ ସଂକଳନରେ ସେ ସ୍ଥାନ ପାଇଛନ୍ତି। ଦେବୀ ଦାସ, କୃପାସିନ୍ଧୁ, ବଳଭଦ୍ର ଓ ବିକ୍ରମ ମଧ୍ୟ ଭାସ୍କରଙ୍କ ବହୁ ସୂତ୍ରର ଅନୁବାଦକ। ସୂତ୍ରଗୁଡ଼ିକ ବିଭିନ୍ନ ପୋଥି (ପୋଥି ନମ୍ବର ୫, ୨୮, ୪୪, ୫୩, ୧୭୩, ୨୨୧) ରେ ସଂକଳିତ। ସେମାନଙ୍କୁ ଲୋକନାଥଙ୍କ ସର୍ବସୂରି କୁହାଯାଇପାରିବ। ସେମାନଙ୍କ ନାମ ଭଣିତାଥାଇ ରାଜ୍ୟ ସଂଗ୍ରହାଳୟରେ ସ୍ୱତଂତ୍ର ପୋଥିମାନ ରହିଛି। କ୍ଷେତ୍ରର ନଳ ଭାଂଗଣ, କୋଟାହିସାବ ଓ ପଦାର୍ଥର ଘନତ୍ୱ ମାପ ଏବଂ କଳନ୍ତର ହିସାବ କ୍ଷେତ୍ରରେ ଏମାନେ ଜଣେ ଜଣେ ସ୍ୱତଂତ୍ର ପ୍ରତିଭା। ଏମାନଙ୍କ ନାମ ଭଣିତା ଥାଇ ସଂଗ୍ରହାଳୟରେ **ଗଣିତ** ଶୀର୍ଷକ ପୋଥି ସଂଖ୍ୟା ସର୍ବାଧିକ। ତେଣୁ **ଲୀଳାବତୀ ସୂତ୍ର**ର ଅନୁବାଦକ ଲୋକନାଥ, ସେମାନଙ୍କ ବ୍ୟକ୍ତିତ୍ୱଦ୍ୱାରା ଯେ ପ୍ରଭାବିତ ହୋଇଥିବେ, ଏପରି ଅନୁମାନକୁ ଅସ୍ୱୀକାର କରାଯାଇପାରିବ ନାହିଁ।

ପୁନଶ୍ଚ ଯାହା ଗୁରୁତ୍ୱପୂର୍ଣ୍ଣ, ଲୀଳାବତୀ ଓଡ଼ିଆଭାଷୀ ଅଞ୍ଚଳରେ ଜଣେ କିମ୍ବଦନ୍ତୀର ଚରିତ୍ର। ଖନା ନାମରେ ତାଙ୍କର ବିଶେଷ ପରିଚିତି ରହିଛି। ଲୋକେ ଗ୍ରହଣ କରି ନେଇଛନ୍ତି, କୃଷି ଓ ଗଣିତ ସଂକ୍ରାନ୍ତ ବିଦ୍ୟାର ପ୍ରକୃତ ଈଶ୍ୱରୀ ଭାସ୍କର ନୁହନ୍ତି, ଲୀଳାବତୀ। ଅସାଧାରଣ ପାଣ୍ଡିତ୍ୟ ଯୋଗୁଁ ତାଙ୍କୁ ଜିଭ ହରାଇବାକୁ ପଡ଼ିଛି। କଥନ ସାମର୍ଥ୍ୟ ହରାଇଛନ୍ତି ଏବଂ ଅକ୍ଷରରେ ସଜେଇ ଦେଇଛନ୍ତି ଆପଣା ଅଙ୍କବୋଧକୁ। ଓଡ଼ିଆ ଭାଷାରେ **ଖନା ବଚନ ବା ଲୀଳାବତୀ ସୂତ୍ର** ଶୀର୍ଷକରେ ବହି ମଧ୍ୟ ରହିଛି।[୧୭] ମାତ୍ର ଲୋକନାଥଙ୍କ ଲୀଳାବତୀ ସ୍ୱତନ୍ତ୍ର।

ପାଞ୍ଚ

ଆମେ ପ୍ରଥମରୁ ଆଲୋଚନା କରିଛେ, ଗଣିତ ଏକ ବ୍ୟାବହାରିକ ବିଦ୍ୟା। ଦୈନନ୍ଦିନ ଜୀବନଯାତ୍ରାର ସକଳ କ୍ଷେତ୍ରରେ ଏହି ବିଦ୍ୟାର ବର୍ତ୍ତମାନ। ତେଣୁ, ପୋଥିରେ ପ୍ରଶ୍ନଗୁଡ଼ିକର ସାଧନର ପ୍ରସଙ୍ଗ ପ୍ରାୟ ଏକ ପ୍ରକାରର। ସେଗୁଡ଼ିକ ଏହିପରି: ଆମେ ତତ୍କାଳ ଆବଶ୍ୟକତା ପୂରଣପାଇଁ ପଦାର୍ଥ ଅଥବା ଅର୍ଥ ଅନ୍ୟପାଖରୁ ଋଣ ସୂତ୍ରରେ ଆଣିବୁ, ସୁଧମୂଳ ପରିଶୋଧ କରିବୁ (କଳନ୍ତର), ନାନା ପ୍ରକାରର ପଦାର୍ଥ କିଣିବୁ, ବିକିବୁ, ଲାଭ ଅଥବା କ୍ଷତିରେ ଭୋଗ କରିବୁ (କ୍ରୟବିକ୍ରୟ); ଜମି କିଣିବୁ, ବିକିବୁ ଏବଂ ଘର କରିବୁ - ଏହା ଆୟତନ ଆଧାରରେ ହେବ (ନଳମାପ); ବିଭିନ୍ନ ପଦାର୍ଥ ମିଶିଯାଇଛି, ପ୍ରତ୍ୟେକର ପରିମାଣ ନିରୂପଣ କରିବୁ; ଆମକୁ ନିର୍ଦ୍ଦିଷ୍ଟ ସ୍ଥାନକୁ ଯିବାକୁ ହେବ, କେତେ ବେଗରେ ଗଲେ, କେତେ ସମୟ ଲାଗିବ ପହଞ୍ଚିବାକୁ (ସମୟ ଓ ଦୂରତା); କୌଣସି ଏକ ଘନ ପଦାର୍ଥର ପରିମାଣ ଜାଣିବାକୁ ହେବ, କିପରି ଜାଣିବୁ; କୌଣସି ପଦାର୍ଥକୁ ଭାଗ ଭାଗ ଅଥବା ପରସ୍ପର ସହିତ ଯୋଡ଼ିବାକୁ ପଡ଼ିବ, କିପରି କରିବୁ; ପଦାର୍ଥର ସଂଖ୍ୟା ଅଥବା ମୂଲ୍ୟ ବଢ଼ିବଢ଼ି ଯାଉଛି, ଅଥବା କମିକମି ଯାଉଛି - କେମିତି ଜାଣିବୁ ପରିଣତି (ଚଢ଼ା - ଉତରା) - ଏହା ଗଣିତ ବିଦ୍ୟାର ପ୍ରସଂଗ। ଯଦି ସହଜରେ ସମସ୍ୟା ସମାଧନ କରାଯାଇପାରିବ, ସେତିକିରେ ଆନନ୍ଦ। ସୂତ୍ରବୋଧ ଥିଲେ, ଜଣେ ଜଟିଳକୁ ସହଜ କରିଦେଇପାରିବ। ମାତ୍ର ସୂତ୍ର ତିଆରି ଏତେ ସହଜ ନୁହେଁ, ସାଧନାର ପ୍ରସଙ୍ଗ। ସମସ୍ୟାର ସମାଧନ କେତେ ଆୟାସସାଧ୍ୟ,

ଭୂମି / କ୍ଷେତ୍ରର ଆକାର ମାପ(ନଳ)କୁ ଆମେ ଉଦାହରଣ କରିପାରିବା। ଯଥା:

ସମନଳ, ବିଷମନଳ, ସାନହାତ ବଡ଼ହାତ ନଳ, ଜ୍ୟେଷ୍ଠ କନିଷ୍ଠ ନଳ, ପ୍ରତିନାସ୍ତି ନଳ, ଗୁଣାଣ ଦଶନ୍ଧି ନଳ, ହରଣ ଦଶନ୍ଧି ନଳ, ଷୋଳଖଣ୍ଡି ନଳ, ବାଂଶଭଙ୍ଗନଳ, ଶକଟାକାର ନଳ, ଧନୁଆକାର, ମର୍ଦ୍ଦଳାକାର, ଡମ୍ବୁରୁ ଆକାର, ବୃତ୍ତାକାର, ଚକ୍ରାକାର, ତୁଣୀର ନଳ, ପହଣ୍ଡ ନଳ, କୋଣଭଂଗା ନଳ, ବଧ୍ ନଳ, ପଦିକା ନଳ, ବିଶ୍ୱାନଳ, ଆଗୁଂଳ ନଳ, ଚାଖଣ୍ଡ ନଳ, ଚଉକ ନଳ, କାଣିହାତ ନଳ, ବାଂଫି ନଳ, ପୋଖରୀ ନଳ, ଦେଉଳତୋଳା ନଳ, ମଣ୍ଡପ ନଳ, ବେଦି ନଳ, ଖାତ ନଳ, ଖଣ୍ଡି ନଳ, ପାଟ-ପତନି ନଳ, ଗ୍ରାମ ନଳ, ଗଡ଼ ନଳ, ଛେଳିନଳ, ସର୍ପନଳ, ପଙ୍କ-ପଦ୍ମ ନଳ, ଗଛଲତା ନଳ, ମୟୂର-ସର୍ପ ନଳ, ଗଜଦନ୍ତ ନଳ, ଦୀପରୁଖା ନଳ, ପଥରବସା ନଳ, ବର୍ଗକ୍ଷେତ୍ର, ଆୟତକ୍ଷେତ୍ର ନଳ ଇତ୍ୟାଦି।

ଏବଂ, ଭୂମି ଓ ଦୂରତା ମାପର ଏକକ ଓ ଏକକ ଆଧାରରେ ପରିମାଣ ସମ୍ପର୍କରେ ସୂଚନା ଦିଆଯାଇଛି।

ଯଥା: ଆଂଗୁଳ, ମୁଠା (ଚାରି ଆଂଗୁଳ), ଚାଖଣ୍ଡ (ଆଠ ଆଂଗୁଳ), ହାତ (ଷୋଳ ଆଗୁଂଳ, ଦୁଇ ଚାଖଣ୍ଡ), ଦଣ୍ଡ (ଚାରିହାତ), କୋଶ (ଦୁଇ ହଜାର ଦଣ୍ଡ), ଯୋଜନ (ଚାରି କୋଶ), ଜରିବ (ଶହେ କଡ଼ି), ବଂଶ (ଦଶହାତ), ହଡ଼ି (କୋଡ଼ିଏ ବଂଶ), ଏକ ବିଶ୍ୱା (ଚାରି କଡି), ଏକଗୁଣ୍ଠ (ଷୋଳ ବିଶ୍ୱା) ଏକ ମାଣ/ଏକର (ପଚିଶ ଗୁଣ୍ଠ), ବାଟି (କୋଡ଼ିଏ ମାଣ/ଏକର)।

ମାପର ଏକକ ସହିତ ସଂଖ୍ୟାର କ୍ରମ ମଧ୍ୟ ଦିଆଯାଇଛି। ପ୍ରତ୍ୟେକ ଏକକ ପୂର୍ବ ଏକକର ଦଶଗୁଣ। ଯଥା: ଏକ, ଦଶ, ଶତ, ସହସ୍ର, ଅୟୁତ, ଲକ୍ଷ, ନିୟୁତ, କୋଟି, ମର୍ଭୁତ, ଶଂଖ, ପଦ୍ମ, ସାଗର, ଅନନ୍ତ, ମଧ୍ୟ, ପରାର୍ଦ୍ଧ।

ଏବଂ, ସଂଖ୍ୟା ଆଧାରିତ ଫଳ ନିରୂପଣପାଇଁ ରହିଛି ନାନା ପ୍ରକାରର ଓଡ଼ାଙ୍କ (ମିଶାଣ) ମେଲାଙ୍କ (ଫେଡାଣ), ତକାର (ହରଣ), ଗୁକାର (ଗୁଣନ) ବର୍ଗ, ବର୍ଗମୂଳ ସୂତ୍ର।

ସ୍ଥାନପରି ଆମକୁ କାଳ / ସମୟ; ଶସ୍ୟ, ତରଳ ଓ ଧାତବ ପଦାର୍ଥର ପରିମାଣ ଏବଂ ମୂଲ୍ୟାୟନପାଇଁ ମୁଦ୍ରାର ଏକକଗୁଡ଼ିକୁ ମଧ୍ୟ ଜାଣିବାକୁ ପଡ଼ିବ। ଏବଂ, ଜଣେ ଚାଟ ଏକକଗୁଡ଼ିକ ସମ୍ପର୍କରେ ଜାଣିସାରିବା ପରେ ଗଣିତର ଗହନ ବନ ଭିତରକୁ ପଶିବ। ଆପଣାକୁ ବିଦ୍ୟାବନ୍ତ ବୋଲି ପ୍ରମାଣ କରିବ। ତେଣୁ ଗଣିତବିଦ୍ୟା ଜଟିଳ ଓ ସାଧନା ସାପେକ୍ଷ ବୋଲି ପ୍ରତ୍ୟେକ ଖଡ଼ିକାର ବାରମ୍ବାର ଚାଟମାନଙ୍କୁ ସଚେତନ କରିଦେଇଛନ୍ତି।

ଜଟିଳତା ପାଖରେ ଅଟକିଲେ, ଯାତ୍ରା ଅଟକିଯାଏ, ଜୀବନ ଅଟକିଯାଏ, ସ୍ଥବିର ହୋଇଯାଏ। ସ୍ଥବିରତାର ଅନ୍ୟ ନାମ ମରଣ। ମଣିଷ ଜାଣେ, ମରଣ ହେଉଛି ଜୀବନର ଏକ ଅନତିକ୍ରମଣୀୟ ବାସ୍ତବତା। ମାତ୍ର ସେ ମରଣକୁ ଜୟ କରିବାକୁ ଚାହେଁ। ମରଣର କାରଣଗୁଡ଼ିକୁ ପ୍ରଶ୍ନ କରେ। ପ୍ରଶ୍ନରୁ ଜନ୍ମନିଏ ଉତ୍ତର। ପୁଣି ପ୍ରଶ୍ନ। ଜୀବନ ହେଉଛି ପ୍ରଶ୍ନ ଓ ଉତ୍ତରର ଏକ ନିରନ୍ତର ଯାତ୍ରା। ଏହି ଯାତ୍ରାକୁ ପ୍ରୀତିପ୍ରଦ କରିବାକୁ ପଡ଼ିବ କିପରି? ଆମ ଗଣିତଜ୍ଞମାନେ ଏଇ ପ୍ରଶ୍ନର ଉତ୍ତର ପାଇଯାଇଛନ୍ତି। ଉତ୍ତରର ପରିଭାଷା 'ଔଷଧ'। ସେମାନଙ୍କପାଇଁ ଏ ଔଷଧର ନାଁ 'ରସବୋଧ'। ଅର୍ଥାତ୍ ବ୍ୟକ୍ତିକୁ ତା' ସମସ୍ୟାର କଥା କହିଦିଅ। ସମସ୍ୟା କାହାଣୀ ହୋଇଯିବ। ଜୀବନ ସମ୍ମୁଖୀନ ହେଉଥିବା ସତସତ କାହାଣୀ। ଏମିତି ଘଟଣାମାନ ଜୀବନରେ କାହିଁକି ଘଟେ? ପ୍ରଶ୍ନ ଭିତରୁ ଜନ୍ମଟିଏ ଦର୍ଶନ, ଜୀବନଦୃଷ୍ଟି। ଜୀବନକୁ

ସହଜ ଓ ସୁଖକର କରାଯାଇପାରିବ କିପରି? କିପରି ପହଂଚିଯାଏ ଶବ୍ଦ ପାଖରେ, ସୁର ପାଖରେ, ବିଶ୍ୱାସ ପାଖରେ, ନାଚ ପାଖରେ, ଅଭିନୟ ପାଖରେ। ସଂକ୍ଷେପରେ ଅନୁଭବ ପାଖରେ। ତା' ପାଖରେ ଜଗତର ଯେ ଏତେ ସଂପଦ ଅଛି, ସେ ସହଜରେ କଳ୍ପନା କରିପାରେନି। ଗଣିତବିଦ୍ୟାକୁ ସକଳ ଭାବ ଓ ରସରେ ବେଶ କରିଦିଏ। ସହଜ, ସରଳ ଓ ସୁନ୍ଦର ହୋଇଯାଏ ଅବୋଧ, ଦୁର୍ବୋଧ ଲାଗୁଥିବା ଏକ ବିଦ୍ୟା। ଜୀବନର ଯାତ୍ରା ବି ଆଉ କ୍ଲାନ୍ତି, ବିରକ୍ତିକର ବୋଧହୁଏ ନାହିଁ। ବ୍ୟକ୍ତି ଅନୁଭବ କରେ, ସେ ବଂଚୁଥିବା ଜଗତ, ଗଣିତର ଜଗତ। ଗଣିତଜ୍ଞମାନେ ଜଟିଳତା ଭାଂଗଣର ଏହି ସୂତ୍ରକୁ ବୁଝିଛନ୍ତି। ତେଣୁ, ଗଣିତବିଦ୍ୟା ହୋଇଛି ସକଳ ରସବୋଧର ସରଘର। ଗୀତ, ସୁର, କଥା, ଚିତ୍ର, ଦର୍ଶନ, ଧର୍ମବିଶ୍ୱାସ, ନାଚ, ଅଭିନୟରେ ପରିପୂର୍ଣ୍ଣ ଆୟତନ।

ଗଣିତ ଓ ରସବିଦ୍ୟା ମଧ୍ୟରେ ବର୍ତ୍ତମାନ ସମ୍ପର୍କକୁ ବୁଝିବାପାଇଁ ପ୍ରଥମେ ଆମେ ସଂଖ୍ୟା ଅବବୋଧ ପାଖକୁ ଆସିବା। ଗଣିତଜ୍ଞମାନେ ସଂଖ୍ୟାଗୁଡ଼ିକୁ ପରିଚିତ ପୌରାଣିକ ଚରିତ୍ର, ପଦାର୍ଥ ଓ ଜ୍ୟୋତିର୍ବିଦ୍ୟାର ଗ୍ରହମାନଙ୍କ ମାଧ୍ୟମରେ ପ୍ରତୀକିତ କରିଛନ୍ତି। ଯଥା:

୧. (କଡ଼ା, ଶୂନ୍ୟ, ଚନ୍ଦ୍ର, ନିରାକାର, ବ୍ରହ୍ମା, ଅନ୍ତରୀକ୍ଷ), ୨. (ପକ୍ଷ, ବାହୁ, ନେତ୍ର), ୩. (ରାମମୂର୍ତ୍ତି, ରଥ, ପୁର), ୪. (ବର୍ଗ, ଯୁଗ, ମେଘ, ତୂର୍ଯ୍ୟ, ମୋକ୍ଷ, ବେଦ), ୫. (ପାଣ୍ଡବ, ଇନ୍ଦ୍ରିୟ, ଶର, ଭୂତ, ବଟ), ୬. (ଋତୁ, ରସାଂଗ, ପୂଜକ, ମିଛ), ୭. (ସମୁଦ୍ର, ନର, ତୁରଗ, ସ୍ୱର, ନର, ଦ୍ୱୀପ), ୮. (ନାଗ, ବସୁ, ରନ୍ଧ୍ର, ଆଗ୍ରହ), ୯. (ନନ୍ଦନ, ଗୋ), ୧୦ (ଦିଗ, ଅବତାର, ବସୁ), ୧୧. (ରୁଦ୍ର), ୧୨.(ମାସ, ସାଧରାଶି, ସୂର୍ଯ୍ୟ, ଫୁଲ), ୧୩. (କାଳ, ବିସ୍ୱ), ୧୪. (ଇନ୍ଦ୍ର, ଭୁବନ), ୧୫. (ତିଥି), ୧୬. (କଳା, ନୃପ), ୧୭. (ବିତିପାଦ), ୧୮. (ପୁରାଣ, ଧୃତି), ୧୯. (ବିଧୃତି), ୨୦. (ନଖ), ୨୧. (ଉତ୍ତରାଷାଢ଼ା ନକ୍ଷତ୍ର), ୨୨. (ଶ୍ରବଣା ନକ୍ଷତ୍ର), ୨୩. (ଶୁଭ), ୨୪. (ଅଗ୍ନିର୍ ଶୁକ୍ଳ), ୨୫. (ଯୂଥପତି, ପ୍ରକୃତି), ୨୬. (ଉତ୍ତରାଭଦ୍ରା), ୨୭. (ତାରା), ୨୮. (ଅଭିଜିତ), ୨୯. (ମନ), ୩୦. (ଦୃମୁଖୀ), ୩୧. (ସତୀ), ୩୨. (ଦାନ୍ତ), ୬୦. (ତିଳ), ୮୦. (ଦାଢ଼), ୧୦୦. (କୌରବ) ଇତ୍ୟାଦି।

ଚରିତ୍ରମାନଙ୍କୁ କିପରି ଅଂକ କୁହୁକରେ ବ୍ୟବହାର କରାଯାଇଛି, ତାହାର ଏକ ଉଦାହରଣ:

ଚପଳ ଚାଟକେ ମନେ ଭାବିଲା। ବସୁ ମୁନି ରାଗ ବୋଇଲା।।

ସାଥି ପିଲାଙ୍କୁ କହିଲା ଡାକିଣ। ଯଦି ଖଡ଼ିପାଠେ ଅଟୁ ପ୍ରବୀଣ।।

ଗଢ଼ିଛି ରାଶି ଆଦ୍ୟେ ଚନ୍ଦ୍ରରଖି। ତଳକୁ ତଳ କେତେଥର ଲେଖି।।

ମିଶାଇଲେ ହୋଇବ ଚନ୍ଦ୍ରମାଳି। କହିଦିଅ ଭାଇ ଚିତ୍ତରେ ଭାଳି।। (ପୋଥି ନମ୍ବର ୨୨୪)

ଗଣିତପୋଥିଗୁଡ଼ିକ ପଢ଼ିଲେ ଲାଗିବ, ପ୍ରତ୍ୟେକ ଗଣିତଜ୍ଞ ଯେପରି ଜଣେ ଜଣେ କବି, ସଙ୍ଗୀତକାର ଓ ଦାର୍ଶନିକ। ସଂଗ୍ରହାଳୟରେ ଥିବା ମାତ୍ର ତିନୋଟି ପୋଥି ବ୍ୟତୀତ ଅନ୍ୟଗୁଡ଼ିକ ଗୀତ ଓ ସ୍ୱରରେ ରସସିକ୍ତ। ପ୍ରଶ୍ନଗୁଡ଼ିକ କବିତାରେ, ରାଗଯୁକ୍ତ। ରାଗଗୁଡ଼ିକ: ଆଷାଢ଼ଶୁକ୍ଳ, ମଙ୍ଗଳଗୁଜ୍ଜରି, କେଦାର, ଧନାଶ୍ରୀ, କାମୋଦି, କୌଶିକ, ନଳିନୀଗୌଡ଼ା, ଆହାରି, କଲ୍ୟାଣଆହାରି, ରସକୂଲ୍ୟା, ବଙ୍ଗଳାଶ୍ରୀ, କୁନ୍ତକାମୋଦି, ଚୋଖି, ଭାଗବତ ବାଣୀ ଇତ୍ୟାଦି। ଅବଧାନ ଗୀତରେ ପ୍ରଶ୍ନ କରନ୍ତି, ସୁର ଧରେଇ ଦିଅନ୍ତି ଚାଟମାନଙ୍କୁ। ଚାଟଶାଳୀରେ ବାଳୁତମାନଙ୍କର କୋମଳ କଣ୍ଠର ଲଳିତ ଧ୍ୱନି। ସୁରରୁ ଶ୍ରୁତି, ଶ୍ରୁତିରୁ ଚିତ୍ତ ଓ ଚିତ୍ତରୁ ସ୍ମୃତି। ବିଦ୍ୟା ଏବେ ସୂତ୍ରାୟିତ। ଉଦ୍ଭାସିତ ଚେତନାରେ। ବିସ୍ମୃତିର ସମ୍ଭାବନା

କ୍ଷୀଣ। ଏଥିପାଇଁ ଆମ ଦର୍ଶନ, ବ୍ୟାକରଣ, କୋଷଗ୍ରନ୍ଥ ଏବଂ ଶାସ୍ତ୍ରାଦି ଛନ୍ଦୋବଦ୍ଧ ହୋଇଛି। ଓଡ଼ିଶାର ଗଣିତଜ୍ଞମାନେ ଏହି ଭାରତୀୟ ପରମ୍ପରାର ପ୍ରତିନିଧି। କେବଳ ଏତିକି ନୁହେଁ, ଗୀତଗୁଡ଼ିକ ହୋଇଛି ଅଳଂକାରରେ ଅଭିସିକ୍ତ। ତେଣୁ ଚିତ୍ତ - ପ୍ରସାଦକ। ଭାରତର ଅନ୍ୟ ଭୂମିରେ ମଧ୍ୟ ଏହି ପରମ୍ପରା ଜୀବନ୍ତ। ପଡ଼ୋଶୀ ବଙ୍ଗଭୂମିକୁ ଆମେ ଏହି ଭାବାଦର୍ଶର ଉଦାହରଣ କରିପାରିବା। ବଙ୍ଗ ଭୂମିରେ ଚାଟଶାଳୀଗୁଡ଼ିକରେ ବହୁ ପ୍ରଚଳିତ **ଶୁଭଙ୍କରୀ** ଗ୍ରନ୍ଥ ଛନ୍ଦୋବଦ୍ଧ ରଚନା। ଏହା ଉନବିଂଶ, ଏପରିକି ବିଂଶ ଶତାବ୍ଦୀରେ ମଧ୍ୟ ଗ୍ରାମ୍ୟଜୀବନକୁ ଆସକ୍ତ କରି ରଖିଛି।[୧୮]

ଗଣିତଗୁଡ଼ିକରେ ପ୍ରଶ୍ନ ସିନା ଗୀତରେ, ଉତ୍ତର କିନ୍ତୁ ଗଦ୍ୟରେ। ଆଉ କେତେକ ପୋଥିରେ ଗଦ୍ୟ ଅବଶ୍ୟ ଅନୁପସ୍ଥିତ, ମାତ୍ର ବ୍ୟାଖ୍ୟା ଗଦ୍ୟପ୍ରଧାନ। ଏପରି ହେବାର କାରଣ ମଧ୍ୟ ରହିଛି। ଗଦ୍ୟ ବିଚାର / ଦର୍ଶନକୁ ବିସ୍ତୃତି ଦିଏ, ବ୍ୟାଖ୍ୟାତ୍ମକ କରାଏ। ଆମ ଚିନ୍ତନ ଯାତ୍ରାକୁ ଦ୍ରୁତରୁ ମଧ୍ୟ ଓ ବିଳମ୍ବିତ, ଦୁର୍ବୋଧରୁ ବୋଧ କରାଏ; ସମସ୍ୟା ଗ୍ରନ୍ଥିର କ୍ରମ ବିରେଚନରେ ସହାୟକ ହୁଏ। ଏହି ବ୍ୟାଖ୍ୟାତ୍ମକତାକୁ ଆମେ ଟୀକା କହିପାରିବା। ଗଣିତର ଏହି ଗଦ୍ୟ, ଓଡ଼ିଆ ଭାଷାର ମଧ୍ୟକାଳୀନ ଗଦ୍ୟରୀତିର ଉଦାହରଣ। ଯଥା:

ଅଂକମନାସ ସୂତ୍ର

ମନାସିବା ରାଶିକୁ ତିନିରେ ହରି ଭାଗଶେଷକୁ ସତୁରିରେ ଗୁଣି ରଖ। ପୁଣି ସେହି ରାଶିକୁ ୫ରେ ହରି ଭାଗଶେଷକୁ ୨୧ରେ ଗୁଣି ରଖ। ପୁଣି ମନାସିବା ରାଶିକୁ ହରି ୧୫ରେ ଗୁଣି ରଖ। ବର୍ତ୍ତମାନ ତିନୋଟିଯାକ ଗୁଣଫଳ ମିଶାଅ। ଯଦି ଯୋଗଫଳ ୧୦୫ରୁ ସାନ ହୁଏ, ତେବେ ସେହି ସଂଖ୍ୟାଟି ଭାବିବ। ସଂଖ୍ୟାଠାରୁ ଯଦି ବଡ଼ ହୁଏ, ତେବେ ୧୦୫କୁ ହରିଲେ, ଯେଉଁ ଭାଗଶେଷ ରହିବ, ସେହିଟି ମନାସିବା ରାଶି।

ଯଦି ମନସିବା ରାଶି ୮, ୮÷୩ = ୨.୨, ୨X୭୦ = ୧୪୦ ରଖ, ୮÷୫ = ୧.୩, ୩X୨୧= ୬୩ ରଖ, ୮÷୭ = ୧.୧, ୧X୧୫ = ୧୫ ରଖ, ୧୪୦+୬୩+୧୫ = ୨୧୮, ୨୧୮÷୧୦୫ = ୨.୮ ଜାଣିଲା ମନାସିବା ରାଶିଟି ୮। ମାତ୍ର ରାଶିଟି ୩. ୫. ୭ ଭାଗ ହେବା ରାଶି ଠାରୁ ଯଦି ସାନ ହୁଏ। ତେବେ ଭାଗ ନ କରି ଗୁଣନ ରାଶିମାନଙ୍କରେ ଭିନ୍ନ ଭିନ୍ନ ରାଶିସବୁ ମିଶାଇବ। ତାକୁ ୧୦୫ରେ ହରିବ। ଭାଗଶେଷଟି ମନସିବା ରାଶି। (ଗଣିତ ପୋଥି ନମ୍ବର ୨୨୪)

ଗଣିତରେ ଦର୍ଶନ, ଗୀତ, ସୁର, ରସବୋଧ ଓ ଗଦ୍ୟର କିପରି କଳାତ୍ମକ ସମୀକରଣ ଘଟିଛି, ତତ୍ ସମ୍ପର୍କରେ ଚର୍ଚ୍ଚା କରାଯାଇପାରେ। ବହୁ ଗଣିତର ନାୟକ ରାଧାକୃଷ୍ଣ, ଗୋପାଙ୍ଗନା । ଗୋପରେ ସେମାନଙ୍କର ମଧୁରଲୀଳା। ଏହି ଲୀଳା ବୈଷ୍ଣବଧର୍ମର ରାଗାନୁଗା ବା ପ୍ରେମଭକ୍ତି ଦର୍ଶନର କଥା। ଓଡ଼ିଶାରେ ଏକଦା ବୈଷ୍ଣବଧର୍ମ ସ୍ରୋତ ଯେ ଉଚ୍ଛଳ ଥିଲା, ଗଣିତଶାସ୍ତ୍ର ତାହାର ଉଦାହରଣ। ଅଧର ପଟ୍ଟନାୟକ, ବ୍ରଜ ନାୟକ ଓ କୃଷ୍ଣଙ୍କ ଗଣିତଶାସ୍ତ୍ରଗୁଡ଼ିକ ମୁଖ୍ୟତଃ ବୈଷ୍ଣବଧର୍ମାଶ୍ରୟୀ। ଗୋପୀମାନେ ବୃନ୍ଦାବନରେ ଶ୍ରୀକୃଷ୍ଣପାଇଁ କିପରି ନାନା ଜାତିର ଫୁଲମାଳ ଗୁନ୍ଥୁଛନ୍ତି, କିପରି ରାସମଣ୍ଡପ ତିଆରି କରିଛନ୍ତି, କିପରି ଚୁମ୍ବନ ଦେଇଛନ୍ତି - ଏ ସକଳର ବର୍ଣ୍ଣନା ରହିଛି ଅଂକଶାସ୍ତ୍ରରେ। ବ୍ରଜ ନାୟକ ଆପଣାର ଏକ ଚଉତିଶାରେ ରାଧା-କୃଷ୍ଣ-ଗୋପୀ-ଗୋପାଳଙ୍କ କଥୋପକଥନ ଛଳରେ, ସୂତ୍ର ଆଧାରରେ, ନାନା ଗାଣିତିକ ସମସ୍ୟାର ସମାଧାନ କରିଛନ୍ତି। ରାଧା, ଗୋପୀଙ୍କର କୃଷ୍ଣଙ୍କୁ ଚୁମ୍ବନ ଦାନ ପ୍ରସଂଗ ଏହିପରି -

'ଶ୍ରୀ ବୃନ୍ଦାବନରେ କେତେ ଗୋପୀ ଥିଲେ ନଜାଣି, ପ୍ରଥମ ଗୋପୀ ଶ୍ରୀକୃଷ୍ଣଙ୍କୁ ଚୁମ୍ବନ ଦେଲେ ଗୋଟିଏ, ଦ୍ୱିତୀୟ ଦେଲେ ଦୁଇଗୋଟି, ତୃତୀୟ ଦେଲେ ତିନିଗୋଟି। ଏପରି ଚଢ଼ା କରି ଦିଅନ୍ତେ ଚୁମ୍ବନ ହେଲା ୧୨,୮୦୦,୮୦୦। କେତେ ଗୋପୀ ସଂଖ୍ୟା ହେଲେ ଜାଣିବା।

ଉତ୍ତର: ୧୬,୦୦୦ (ଗଣିତ ପୋଥି ସଂଖ୍ୟା ୧୦୯ / ବ୍ରଜ)

ଏହି ପ୍ରଶ୍ନକୁ ଅନ୍ୟ ଏକ ଧାରାରେ ମଧ୍ୟ ପଚରାଯାଇପାରେ।

ବୃନ୍ଦାବନରେ ଥିଲେ ୧୬,୦୦୦ ଗୋପୀ। ପ୍ରଥମ ଗୋପୀ କୃଷ୍ଣରେ ୧ଟି ଚୁମ୍ବନ ଦେଲେ, ଦ୍ୱିତୀୟ ଅଧିକ କରି ଦେଲେ ଆଠଟି, ଆଠଟି ଅଧିକ କ୍ରମରେ ଷୋଳସହସ୍ର ଗୋପୀ କୃଷ୍ଣକୁ କେତେ ଚୁମ୍ବନ ଦେଲେ?

ପ୍ରଥମ ପ୍ରଶ୍ନକୁ ଓଲଟାଇ ଦେଲେ ଏପରି ହେବ:

ବୃନ୍ଦାବରେ ଶ୍ରୀକୃଷ୍ଣକୁ ୧୨,୮୦୦,୮୦୦ ଚୁମ୍ବନ ଦେଲେ। ଗୋପୀମାନଙ୍କ ସଂଖ୍ୟା ଅଜଣା। ପ୍ରତ୍ୟେକ ଗୋପୀ ଆଠଟି ସଂଖ୍ୟାର ଚଢ଼ା କ୍ରମରେ ଚୁମ୍ବନ ଦେଇଥିଲେ। ଗୋପୀଙ୍କ ସଂଖ୍ୟା କେତେ?

ଏବେ ବ୍ରଜ ନାୟକଙ୍କ ଏକ ଚଉତିଶା ପାଖକୁ ଆସିବା।

ରାଗ: ବିପ୍ରସିଂହାବୃତ୍ତେ

ପ୍ରାଣନାଥ ଅଂକେ ବସି ପାଂଚନ୍ତି କୁଟିଳକେଶୀ
ମୋର ପ୍ରାୟ ନଥିବେ ଜଣେ

ସୁରସିକ ବୀରବର କଲେ ମୋତେ କି ଆଦର
କରନ୍ତି ନାହିଁ ମୋତେ ଅନ୍ତର କ୍ଷଣେ ହେଁ

ଅର୍ନ୍ତଯ୍ୟାମୀ, ଜାଣି ବୋଇଲେ ହେ ପ୍ରାଣଧନ
ବସ ମୁଁ କରିବି ବେଶ, ବନରୁ ଆଣଇ ପୁଷ୍ପ

ଏତେ କହି ଅନ୍ତର୍ଦ୍ଧାନ ହେଲେ ସେ ।୧।

ଚାହିଁ ଯେ ଥିଲେ ସୁନ୍ଦରୀ ଯେଣୁ ନ ଆସିଲେ ହରି
କଲେ ରୋଦନ ସେ ଉଚ୍ଚସ୍ୱରେ

କଲି ମୁଁ କେବଣ ଦୋଷ କଲ ତ ଏତେ ନିରାଶ
ରହିଲ ଯାଇ କେବଣ ଠାରେ ସେ

ମୋହନ, ଆସ ଆସ ଲୁଚିଅଛ କାହିଁ
ଅତି ଉଚ୍ଚରେ ଟେକିଲ, ଟୋପରେ ପକାଇ ଦେଲ

ଗୋପୀଙ୍କର ସଙ୍ଗ ଛଡ଼ାଇ ହେ ।୨।

ଗୋପାଙ୍ଗନାମାନେ କୃଷ୍ଣ ଲୋଡୁଛନ୍ତି ହୋଇ ଭ୍ରମ
କର୍ଣ୍ଣେ ଶୁଣି କଲେ ତ ରୋଦନ

ମିଳିଲେ ଏଠାରେ ଆସି ପଚାରନ୍ତି ବେଢ଼ି ବସି
କେଉଁଠାରେ ଅଛନ୍ତି ମୋହନ ଗୋ

ସେ ବୋଇଲେ, ମୋତେ ଛାଡ଼ି ଏହି ମାର୍ଗେ ଗଲେ
ସଙ୍ଗେ ଘେନି ନୃପସୁତା ସକଳ ଗୋପ ବନିତା

ଏଠାରୁ ପୁଣ ଗମନ କଲେ ହେ ।୩।

ଏକ ଗୋପୀକା ଗଳାରୁ ଖସିଲା ହେମମାଳାରୁ
ଦଶ ବାନିକସ ବେନି ମାଢ଼

ବସୁ ବା ନେତ୍ର ମାଢ଼ ମୁନି ବାନେ ବେଦ ମାଢ଼
ଏ ରୂପରେ ଖସିଲା ଗ୍ରହ ମାଢ଼ ସେ

ବାଛି ସବୁ, ଏକଠାବେ ତୋଳିଶ ରଖିଲେ
କହିଲେ ଯେତେ ସୁବର୍ଣ୍ଣ, ଥାଉଟିଲେ କେତେ ଦାନ

ହୋଇଲେ ରାମସୁତ କହିଲେ ସେ ।୪।

ସୂତ୍ର: ଯେଝା ମାଢ଼େ ଯେଝା ଦାନ ଘନ କରିଣ ବହନ
ତିନିକି ମିଶାଇ ପିଣ୍ଡ କର

ଯେ ବା ଚାରିଶ ଯେତକ ଖସିଲା ମାଢ଼ ତେତେକ
ମିଶାଇଣ ସବୁ ଠୁଳକର

ସେ ଏହା ଘେନି, ହରି ଯେବେ ରଖିଲା ପିଣ୍ଡକୁ
କୃଷ୍ଣ ପାଦେ ଦେଇ ଚିତ୍ତ, କହୁଅଛି ରାମସୁତ

ଲଞ୍ଚକୁ ଜାଣିବ ମୂଳକୁ ।

ସ୍ଥାପନା: ଗୋପୀ ଜଣକର ଗଳାରୁ ହେମମାଳା ଖସିଲା। ଦଶ ବାନେକସ ମାଢ଼ ୨ ଆଠ ବାନେକସମାନ ତ ସାତ ବାନେକସ ଚାରି ମାଢ଼ ଏ ରୂପେ ଗାଏ ତିନି ପଳ ନଅ ମାଢ଼। ଏ ସୁନା ଏକଠାରେ ଆଉଟିଲେ କେତେ ବାନେକସ ନାଗିବ ଜାଣିବ।

ଧରାଣ: ଥୋ ଦୁଇ ମାଢ଼ ଗୁଣ ଏହାର ଦଶ ବାନରେ ହୋୟେ ୨୦ଏ। ଏବେ ଥୋ ମାଢ଼ ତ ଗୁଣ ଏହାରଆ ୮୦ ବାନରେ ହୋୟେ ୨୪। ୪ ମାଢ଼ ଗୁଣ। ଏହାର ସାତ ବାନରେ ହୋୟେ ୨୮। ଏବେ ଗାଏ ତିନି ଦରେ ହୋୟେ ୭୨। ଏଥକୁ ପହଁରଣ ଆଣ ଥୋ ୨ ମାଢ଼, ମିଶା ୩ ମାଢ଼, ହୋୟେ ୫, ମିଶା ୪ ମାଢ଼, ହୋୟେ ୯ ମାଢ଼, ଏହାରୁ ଘେନି ସେ ପିଣ୍ଡରୁ ହର, ଲଞ୍ଚ ୮ ବାନ, ଜାଣିଲା ୮୦ ବନକସେ ଲାଗିଲା ଆସଇ (ଗଣିତ ପୋଥି ନମ୍ବର ୨୩୭, ପତ୍ର: ୫୦)।

କେବଳ ଶ୍ରୀକୃଷ୍ଣ ନୁହନ୍ତି, ବହୁ ଗଣିତରେ ଶିବ ଓ ଶକ୍ତି ଉପାସନା ପ୍ରସଙ୍ଗ ରହିଛି। ଭକ୍ତମାନେ ଶିବଙ୍କ ମଥାରେ ଚମ୍ପାଫୁଲ ଓ ବେଲପତ୍ର ଚଢ଼ାଉଛନ୍ତି। ବହୁ ଗଣିତରେ ରାମାୟଣ ଓ ମହାଭାରତ ବର୍ଣ୍ଣିତ ଯୁଦ୍ଧର ଦୃଶ୍ୟ ରହିଛି। ଅସ୍ତ୍ର ଆଧାରରେ ସୈନ୍ୟ ସଂଖ୍ୟା କଳନା କରାଯାଇଛି। ଗୋଟିଏ ଗଣିତରେ ଜଣେ ଭକ୍ତ

ଅଭୀଷ୍ଟ ପୂରଣପାଇଁ ଚଣ୍ଡୀଙ୍କୁ ଛେଳି ବଳି ଦେଉଛି । ବର୍ଷକପାଇଁ ତା'ର ମାନସିକ। ଉପର୍ଯ୍ୟୁକ୍ତ ସକଳ ଗଣିତ ଚଢ଼ା - ଉତ୍ତରା ସୂତ୍ର - ଆଧାରିତ।

ଚାଟମାନେ ପୁରାଣ ଶୁଣିଛନ୍ତି, ପୁରାଣର ଚରିତ୍ରମାନଙ୍କୁ ଭେଟୁଛନ୍ତି, ଗାଣିତିକ ସମସ୍ୟାଗୁଡ଼ିକର ସମାଧାନ ମଧ୍ୟ କରୁଛନ୍ତି। ଗଣିତକୁ ଚାଟପ୍ରିୟ କରିବାପାଇଁ ବହୁ ଗଣିତଜ୍ଞ ଚଉତିଶା ଓ କୋଇଲି ଶୈଳୀକୁ ନିଜର କରିଛନ୍ତି।[୧୯] ଚଉତିଶାଗୁଡ଼ିକର ସଂଖ୍ୟା ୫୦ରୁ ଅଧିକ। ପ୍ରାୟ ପ୍ରତ୍ୟେକ ବିଖ୍ୟାତ ଗଣିତଜ୍ଞ ଚଉତିଶା ଲେଖିଛନ୍ତି। ସେଗୁଡ଼ିକ ସେମାନଙ୍କର 'ହସ୍ତବଳା ସଦୃଶ'। ହସ୍ତବଳା, ଅର୍ଥାତ୍, ଗଣିତବିଦ୍ୟା ଓ ଶାସ୍ତ୍ର ରଚନା କାଳରେ, ମନକୁ ଟିକିଏ ଆନନ୍ଦ ଦେବାପାଇଁ କବିମାନେ ଛୋଟ ଛୋଟ, ନିର୍ଦ୍ଦିଷ୍ଟ ଭାବଭିତ୍ତିକ ଏବଂ ସହଜ ଓ ସରଳ ଲେଖାର ଆଶ୍ରୟ ନେଇଥାନ୍ତି। ଦେବୀ ଦାସ, ବିକ୍ରମ, ବଳଭଦ୍ର, ଧରଣୀଧର ଏବଂ ଭଗବାନଙ୍କ ଚଉତିଶାଗୁଡ଼ିକ ଏହି ମାନସିକତାର ପ୍ରତିଲିପି। କେତେକ ଚଉତିଶା ଗଣିତର ନିର୍ଦ୍ଦିଷ୍ଟ ବିଷୟକ ଏବଂ ବହୁ ଚଉତିଶାରେ ବହୁ ପ୍ରକାର ଗଣିତ ରହିଛି। ଜଳ ଚଉତିଶା, ଶୋଧ୍ ଚଉତିଶା (ବିକ୍ରମ), ଓଡ଼ାଙ୍କ ଚଉତିଶା, ଅଙ୍କପୋଛା ଚଉତିଶା, ରକ୍ଷହର ଚଉତିଶା, ଅଧୁଲିଫେଡ଼ା ଚଉତିଶା, ନଳଭଙ୍ଗା ଚଉତିଶା (ଘନଶ୍ୟାମ), କୂଟକ ଚଉତିଶା, ଶିଷ୍ୟ ଉପଦେଶ ଚଉତିଶା (ବଳଭଦ୍ର), କ୍ରୟବିକ୍ରୟ ଚଉତିଶା, ବୃଦ୍ଧି-ବୃଷାଳ ଚଉତିଶା, ଖନ୍ଦା ଚଉତିଶା, କୋଟା ଚଉତିଶା ଆଦି ଏକକ ବିଷୟକ ଏବଂ ହଂସତୋଳା ଚଉତିଶା (ବଳଭଦ୍ର), ଗଣିତ ଚଉତିଶା (ବିକ୍ରମ), ନାୟକଧନ ଚଉତିଶା (ଦେବୀ ଦାସ), ପାଠ ସମୁଦ୍ର ଚଉତିଶା (ଦେବୀ ଦାସ), ଓଝା ସଙ୍ଗାଳି ଚଉତିଶା (ବିକ୍ରମ), ଅଙ୍କନିଧି ଚଉତିଶା, କୁଞ୍ଜବନ ଚଉତିଶା (କୁଞ୍ଜବନ), ଶବ୍ଦ ଚଉତିଶା, ଧରଣୀଧର ଚଉତିଶା (ଧରଣୀଧର), ଚିତ୍ତବୋଧ ଚଉତିଶା, ନାୟକଧନ ଚଉତିଶା, ସିନ୍ଧୁ ସିଂହାର ଚଉତିଶା, ଶିବ ଉପଦେଶ ଚଉତିଶା, ପାଠ ମଙ୍ଗଳ ଚଉତିଶା, ଖଡ଼ି କୌତୂକ ଚଉତିଶା, ରସକେଳି ଚଉତିଶା, ଇଚ୍ଛାବତୀ ଚାଟ ଚଉତିଶା, ଅର୍ଦ୍ଧନିଧି ଚଉତିଶା, ଖଡ଼ିରତ୍ନ ଚଉତିଶା, ଖଡ଼ିବିନୋଦ ଚଉତିଶା ଏବଂ ରାଧାମାଧବ ଲେଖାସୂତ୍ର ବିବିଧ ଗଣିତ ସୂତ୍ର ବିଷୟକ। ପ୍ରାୟ ପ୍ରତ୍ୟେକ ଚଉତିଶା ଗୋଟିଏ ଗୋଟିଏ ରାଗରେ ଲିଖିତ। ବ୍ରଜନାୟକଙ୍କ ଚଉତିଶା ଏକ ଚମ୍ପୁ ଚଉତିଶା। ଗୋଟିଏ ଗୋଟିଏ ଅକ୍ଷରର ଗୀତ ବହୁ ପଦ ବିଶିଷ୍ଟ, ଗୋଟିଏ ରାଗଯୁକ୍ତ ଏବଂ ଗୋଟିଏ ପ୍ରଶ୍ନର ସୂତ୍ର ଓ ବ୍ୟାଖ୍ୟାତ୍ମକ। ଏହାର ନାୟିକା-ନାୟକ ପୁଣି ରାଧା-କୃଷ୍ଣ ଓ ଗୋପାଙ୍ଗନା। (ଗଣିତ ପୋଥି ନମ୍ବର: ୨୩୭) କବିସୂର୍ଯ୍ୟ ବଳଦେବ ରଥଙ୍କ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର ଏହା ସମଗୋତ୍ରୀୟ, ମାତ୍ର ସ୍ୱତନ୍ତ୍ର।[୨୦]

ଚଉତିଶା ବ୍ୟତୀତ ଭାବ ପ୍ରକାଶନରେ ଗଣିତଜ୍ଞମାନେ ଅନ୍ୟ ଲୋକପ୍ରିୟ କାବ୍ୟ-ପ୍ରରୂପକୁ ପ୍ରୟୋଗ କରିଛନ୍ତି। ସେଗୁଡ଼ିକ: **ବୋଲି** (ପଣକିଆ ବୋଲି: ଗ ପୋ ୨୨୨, ଚାଟ ବୋଲି: ରାଜକୁମାର ଗ ପୋ ଓଏଲ୍ ୨୨୧୦), **ଚଉପଦୀ** (ଗଣିତ ଚଉପଦୀ: ଦେବୀ ଦାସ, ଗ ପା ନମ୍ବର ଓଏଲ୍ ୨୨୧୦), **ଚିଟାଉ** (ଶୁକ ଚିଟାଉ ଲେଖ: ଅଧର ପଟ୍ଟନାୟକ, ଗ ପୋ ନମ୍ବର - ୨୧୯) ଏବଂ **କୋଇଲି**, (ଗ ପୋ ନଂ ୨୨୨)। ଶୁକ ଚିଟାଉ ଲେଖାର ବିଷୟ - ଜଣେ ବିରହୀବର ବିଦେଶରେ ଥାଇ ତା ପରାଣବାନ୍ଧବୀ ପାଖକୁ ବିନୟ ପତ୍ରିକାଟିଏ ଲେଖୁଛି। ଶୁଆ ବେକରେ ପତ୍ରିକାଖଣ୍ଡିକ ବାନ୍ଧିଦେଇ କହୁଛି, 'ଯା'ରେ ସୁଜାଣ ପକ୍ଷି, ଚିଠି ଦେବୁ, କହିବୁ ମୋ କଥା।' ଗଣିତରେ ରହିଛି, ପକ୍ଷୀଟି ଏତିକି ବେଗରେ ଉଡ଼ିଲେ, ତା' ଲକ୍ଷ୍ୟସ୍ଥଳରେ ପହଞ୍ଚିବାପାଇଁ କେତେ ଦିନ ସମୟ ଲାଗିବ। ପ୍ରଶ୍ନର ସମାଧାନ କରାଯାଇଛି। ଏହା ଆମ ଦୂତକାବ୍ୟ ପରମ୍ପରାର ଉଦାହରଣ। **କୋଇଲି** ଏକ ସମ୍ବୋଧଗୀତିକା। କୋଇଲିକୁ ସମ୍ବୋଧନ କରି ପ୍ରଶ୍ନ: କୋଇଲି ଲୋ, ଲେଖିଛନ୍ତି ରାଶି ଯେତେ ଯେତେ, ତହିଁରୁ ଓଡ଼ାଙ୍କମାନ ଆସିବ କେମନ୍ତେ, ଲୋ କୋଇଲି।

ଅନ୍ୟ ଏକ ଗଣିତରେ, ଲୋକଗୀତ ଫୁଲ ବଉଳବେଣୀର ପ୍ରୟୋଗ ରହିଛି। ପଚରା ଯାଇଛି-

କହ ପଣିକିଆ ବାଣୀ ଗୋ, ଫୁଲ ବଉଳବେଣୀ

କେଉଁ ଖନ୍ଦା ଅଂକ ତିନି ଧାଡ଼ି ମିଶି, କେତେ ତା' କେମନ୍ତ ଜାଣି ଗୋ

ଫୁଲ ବଉଳବେଣୀ। (ଗଣିତ ପୋଥି ନମ୍ବର ୨୨୨)

କୋଇଲି, ବୋଲି ଓ ଫୁଲବଉଳବେଣୀର ପ୍ରୟୋଗକାର ହେଉଛନ୍ତି ଧରଣୀଧର।

ପୁଣି ଚାଟମାନଙ୍କୁ ଗଣିତମନସ୍କ କରାଇବାପାଇଁ ଅବଧାନମାନେ ସମ୍ବାଦଶୈଳୀକୁ ମଧ୍ୟ ନିଜର କରିଛନ୍ତି। ପ୍ରଶ୍ନ ପାଇଁ ପଚାରିଲା, ସୂତ୍ର, ସ୍ଥାପନା ଓ ଇଚ୍ଛାବାଣୀ ଏବଂ ଉତ୍ତରପାଇଁ ଧର, ଧରାଣ, ବଖାଣ, ଶବଦ, ଭରାଣ ଓ ଚାଟବାଣୀ ଶବ୍ଦ ପ୍ରୟୋଗ କରାଯାଇଛି। ଦୁଇଟି ଗଣିତ ପୋଥିରେ ସକଳ ପ୍ରଶ୍ନ, ସୂତ୍ର ଓ ସମାଧାନକୁ ଶ୍ୟାମାଚରଣ ଓ ରାଧାଚରଣ ଏବଂ ଗୋଟିକରେ ଲୀଳାବତୀ ଓ କଳାବତୀଙ୍କ ସଂଳାପ ବା କଥୋପକଥନକୁ ଭିତ୍ତି କରାଯାଇଛି। (ଗଣିତପୋଥି ନମ୍ବର: ୨୨୪) କୌଣସି ବିଦ୍ୟାକୁ ସହଜବୋଧ କରିବାପାଇଁ ଯେଉଁ ବ୍ୟାଖ୍ୟାନ ପରମ୍ପରା ଭାରତୀୟ ସାହିତ୍ୟତତ୍ତ୍ୱରେ ଗୁରୁତ୍ୱ ପାଇଛି, ତାହା ସମ୍ବାଦଶୈଳୀ ଏବଂ ଆମ ଗଣିତଜ୍ଞମାନେ ସେହି ଶୈଳୀର ଜଣେ ଜଣେ ସଶ୍ରଦ୍ଧ ଅନୁଗାମୀ।

ଗଣିତ ବହିଗୁଡ଼ିକର ଅନ୍ୟତମ ବିଶେଷତା, ଏଗୁଡ଼ିକୁ ପଢ଼ିଲେ ଲାଗିବ, ସତେ ଯେପରି କଥାର ଘର। ପ୍ରତ୍ୟେକ ପ୍ରଶ୍ନ ଭିତରେ ଗୋଟିଏ କାହାଣୀ ଅଛି। କାହାଣୀ ପୁଣି ଦ୍ୱନ୍ଦ୍ୱାତ୍ମକ ଏବଂ ଦ୍ୱନ୍ଦ୍ୱାତ୍ମକତାର ସମାଧାନ ଅଛି। ସମାଧାନ ପୁଣି ସୂତ୍ରାତ୍ମକ। ଜଣେ ଚାଟ ପ୍ରଥମେ ଗୀତ, ସୁର ମାଧ୍ୟମରେ କଥା ଶୁଣୁଛି, କଥାଜାଲରେ ଛନ୍ଦି ହୋଇ ପଡୁଛି, ମୁକ୍ତି ଖୋଜୁଛି । ମୁକ୍ତିର ଅର୍ଥ, ସମସ୍ୟା ସମାଧାନର ବାଟ। ସମାଧାନର ବାଟ ଖୋଜି ପାଇବା ବ୍ୟକ୍ତିର ସାଧନା ନିର୍ଭର। ମାତ୍ର ବାଟ ଖୋଲା ରହିଛି। ଏ କଥାଗୁଡ଼ିକ, ପୁଣି, କାଳ୍ପନିକ ନୁହେଁ। ବ୍ୟକ୍ତିକ ଓ ସାମାଜିକ ସମସ୍ୟା ଓ ସମସ୍ୟା ସମାଧାନର ବାସ୍ତବ ଛବି।

ପ୍ରାୟ ପ୍ରତ୍ୟେକ ଗଣିତ ବହିରେ ଅଛି କଳନ୍ତରର କଥା।

୧. ବଞ୍ଚିବା ବ୍ୟକ୍ତିପାଇଁ ଏକ ଆହ୍ୱାନ। ସେ ଋଣଗ୍ରସ୍ତ ହେବାପାଇଁ ବାଧ୍ୟ। ଶସ୍ୟ ଓ ବିତ୍ତ ଋଣ କରୁଛି ସାହୁକାର ପାଖରୁ। ସୁଧ ଗଣୁଛି। ସୁଧ ପୁଣି କେତେ ପ୍ରକାରର। ମୂଳର ଏକଗୁଣ, ଦେଢ଼ଗୁଣ, ଦୁଇଗୁଣ, ଚକ୍ରବୃଦ୍ଧି, ଆହୁରି କେତେକେତେ। ଜମି, ମୂଲ୍ୟବାନ ପଦାର୍ଥ ଓ ପଶୁଧନ ବି ବନ୍ଧକ ରଖୁଛି। ଗୁଜା ବା ହାତପତ୍ର ମଧ୍ୟ ଲେଖିଦେଉଛି। କେହି ଅନ୍ୟ ଘରେ ମୂଲ ଲାଗୁଛି, ଋଣ ପରିଶୋଧ ପାଇଁ।

୨. ଆମ ସାଧବମାନେ ଡଙ୍ଗା ଅଥବା ବୋଇତରେ ବଣିଜ କରି ଯାଉଛନ୍ତି। ନଈ ଓ ସମୁଦ୍ରରେ ଜଳଯାନ। ବଣିଜ କରି ଘରକୁ ଫେରୁଛନ୍ତି। ଉପାର୍ଜନ ଶେଷ ହୋଇଯାଉଛି। ଅର୍ଥ ଆଣିବେ କେଉଁଠୁ? ସେମାନେ ବହୁ ପତ୍ନୀକ। ପତ୍ନୀମାନଙ୍କ ଆଶ୍ରିତ ହେଉଛନ୍ତି । ସେମାନଙ୍କ ପାଖରୁ ଋଣ ସୂତ୍ରରେ ଅର୍ଥ ଆଣୁଛନ୍ତି। ଫେରିବା ପରେ ଚୁକ୍ତି ମୁତାବକ ପରିଶୋଧ କରିଦେଉଛନ୍ତି। ଗୋଟିଏ ଗଣିତରେ ପାରାଦୀପ ବନ୍ଦର କଥା ମଧ୍ୟ ରହିଛି।

୩. କେତେକ ଅଙ୍କରେ ସାଧବମାନଙ୍କ ଗଣିକାସକ୍ତ ଜୀବନର କଥା ରହିଛି। ସେମାନେ ଗଣିକାମାନଙ୍କୁ ଚୁକ୍ତି ମୁତାବକ ଅର୍ଥ ସହିତ ପାରିତୋଷିକ ବି ଦେଉଛନ୍ତି।

୪. ବିକ୍ରମଙ୍କର ଏକ ପ୍ରଶ୍ନରେ ଜଣେ ବାପାର ଆନନ୍ଦ ଓ ଅସହାୟତା - ଉଭୟ ପ୍ରକାଶ ପାଇଛି। ବାପା ଝିଅପାଇଁ ଯୋଗ୍ୟ ପାତ୍ର ଖୋଜୁଛନ୍ତି। ଝିଅ ସୁନ୍ଦରୀ ଓ ପାଠୋଇ। ପାତ୍ର ବି ଅନୁରୂପ। ମାତ୍ର ବରପିତା ଓ କନ୍ୟାପିତା - ଉଭୟ ଦରିଦ୍ର। କାଣି କଉଡିଟିଏ ଘରେ ନାହିଁ। ପିମ୍ପୁଡ଼ିଟିଏ ବି ଘର ଭିତରକୁ ଯାଉନି। କନ୍ୟାପିତା ସାହୁକାରଙ୍କ ଦ୍ୱାରସ୍ଥ ହେଉଛନ୍ତି। ଧାନ ଓ ଚାଉଳ କରଜ ମାଗୁଛନ୍ତି। ଯଥା ସମୟରେ ସୁଧମୂଳ ସହ ଫେରେଇ ଦେବେ ବୋଲି କଥା ଦେଉଛନ୍ତି।

୫. ଅନ୍ୟ ଏକ ଗଣିତରେ, ଜଣେ ଶ୍ୱଶୁର ଜ୍ୱାଇଁକୁ ପଚାରୁଛନ୍ତି, ପାଠୁଆ ହୋଇଥିଲେ, ମୋ ପ୍ରଶ୍ନର ଉତ୍ତର ଦେବ। ପାଠ ଯେ ଆମ ଜୀବନ ଓ ସମ୍ମାନ, ସମାଜ ଏହି ବାସ୍ତବତାକୁ ଉପଲବ୍ଧି କରିଛି।

ବହୁ ପୋଥିରେ ବ୍ରାହ୍ମଣ ଭୋଜନ ଓ ବ୍ରାହ୍ମଣକୁ କଉଡ଼ି ଓ ସୁନାଦାନ, ଗଉଡୁଣୀର ଦୁଧ ବିକା ଓ ଚାଷୀର ଧାନବିକା ପ୍ରସଂଗ ରହିଛି।

୬. ବ୍ରାହ୍ମଣମାନେ ଯେପରି ସଦା ଦରିଦ୍ର ଓ ଅନ୍ନଲୋଭୀ। ସାମନ୍ତ ଓ ସାଧାରଣ ମଣିଷମାନଙ୍କ ଦୁଆରର ଦାନ ଗ୍ରହଣ କରି ବଞ୍ଚନ୍ତି। ଭିକ ମାଗନ୍ତି।

୭. ଦୁଧରେ ପାଣି ମିଶାଇ ବିକିବା ଗଉଡ଼ମାନଙ୍କ ଜାତିଗତ ଦୁର୍ବଳତା। ଏପରିକି, ଜଣେ ଯେତିକି ପରିମାଣର ଦୁଧ ବିକେ, ମୂଳ ଦୁଧରେ ସେତିକି ପରିମାଣର ପାଣି ମିଶାଏ। ଶେଷକୁ ଯାହା ରୁହେ, ତାହା ମୂଳ ସହ ସମାନ।

୮. ଚାଷୀମାନେ ଧାନରେ ଅଗାଡ଼ି ମିଶାଇ ଖାମିଦମାନଙ୍କୁ ଦିଅନ୍ତି। ଏମିତି କି, କଳନ୍ତରରେ ଆଣିଥିବା ଶସ୍ୟାଦି ମଧ୍ୟ। ସାହୁକାରମାନେ ମଧ୍ୟ କମ୍ ଚତୁର ନୁହନ୍ତି। ନିର୍ଦ୍ଦିଷ୍ଟ ପରିମାଣର ଶସ୍ୟ ଆଧାରରେ ତାହାର ଗୁଣ ନିରୂପଣ କରନ୍ତି। ତଦ୍‌ଅନୁସାରେ ପ୍ରାପ୍ୟ ଦିଅନ୍ତି।

୯. କେତେକ ଗଣିତରେ ମୂଲିଆମାନଙ୍କ ଅସହାୟତାର ଚିତ୍ର ମଧ୍ୟ ରହିଛି। ଆମ ଗଣିତଜ୍ଞମାନେ ସୁରସିକ।

୧୦. ବହୁ ଗଣିତରେ ନାରୀ ପୁରୁଷଙ୍କ ଯୌନ ଜୀବନର ଚିତ୍ର ରହିଛି। ଦୁଇଗୋଟି ଚିତ୍ତଚିଆଁ ପ୍ରଶ୍ନ: ସୁରତି କାଳରେ ନାରୀ ପୁରୁଷର ପରସ୍ପରକୁ ଚୁମ୍ବନ ଦାନ ଓ ସୁରତି କାଳରେ ନାରୀର ଗଳାରୁ ମାଳ ଛିଡ଼ିବା। ଚଡ଼ା-ଉତ୍ତର ଗାଣିତିକ ସୂତ୍ର ମାଧ୍ୟମରେ ଏହି ଦୁଇ ପ୍ରଶ୍ନର ସମାଧାନ କରାଯାଇଛି। ରତିକ୍ରୀଡ଼ା କାଳରେ କଣ୍ଠରୁ ହାର ଛିଡ଼ିବାକୁ ବାଧ୍ୟ। ହାରରେ କେତେ କଣ୍ଠି ଆମେ ଜାଣିନୁ। ତାହା ବିଭିନ୍ନ ସ୍ଥାନରେ - ବିଛଣା ଉପର ଓ ତଳ, ଖଟ ତଳ ଓ କାନି ଭିତରେ ଲୁଚି ଯାଉଛି। ଆମକୁ ସଂକେତଟିଏ ଧରେଇଦେଇ କୁହାଯାଉଛି, ହାରର କଣ୍ଠିସଂଖ୍ୟା ନିରୂପଣ କର।

୧୧. ଷୋଳସହସ୍ର ଗୋପୀକାଙ୍କର କୃଷ୍ଣଙ୍କୁ ଚୁମ୍ବନ ଦେବା ଓ ଗଳାରେ ଫୁଲ ହାର ପିନ୍ଧାଇବା ପ୍ରଶ୍ନ ଏତେ କୌତୁକପ୍ରଦ ଯେ, ଲାଗିବ କୋଟିସଂଖ୍ୟକ ଚୁମ୍ବନ ଓ ଫୁଲହାରର ତାପକୁ ଶ୍ରୀକୃଷ୍ଣଙ୍କ ବ୍ୟତୀତ ଜଗତର କୌଣସି ପୁରୁଷ ଭୋଗ କରିପାରିବ ନାହିଁ।

୧୨. ଶ୍ରୀକୃଷ୍ଣଙ୍କ ପରି ଶିବ ଓ ଶକ୍ତି ଉପାସନାକୈନ୍ଦ୍ରିକ ବହୁ ପ୍ରଶ୍ନ ଗଣିତ ଗ୍ରନ୍ଥଗୁଡ଼ିକର ସମ୍ପଦ। ଏଗୁଡ଼ିକୁ ପଢ଼ିଲେ ଓଡ଼ିଶାରେ ବୈଷ୍ଣବ, ଶୈବ ଓ ଶାକ୍ତ ଚେତନାର ସହଯାତ୍ରାର ଚିତ୍ର ସ୍ପଷ୍ଟ ହୋଇଯାଏ।

ଗଣିତ ଏକ ଜଟିଳ ବିଦ୍ୟା, ତେଣୁ ଆତଙ୍କ - ପିଲାମାନଙ୍କ ମଧ୍ୟରେ ଏପରି ଏକ ଧାରଣା ତିଆରି କରାଯାଇଛି । ଏହି ବଦ୍ଧମୂଳତାକୁ ଭାଙ୍ଗିବାପାଇଁ ଗଣିତଜ୍ଞମାନେ ସଶ୍ରଦ୍ଧ ପ୍ରୟାସ କରିଛନ୍ତି। ସତ୍ୟ ଜାଣିବାପାଇଁ ସେମାନଙ୍କ ମଧ୍ୟରେ କୌତୂହଳ । ପ୍ରଶ୍ନମାନ ସୃଷ୍ଟି କରିଛନ୍ତି। ଯେପରି,୧. ପାଣିଭର୍ତ୍ତି ପୋଖରୀ, ପଦ୍ମକଢ଼ଟିଏ ପଙ୍କରୁ ଉପରକୁ ଉଠୁଛି, ଭିତରେ ବିପଦ। ତାକୁ କଇଁଛ, ସାପ, ମାଛ ଖାଇ ଯାଉଛନ୍ତି। ତଥାପି ପ୍ରିୟତମ ସୂର୍ଯ୍ୟଙ୍କୁ ଦେଖିବା ପାଇଁ ତା'ର ଉପରକୁ ଯାତ୍ରା। କେତେ ଦିନରେ ସେ ଫୁଟିବ।୨ ହାତୀକୁ ସିଂହ ଖାଇବାକୁ ଗୋଡ଼ାଉଛି। ଉଭୟ ପରସ୍ପରର ଗତିରେ ଧାଉଁଛନ୍ତି। କେତେ ଦିନରେ ସିଂହ ହାତୀକୁ ଧରିବ ଇତ୍ୟାଦି। ପୁଣି ରହିଛି ଅଂକପୋଛା, ଅଂକକୁହୁକ ଓ ଅଂକମନାସ। ନଅଶ ନଉ, ଶୂନ ନେଇଗଲା ଡାକରା କାଉ, ରହିଲା କେତେ ଗଲା କେତେ - କୌତୁକିଆ ପ୍ରଶ୍ନମାନଙ୍କ ମଧ୍ୟରେ ଗୋଟିଏ।

ଶେଷରେ ଗଣିତବିଦ୍ୟା ସମ୍ପର୍କରେ ଅଳ୍ପରେ ଏତିକି କୁହାଯାଇପାରିବ, ବ୍ୟକ୍ତି ଚେତନାରେ ନିୟତ ସୃଷ୍ଟ ସକଳ ପ୍ରଶ୍ନ ଓ ସମାଧାନର ସୂତ୍ର ଏହି ବିଦ୍ୟା। ତେଣୁ ସର୍ଜନଶୀଳତାର ଗୁଣସୂତ୍ର। ଦେବୀ ଦାସଙ୍କ ଶବ୍ଦରେ କହିଲେ - ଏ ବିଦ୍ୟା ଉଡ଼ନ୍ତା ସର୍ପ ପ୍ରାୟ। ନିର୍ମଳ ହୃଦୟ କେବଳ ସେହି ମହାପରାକ୍ରମୀ ସର୍ପ - ବଶୀକରଣରେ ସମର୍ଥ। ଏବଂ, ସର୍ପ-ବଶ-ସମର୍ଥମାନେ ହିଁ ସର୍ଜନଶୀଳ। ଓଡ଼ିଶାରେ ଉପଲବ୍ଧ ଗଣିତଶାସ୍ତ୍ରଗୁଡ଼ିକରେ ଏହି ଗହନ କଥା ହିଁ ରହିଛି।

ପ୍ରାନ୍ତଟୀକା

୧. ଓଡ଼ିଆ ସାହିତ୍ୟର ଇତିହାସ,ନଟବର ସାମନ୍ତରାୟ, ୧୯୬୪ ପୃଷ୍ଠା ୧୦୨-୧୦୮

୨. କ. ଚତୁର୍ଦଶ ପଞ୍ଚଦଶ ଶତାବଦ୍ଧୀରେ ଖୋଦିତ ପଞ୍ଚଗୋଟି ଶିଳାଲେଖରେ ଟଙ୍କା ଶବ୍ଦର ଉଲ୍ଲେଖ ରହିଛି, ମାତ୍ର ଏହା ରାଜକୀୟ ବିନିମୟ ମୁଦ୍ରା ଭବରେ ବ୍ୟବହୃତ ହେଉଥିଲା ଦେଖ K.B. Tripathy: Evolution of Language and Script, 1962, pp.261, 311, 312, 321 And Subrat Kumar Achary: Prachin Odia Abhilekha, 2024, pp.43

ଖ. କଉଡ଼ି (Cypracea moneta) ଅତୀତରେ ଏସିଆ ଓ ଆଫ୍ରିକାର ବହୁ ଭୂମିରେ ପଦାର୍ଥ କିଣାବିକାର ମାଧ୍ୟମ, ମୁଦ୍ରା ଥିଲା ଏବଂ ଉନବିଂଶ ଶତାବ୍ଦୀର ପ୍ରଥମ କେତୋଟି ଦଶକରେ ବଙ୍ଗ, ଓଡ଼ିଶା ଓ ଆସାମରେ ଏହାର ପ୍ରଚଳନ ମଧ୍ୟ ରହିଛି। ରୂପା, ତମ୍ବା ଓ କଉଡ଼ି ମଧ୍ୟରେ ରହିଥିବା ସମ୍ପର୍କକୁ କନିଂହାମ୍ ଓ ହବ୍ସନ୍ ଜବ୍ସନ୍ 'ପ୍ରାଚୀନ ଭାରତର ମୁଦ୍ରା ବ୍ୟବସ୍ଥା ଶୀର୍ଷକ ଆଲୋଚନାରେ ସ୍ପଷ୍ଟ କରିଛନ୍ତି। ସେମାନଙ୍କ ଆଲୋଚନାକୁ ଆଧାର କରି, ପୂର୍ବ ଭାରତରେ କଉଡ଼ି ମୁଦ୍ରାର ପ୍ରଚଳନ ସମ୍ପର୍କରେ ସୁଶୀଲ କୁମାର ଦେଓଙ୍କ ମନ୍ତବ୍ୟ - The earliest historical reference to it is containd in the coper plate grants of Subhankara (second) of the Bhauma dyanastiy of Orissa" । ଇଂରେଜ ସରକାରଙ୍କ ଶାସନ କାଳରେ ତମ୍ବା ମୁଦ୍ରା ପ୍ରଚଳନ ହୋଇଛି। ମାତ୍ର କଉଡ଼ି - ଅଭ୍ୟସ୍ତ ଓଡ଼ିଆମାନେ ଏହାକୁ ଗ୍ରହଣ କରିପାରି ନାହାନ୍ତି। ପ୍ରତିବାଦ କରିଛନ୍ତି। ଓଡ଼ିଶାରେ ୧୮୧୭/୧୮ ମସିହାରେ ସଂଗଠିତ ପାଇକ ବିଦ୍ରୋହର ଅନ୍ୟତମ କାରଣ ହେଉଛି 'କଉଡ଼ି'।

The coper coins were not at all suited to the need of majerity of the people. Both from pratical and sentimental points of view, the

superession of the Cowris by coper coins with such haste was most undiseriable, the best course would have been to introduce copper coins gradually along with the cowries an supersede the cowries after the people had benn accustomed to the new coin.

De Sushil K., *Cowry Currency in India and Cowry Currency in Orissa,* in, The Orissa Historical Research Journal, vol-1 and 2, July 1952, pp.1-10,10-21.

୩. Subhankari,Santanu Chacraverti 2007 pp 58-59

୪. ଓଡ଼ିଶାର ରାଜନୀତିକ ଇତିହାସ ଗଢ଼ଣରେ ଧର୍ମ ଓ ସ୍ଥାପତ୍ୟକୁ ଐତିହାସିକମାନେ ଗୁରୁତ୍ୱ ଦେଇଛନ୍ତି। ଏହି ସଂକ୍ରାନ୍ତରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ କେଦାରନାଥ ମହାପାତ୍ରଙ୍କ ତୋଷାଳିରେ ଇତିହାସ: ୧୯୭୫ ଏବଂ ଦେବଳାମିତ୍ରଙ୍କ ଖଣ୍ଡଗିରି ଓ ଉଦୟଗିରି: ୧୯୬୦। ସ୍ତୂପ, ପ୍ରତିମା, ଗୁମ୍ଫା ଓ ପ୍ରାସାଦ ଗଠନରେ ଶିଳ୍ପୀମାନଙ୍କ ଗଣିତବୋଧର ଗୁରୁତ୍ୱ ସୁସ୍ପଷ୍ଟ।

୫. କଳିଙ୍ଗର ଦକ୍ଷିଣପୂର୍ବ ଏସିଆ ଭୂଖଣ୍ଡ ସହିତ ସମ୍ପର୍କ କେତେ ନିବିଡ଼ ଥିଲା ଏ ସମ୍ପର୍କରେ ବିଖ୍ୟାତ ଚର୍ଚ୍ଚାକାରମାନଙ୍କ ମଧ୍ୟରେ ଆର୍.ସି.ମଜୁମଦାରଙ୍କ ସୁବର୍ଣ୍ଣଦୀପ (୧୯୩୭) ଦ୍ୱିତୀୟ ଖଣ୍ଡ, ପୃଷ୍ଠା- ୨୭୨। ଓ ହିମାଂଶୁ ଭୂଷଣ ସରକାରଙ୍କ ଗ୍ଲିମ୍ପ୍ସେସ୍ ଅଫ୍ ଇଣ୍ଡିଆ - ଇଣ୍ଡୋନେସିଆ କଲ୍ଚର.ସଂ ବୁଚାନ୍ କୁମାର, ନୂଆଦିଲ୍ଲୀ, ୨୦୦୧ ପୃଷ୍ଠା ୨୯, ୩୮, ୩୯, ୪୦।

୬. ମନ୍ଦିର କଳା ସମ୍ପର୍କରେ ଏକ ବହୁ ଚର୍ଚ୍ଚିତ ଗ୍ରନ୍ଥ ରାଜେନ୍ଦ୍ର ଲାଲ ମିତ୍ରଙ୍କର ଆଣ୍ଟିକ୍ୱିଟିଜ୍ ଅଫ୍ ଓଡ଼ିଶା ଦୁଇ ଭାଗରେ ପ୍ରକାଶିତ ଏହି ଗ୍ରନ୍ଥରେ ମନ୍ଦିରଗଢ଼ଣ କଳା ଓ ମୂର୍ତ୍ତି ଗଢ଼ଣ କଳା ସମ୍ପର୍କରେ ବିଶଦ ଚର୍ଚ୍ଚା କରାଯାଇଛି। ଓଡ଼ିଶାର ମନ୍ଦିରଗଢ଼ଣ ଠାରୁ ଅନ୍ୟ ଭୂମିର ମନ୍ଦିର କେତେ ସ୍ୱତନ୍ତ୍ର, ଏହି ଗ୍ରନ୍ଥରେ ତାହା ପ୍ରତିଷ୍ଠା କରାଯାଇଛି। ପ୍ରକାଶକାଳ ୧୮୭୪, ୧୮୮୦।

୭. ଶିଳ୍ପପ୍ରକାଶ, ରାମଚନ୍ଦ୍ରଙ୍କ ଶିଳ୍ପବିଦ୍ୟା ସମ୍ପର୍କିତ ଏକ ପ୍ରମାଣିକ ରଚନା। ଏଥିରେ ମନ୍ଦିର ଗଢ଼ଣ ତତ୍ତ୍ୱର ବିଶଷ ଚର୍ଚ୍ଚା ରହିଛି। ସଂ. ଆଲିସ୍ ବର୍ଣ୍ଣର, ସଦାଶିବ ରଥ ଶର୍ମା।

୮. ସାରୋଳଦାସ ପଞ୍ଚଦଶ ଶତାବ୍ଦୀର କବି। **ମହାଭାରତ, ରାମାୟଣ ଓ ବିଚିତ୍ରରାମାୟଣ**ର ରଚୟିତା। ପ୍ରତ୍ୟେକ ରଚନାରେ ଜ୍ୟୋତିର୍ବିଦ୍ୟା ଓ ସାଧାରଣ ମଣିଷମାନଙ୍କର ବିଦ୍ୟା ଶିକ୍ଷା ସମ୍ପର୍କରେ ବର୍ଣ୍ଣନା ରହିଛି। ଦ୍ରଷ୍ଟବ୍ୟ: ସ୍ୱର୍ଗାରୋହଣ ବର୍ଗ - ସଂପାଦନା ଆର୍ତ୍ତବଲ୍ଲଭ ମହାନ୍ତି, ପୃଷ୍ଠା- ୧୨, ୨୭।

୯. ବନମାଳି ଦାସ ଷୋଡ଼ଶ / ସପ୍ତଦଶ ଶତାବ୍ଦୀର କବି। ନରସିଂହ ସେଣ ତାଙ୍କ ପରବର୍ତ୍ତୀ କାଳୀନ ପ୍ରତିଭା। ଉଭୟଙ୍କ ରଚନାରେ ଚାଟଶାଳୀର ବର୍ଣ୍ଣନା ରହିଛି।

କ. କରୁଣାକର ନାମେଣ ଏକ ଦ୍ୱିଜବର
ରାଜା ସିଂହଦ୍ୱାରେ ତାଙ୍କ ଚାଟଶାଳୀ ଘର। ୪୧।

ଇଚ୍ଛାବତୀ କୁମାରୀକି ବିଦ୍ୟା ପଢ଼ାବନ୍ତି

ସାହସ୍ର ସଂଗୀତ ବିଦ୍ୟମାନ ବଢ଼ାବନ୍ତି।୪୨।

ବନମାଳୀ ଦାସ, ଚାଟ ଇଛାବତୀ, ପୃଷ୍ଠା -୫/୬

ଖ. ବଙ୍ଗର ମେଦିନୀପୁରର ଦାନ୍ତୁନ ନିକଟରେ ମୁଘଲବାରି ନାମକ ସ୍ଥାନ ରହିଛି। ଏହା ବିକ୍ରମଜିତ୍ ରାଜାଙ୍କର ରାଜଧାନୀ । ଗଡ଼ର ଧ୍ୱଂସାବଶେଷ ରହିଛି। ଗଡ଼ ପାଖରେ ଏକ ପାଠଶାଳା ଥିଲା। ଏହା ଶଶିସେଣା ପାଠଶାଳା। ଏ ସମ୍ପର୍କରେ ନଗେନ୍ଦ୍ର ନାଥ ବସୁଙ୍କ ମନ୍ତବ୍ୟ

About two miles to the north of Dantun are laying the extensive ruins of the once famous Mogalwadi - xxx The native point to this place as having been the site of the god which was built by the famous warrior Vikramajit. xxx By the side of the extrance in the Mogalbari from the side of Dantun is a mound, generally called Pathasala of Sasisena.

ବନମାଳି ଦାସ: ଚାଟ ଇଛାବତୀ, ମୁଖବନ୍ଧ, ୧

୧୦. କ. ସଂସାରରେ ବିଦ୍ୟା ଶିକ୍ଷା ଦେବା ନିମିତ୍ତରେ
ବିଦ୍ୟା ଅଧିଷ୍ଠାତ୍ରୀ ସରସ୍ୱତୀ ଆନନ୍ଦରେ।

ନିରାକରଙ୍କୁ ଧାୟିଣ ଆପଣା ରଙ୍କୁ
ମୃତ୍ତିକାରେ ଗଢ଼ି ପିତୁଳାଏ ଗଢ଼ି ତାକୁ।

ଜୀବନ୍ୟାସ ମନ୍ତ୍ର ଦେଲେ ହେଲା ସେ ନନ୍ଦନ
ଉପାଧ୍ୟାୟ ନାମରେ ବିଖ୍ୟାତ ସେହୁ ଜାଣ।

ମାତା ତାଙ୍କ ଆଦିନାରୀ ପିତା ନିରାକାର
ବ୍ରହ୍ମାଙ୍କ ସମାନ ବୁଦ୍ଧି ହେଲା ଏହାଙ୍କର।

ବିଦ୍ୟାବୁଦ୍ଧି ବଳେ ସେହୁ ଜଗତ ମୋହିଲେ
ସଂସାରରେ ଲୋକେ ସେମାନଙ୍କୁ ପୂଜାକଲେ।

ନିରାକାର ଅଂଶେ ଯେଣୁ ତାଙ୍କର ଜନମ
ନ ମାନନ୍ତି କାହାକୁ ସେ ହୋଇ ବୁଦ୍ଧିମାନ।

ଉପାଧ୍ୟାୟ ନାମରେ ବିଖ୍ୟାତ ହୋଇଲେ
ସଂସାରରେ ବିଦ୍ୟାଶିକ୍ଷା ସେହିମାନେ ଦେଲେ।

ବାସୁଦେବ। ୧୯୩୦। ଜାତିପାଟକ ନିର୍ଣ୍ଣୟ, ପୃ-୨୨।

ଖ. ଉପାଧ୍ୟାୟଙ୍କ ଗୋତ୍ର ଆଦିଶକ୍ତି, ପ୍ରତୀକ ଖଡ଼ି। ସେ ସ୍ୱୟଂ ବ୍ରହ୍ମାଙ୍କୁ ମଧ୍ୟ ବିଦ୍ୟା ଦାନ କରିଛନ୍ତି। ତ୍ରିଶକ୍ତିଙ୍କୁ ମୂର୍ଖଦୋଷରୁ ମୁକ୍ତ କରିଛନ୍ତି। ସେ ଛତିଶ ପାଟକଙ୍କ ବିଦ୍ୟାଗୁରୁ।

ହାଡ଼ିବନ୍ଧୁ ଦାସ: **କ୍ଷିତିବଂଶ ପୁରାଣ**, ପୃ-୫୯-୬୨।

୧୧. ହାଡ଼ିବନ୍ଧୁ ଦାସଙ୍କ **କ୍ଷିତିବଂଶ ପୁରାଣ** ଦ୍ରଷ୍ଟବ୍ୟ, ପୃଷ୍ଠା- ୨୨

୧୨. ବ୍ରହ୍ମ ମୁନି ଜ୍ୟୋତିଷମାନଙ୍କ ଅବତାର।
ଶାକଦ୍ୱୀପ ଦ୍ୱିଜ ବୋଲି ଏମାନେ ବିଦିତ

ଗ୍ରହବିପ୍ର ଚନ୍ଦ୍ରିକାରେ ଅଛଇ ଏମନ୍ତ।
ବାସୁଦେବ, ଜାତିପାଟକ ନିର୍ଣ୍ଣୟ: ପୃଷ୍ଠା - ୨୩

୧୩. ବୈଶ୍ୟ, ଔରସ ଓ ଶୂଦ୍ରାଣୀ ଗର୍ଭରୁ କରଣଙ୍କ ଜନ୍ମ।

ବାସୁଦେବ, ଜାତି ପାଟକ ନିର୍ଣ୍ଣୟ: ପୃଷ୍ଠା-୧୪

Karaṇa, the offspring of a Vaishya father and Sudra mother. Their original antenstors were brought from north India by Yajati Keshari, the king of Orissa (A.D. 447-526) to meet the demand of writers and clerks. *Karaṇa*, B.Sarakar, in, People of India, 2012, page-828.

History and Politics in the Vernacular: Reflections on Medieval and Early Modern South India, Rao V.N and Sanjaya Subrahmayam, in, History in the Varnnacular, 2010/8, pp-36/43, 58, 65.

୧୪. ମାଦଳା ପାଞ୍ଜି ମୁଖବନ୍ଧ, ସଂପାଦନା, ଆର୍ତ୍ତବଲ୍ଲଭ ମହାନ୍ତି, ପୃଷ୍ଠା: ମୁଖବନ୍ଧ.୧।

୧୫. କ. ଭାସ୍କରାଚାର୍ଯ୍ୟଙ୍କ ସିଦ୍ଧାନ୍ତ ଶିରୋମଣି ଅନ୍ୟତମ ଗଣିତଜ୍ଞ ବ୍ରହ୍ମାଗୁପ୍ତାଙ୍କ ପ୍ରଭାବର ଫଳଶ୍ରୁତି। ଏକଥା ଗ୍ରନ୍ଥକର୍ତ୍ତା ସ୍ୱୀକାର କରିଛନ୍ତି ଏବଂ ତାଙ୍କ ପୂର୍ବସୁରି ହେଉଛନ୍ତି ଆର୍ଯ୍ୟଭଟ୍ଟ, ବରାହମିହିର, ବଟେଶ୍ୱର, ଲଲାଚାର୍ଯ୍ୟ, ଆର୍ଯ୍ୟଭଟ୍ଟ (ଦ୍ୱିତୀୟ), ଶ୍ରୀପତି, ସୂର୍ଯ୍ୟ ସିଦ୍ଧାନ୍ତର ପ୍ରଣେତା ଏବଂ ଭାସ୍କର (ଷଷ୍ଠ ଶତାବ୍ଦୀ)।

ବ୍ୟାଖ୍ୟାରେ ସରଳତା ଓ ସ୍ପଷ୍ଟତା ଭାସ୍କରଙ୍କର ବୈଶିଷ୍ଟ୍ୟ। ତାଙ୍କ ମାଧ୍ୟମରେ ପୂର୍ବର ଗଣିତଜ୍ଞମାନଙ୍କୁ ବୁଝିବା ସହଜ ହୋଇଥାଏ।

ପଣ୍ଡିତ ସତ୍ୟଦେବ ଶର୍ମା, ସିଦ୍ଧାନ୍ତ ଶିରୋମଣି, ୨୦୧୬, ପୃ- ୧/୪

ଖ. **Sidhyanta Siromani.** Tr. Lancelot Wilkinson, 1861, ଦ୍ରଷ୍ଟବ୍ୟ

୧୬. ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ ରୁଦ୍ରସୁଧାନିଧି ଏକ ପ୍ରାଚୀନ ଗଦ୍ୟଗ୍ରନ୍ଥ। ରଚନାକାଳ ସମ୍ଭବତଃ ୧୬ଶ ଶତାବ୍ଦୀ। କାବ୍ୟନାୟକ ରୁଦ୍ରସୁଧାନିଧି କେଉଁ କେଉଁ ଗ୍ରନ୍ଥ ପଢ଼ିଛନ୍ତି, ଏଥିରେ ତାହାର ବର୍ଣ୍ଣନା ରହିଛି। ସେଗୁଡ଼ିକ ମଧ୍ୟରେ ଜ୍ୟୋତିଷ ଅନ୍ୟତମ।

୧୭. ଲୀଳାବତୀ: ଦ୍ରଷ୍ଟବ୍ୟ ମୁଖବନ୍ଧ

୧୮. The latter consisted of essentially verses of two kinds - first, those which once memorised and understood facilitated computation when working with indigenous units of measure and currency, and second, verses that posed simple mathematical problems. However, the Subhankari manuscripts, although they consisted primarily of such verses, oftgen contained some other items such as multiplication tables, which we shall examine in due course. Even when the school system took over under the British rule, Subhankari continued in the arithmetic teaching of the primary classes, and this persisted even after independence, until the decimal system rendered the system superfluous. The reason for its continued existence in the post Pathsala phase was that on the one hand the traditional units of currency and measure continued and therefore Subhankari remained relevant in some respects, and on the other, the verses posing arithmetical problems had a riddle like charm that were supposed to constitute a suitable medium for the instruction of children. Subhankari, Santanu Chacraverti, 2007 page 2

୧୯. କ. କୋଇଲି: ଏହା ସମ୍ବୋଧଗୀତିକା। ସଂସ୍କୃତ ସାହିତ୍ୟରେ ଦୂତକାବ୍ୟ / ଖଣ୍ଡକାବ୍ୟ ଗୋତ୍ରର। ଏହି ରଚନାର ବିଶେଷତା, ଜଣେ ଜଣେ ନିଜ ମନ କଥାକୁ କୌଣସି ପକ୍ଷୀ ଅଥବା ପ୍ରକୃତିର ଉପାଦାନ ମାଧ୍ୟମରେ ଅନ୍ୟ ପାଖରେ ପହଞ୍ଚାଇ ଥାଏ।

ଖ. ଚଉତିଶା: ୩୪ ଗୋଟି ବ୍ୟଞ୍ଜନ ବର୍ଣ୍ଣକୁ କବିତାର ପଦର ପ୍ରଥମ ଅକ୍ଷର ରୂପରେ ବ୍ୟବହାର କରାଯାଏ। ଏହା ୩୪ ପଦ ସଂଖ୍ୟକ ଅଥବା ୩୪ ସଂଖ୍ୟକ ଗୀତର ସମାହାର ମଧ୍ୟ ହୋଇପାରେ। ଓଡ଼ିଶାରେ ଏହା ଅତ୍ୟନ୍ତ ଲୋକପ୍ରିୟ କାବ୍ୟଶୈଳୀ। ଚଉତିଶାର ସଂଖ୍ୟା ପ୍ରାୟ ପାଞ୍ଚଶହରୁ ଅଧିକ। ଦ୍ରଷ୍ଟବ୍ୟ: ରେଖା ଓ ରଂଗରେ ଚଉତିଶା। ସଂପାଦନା: ସୁଦର୍ଶନ ଆଚାର୍ଯ୍ୟ, ଭାଗ୍ୟଲିପି ମଲ୍ଲ ଓ ଗୌରାଙ୍ଗ ଦାସ। ୨୦୦୮ କ ଦ୍ରଷ୍ଟବ୍ୟ: ପରିଶିଷ୍ଟ।

୨୦. ବଳଦେବ ରଥଙ୍କର ଏକ ବିଶେଷ ରଚନା ହେଉଛି କିଶୋର ଚନ୍ଦ୍ରାନନ୍ଦ ଚମ୍ପୁ। ରାଧାକୃଷ୍ଣ ପ୍ରେମଲୀଳା ଏହାର ବିଷୟ । ଏହା ୩୪ ସଂଖ୍ୟକ ସ୍ୱତନ୍ତ୍ର ଗୀତର ସମାହାର।

ସହାୟକ ଗ୍ରନ୍ଥସୂଚୀ

ଅବଧୂତସ୍ୱାମୀ, ନାରାୟଣନନ୍ଦ । । **ରୁଦ୍ରସୁଧାନିଧି** (ସଂ), କୃଷ୍ଣଚରଣ ସାହୁ, କଟକ, ଫ୍ରେଣ୍ଡର୍ସ ପବ୍ଲିସର୍ସ।

ଆଚାର୍ଯ୍ୟ, ସୁବ୍ରତ । ୨୦୨୪ । **ପ୍ରାଚୀନ ଓଡ଼ିଆ ଅଭିଲେଖ,** ଭୁବନେଶ୍ୱର, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ।

ଆଚାର୍ଯ୍ୟ, ସୁଦର୍ଶନ, ଭାଗ୍ୟଲିପି ମଲ୍ଲ ଓ ଗୌରାଙ୍ଗ ଚରଣ ଦାଶ (ସଂ)। ୨୦୦୮। **ରେଖା ଓ ରଙ୍ଗରେ ଚଉତିଶା**, ଭୁବନେଶ୍ୱର, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ।

ଦାସ, ବନମାଳୀ। ୧୯୬୦। **ଚାଟ ଇଛାବତୀ।** ସଂ.କେଦାରନାଥ ମହାପାତ୍ର, ଭୁବନେଶ୍ୱର, ରାଜ୍ୟ ସଂଗ୍ରହାଳୟ।

ଦାସ, ସାରଳା। ୧୯୬୬। **ମହାଭାରତ** (ସଂ), ଆର୍ତ୍ତବଲ୍ଲଭ ମହାନ୍ତି, ଭୁବନେଶ୍ୱର, ଓଡ଼ିଶା ରାଜ୍ୟ ସଂସ୍କୃତି ବିଭାଗ।

ଦାସ, ହାଡ଼ିବନ୍ଧୁ।?। **କ୍ଷିତିବଂଶ ପୁରାଣ**, କଟକ, ନିଖିଳ ଉତ୍କଳ କ୍ଷିତିବଂଶ ଶିକ୍ଷା ସମିତି।

ବାସୁଦେବ। ୧୯୩୦। **ଜାତିପାଟକ ନିର୍ଣ୍ଣୟ**, କଟକ, ମନମୋହନ ପ୍ରେସ୍

ମହାନ୍ତି, ଆର୍ତ୍ତବଲ୍ଲଭ (ସଂ)। ୧୯୬୯। **ମାଦଳା ପାଞ୍ଜି** । ଭୁବନେଶ୍ୱର, ଉତ୍କଳ ବିଶ୍ୱବିଦ୍ୟାଳୟ।

ମହାପାତ୍ର, କେଦାରନାଥ। ୧୯୭୫। **ତୋଷାଳି ଇତିହାସ।** କଟକ, ଗ୍ରନ୍ଥମନ୍ଦିର।

ଶର୍ମା, ସତ୍ୟଦେବ। ୨୦୧୬। **ସିଦ୍ଧାନ୍ତ ଶିରୋମଣି** । ବନାରସ, ମୋତିଲାଲ ବନାରସିଦାସ।

ସାମନ୍ତରାୟ, ନଟବର। ୧୯୬୪। **ଓଡ଼ିଆ ସାହିତ୍ୟର ଇତିହାସ** (୧୮୦୩-୧୯୨୦)। ଭୁବନେଶ୍ୱର, ସାମନ୍ତରାପୁର)

Chacraverti, Santanu(ed). 2007 *Subhankari*. Kolkata, The Asiatic Society

De, Sushil K. 1952. *Cowries corrency, in, Orissa* Historical Research Journal, vol-1&2 July, Bhubaneswar.

Kuulacara, Ramachandra.1966. *Silpa Prakash* (ed.) Alice Boner and Sadashiba Rathasarma, E.J.Brull-Leiden.

Majumdar, R.C 1937. *Suvarnadwdipa*, *Ancient Indian Colonies in the Far-east,* Vol-1&2, Dacca.

Mitra, Debala. 1960. *Khandagiri and Udayagiti*, New Delhi, Pablication.

Mitra. Rajendralal. 1874, 1880. *Orissa Antiquities*, Calcutta.

Rao, V.N and Sanjaya Subrahmayam. 2010. *History and Polistics in the Vernacular: Reflections on Medeival and Early Madern South India*, in, History in the Varnacular, ed. Raziuddin Aquil and Partha Chatterjee.

Sarkar, B. 2012. *Karaṇa*, in, *People of India*. ed.K.S.Singh.Kolkata, Anthropological Survey of India.

Sarkar, H.B. 2001. *Glimpses of Indo-Indonecian Culture*. ed. Bachan kumar, New Delhi, INGCA.

Tripathy, K.B. 1962. Evolution of Odia language and script, Bhuabeswar, Utkal University

Wilkinson, Lancelot. 1861. *Sidyanta Siromani* (Tr), Calcutta, The Baptist Misson Press.

ଗୌରାଙ୍ଗ ଚରଣ ଦାସ

ଗଣିତ ପାଣ୍ଡୁଲିପିର
ବର୍ଣ୍ଣନାତ୍ମକ ବିବରଣୀ

Descriptive Catalogue of
Ganita Manuscripts

ବର୍ଣ୍ଣନାତ୍ମକ କାଟାଲଗ୍

ନମ୍ବର: ଗ / ୧

ନାମ:
ବୀଜଗଣିତ: ମନ୍ଦାର୍ଥବୋଧିନୀ ଟୀକା

କର୍ତ୍ତା: ମାଗୁଣି ପାଠୀ, ୧୭ଶ ଶତାବ୍ଦୀ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି:
୪୦ × ୩.୫ ସେ.ମି., ପ:୧୯୩, ଧା:୩/୪

ଲିପିକାର ଓ ସମୟ: ଅଜଣା, ମାତ୍ର ଗ୍ରନ୍ଥ ସମାପ୍ତି ସମ୍ପର୍କରେ ସୂଚନା ରହିଛି। ୧୬ଶ ୬୩ ସାଲ, ଶ୍ରାବଣ ମାସ, ଶୁକ୍ଲପକ୍ଷ ଆରମ୍ଭ।

ଲିପି: ଓଡ଼ିଆ

ଅବସ୍ଥା: ଭଲନୁହେଁ

ସ୍ଥାନ: ପୁରୀ ସହର

ବିଷୟ: ଏହା ଗଣିତଶାସ୍ତ୍ର ବିଷୟକ ଅନ୍ୟତମ ପୁରୁଣା ପୋଥି। ପୁଷ୍ପିକା ରହିଛି। ଲେଖକ ନିଜକୁ ଭରଦ୍ୱାଜ ଗୋତ୍ରୀ କହିଛନ୍ତି। ଗ୍ରନ୍ଥର ଆରମ୍ଭ ଶ୍ରୀରାମ ସ୍ତୁତିରୁ । (ଶ୍ରୀରାମ ଶରଣଂ) ଏବଂ ପରେପରେ ଗଣେଶଙ୍କ ବନ୍ଦନା (ଶ୍ରୀ ଗଣେଶାୟ ନମଃ, ଚନ୍ଦ୍ରଶେଖର ଭାଲେ ଚନ୍ଦ୍ରବୁଦ୍ଧି ପ୍ରଦାୟକଂ ବନ୍ଦେହିଂ ବିଘ୍ନାନାଶର୍ଥଂ ସିଦ୍ଧିଦଂ ବିଘ୍ନ ନାୟକଂ)।

ପ୍ରଥମେ ଭାସ୍କାରାଚାର୍ଯ୍ୟଙ୍କ ଲୀଳାବତୀ ସୂତ୍ରର ସଂସ୍କୃତ ଓ ପରେ ଓଡ଼ିଆରେ ତାହାର ବ୍ୟାଖ୍ୟା କରାଯାଇଛି।

Descriptive Catalogue

No: G/01

Title:
Bijaganita: Mandarthabodhini Tīkā

Author: Maguni Pathy

Material: Palm leaf

Size; No. of Folios; Lines:
40 x 3.5 cms; 193; 3/4

Script: Odia

Date: 17th Century. As per the colophon, the concluding date of the manuscript is *Sravana suklapakshya*, 1663.

Condition of the Manuscript: Not good

Place: Puri

Brief Accounts of the Text:

This is one of the oldest mathematics manuscripts available in the museum. It has a colophon. It is mentioned that the author belongs to the *Bharadwaja Gotra*. The writing starts with invocation of Sri Ram (*Sri Ram Saranam*) which follows with invocation of Ganesh (*Sri Ganesaya Namah, chandrasekhara bhale chandrabuddhi pradayakang bandehing bighnaanaasarthang siddhidang bighna nayakang*). The text has the Sanskrit text (in Odia Scripts) of Bhaskaracharya's Lilavati Sūtra followed by an Odia exposition of the same.

ନମ୍ବର: ଗ / ୨

ନାମ: ସିନ୍ଧୁ ସିଂହାର ଚଉତିଶା ବା ଉପଦେଶ ଲେଖ

କର୍ତ୍ତା: ଧରଣୀଧର ନାୟକ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: (ପ୍ରଥମ ଓ ଦ୍ୱିତୀୟ ପତ୍ର ନାହିଁ) ୩୬.୫ × ୩.୫ ସେ.ମି., ପ:୧ ୦୩, ଧା:୩/୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଉନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ ନୁହେଁ। ବହୁପତ୍ର ପୋକଖିଆ, ଛିଣ୍ଡା

ସ୍ଥାନ: ପୁରୀ ସହର

ବିଷୟ: ଏଥିରେ ସ୍ୱତନ୍ତ୍ର ଭାବରେ ଦୁଇଗୋଟି ପାଠ ରହିଛି।

ଗୋଟିଏ ଧରଣୀଧରଙ୍କ ଚଉତିଶା ଓ ଅନ୍ୟଟିର ଲେଖକଙ୍କ ପରିଚୟ ଜାଣିବା ଓ ପାଠ ଉଦ୍ଧାର ସମ୍ଭବ ହେଉନାହିଁ। ଗ୍ରନ୍ଥ ରାଗ କାମୋଦୀରେ ଲେଖାଯାଇଛି।

ଚଉତ୍ରିଶ ସଂଖ୍ୟକ (କ ଓ କ୍ଷ ଅକ୍ଷରକ୍ରମ) ଗୀତର ସମାହାର, ତେଣୁ ୩୪ଟି ପ୍ରଶ୍ନ ଗୀତରେ ଓ ବ୍ୟାଖ୍ୟା ଗଦ୍ୟରେ।

ରହିଛି: ପଦାର୍ଥର ଘନମାପ, ଏକା ଖଳାରେ ରହିଥିବା ଅଗାଡ଼ି ମିଶ୍ରିତ ଧାନର ପରିମାଣ ନିରୂପଣ, ଚଉସମ ଶାଢ଼ୀ ଓ ଚାନ୍ଦୁଆ ମାପ ଓ ସେଗୁଡ଼ିକର ମୂଲ୍ୟ ନିରୂପଣ, ପୋଖରୀରେ ପଦ୍ମଫୁଲର ଅବସ୍ଥିତିକୁ ଆଧାର କରି ଫୁଲର ନାଡ଼ର ଲମ୍ବ ଏବଂ ପୋଖରୀରେ ପଙ୍କ ଓ ପାଣିର ଗଭୀରତା ନିରୂପଣ ଏବଂ ଦ୍ୱିତୀୟ ପୋଥିରେ ଶସ୍ୟାଦିର କୋଟା ମୂଲ୍ୟ ସଂପର୍କରେ ବିସ୍ତୃତ ବ୍ୟାଖ୍ୟା।

No: G/02

Title: *Sindhu Singhara Chautisa*

Author: Dharanidhara Nayak

Material: Palm leaf

Size; No. of Folios; Lines: 36.5 x 3.5 cms; 103; 3/4

Script: Odia

Date: No colophon, 19th Century

Condition of the Manuscript: Not good, many pages are torn and worm-eaten

Place: Puri

Brief Accounts of the Text:

The manuscript contains the writings of two authors. One is Dharanidhara and the other is not mentioned in the colophon. Dharanidhara has composed his text in *Chautisa* style and has used the Raga Kaamodi. The first two folios are missing. 34 questions and answers – all are written in poetry and explanations are in prose. The mathematical problems deal with how to determine the amount of paddy mixed with grainless chaff kept in one place, a calculation of the values and measurements of square-shaped clothes and moon-styled portions of tents, measuring the length of a lotus stem from its position in the pond, and the number of lotuses as well as the depth of the pond. In the second writing, the *Kota* measurement of grains is narrated.

ନମ୍ବର: ଗ /୩

ନାମ: ଗଣିତ

କର୍ତ୍ତା: ବାସୁଦେବ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି:
୪୦ × ୩ ସେ.ମି., ପ:୬୯, ଧା:୪

ଲିପିକାର ଓ ସମୟ:
ପୁଷ୍ପିକା ନାହିଁ, ଅଠରଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ

ସ୍ଥାନ: ପୁରୀ ସହର

ବିଷୟ:

ଏକ ପୁରୁଣା ଓ ମୂଲ୍ୟବାନ ପୋଥି।

ରହିଛି: ଶସ୍ୟାଦିର କୋଟା ହିସାବ, ନଳକୁ ଏକକ କରି ଜମିର ପରିମାଣ ନିରୂପଣ।

କଳନ୍ତର ହିସାବ ଏବଂ ଚ୍ୟାମିତି ଓ ପରିମିତି ବିଷୟକ ନାନା ଗାଣିତିକ ସମସ୍ୟାର ସମାଧାନ । ପ୍ରଶ୍ନ କବିତା ଓ ବ୍ୟାଖ୍ୟାଗଦ୍ୟରେ ।

ଅନ୍ୟ ପୋଥି ତୁଳନାରେ କବିତା ସଂଖ୍ୟା କମ୍ ।

ଏହାର ବିଶେଷତା, ବିଭିନ୍ନ ପ୍ରଶ୍ନର ବିଷୟ ସଂପର୍କରେ ବାମ ପାଖରେ ସୂଚନା ରହିଛି।

ଯେପରି:

୧. କୋଟା ଲିଖନ

୨. କଳନ୍ତର ଲିଖନ

୩. ନଳ କଉଡ଼ିଆ ଲେଖ (ତ୍ରିକୋଣ ନଳ, ଚତୁର୍କୋଣ ନଳ, ଖାତ ନଳ, ଦେଉଳ ନଳ, ଗ୍ରାମ ଲେଖ, ପୋଖରୀର ଗଭୀରତା ଲେଖ ଇତ୍ୟାଦି)।

୪. ମୂଲିଆ ଲେଖ (କୃଷି ଓ ଗୃହ କର୍ମରେ ନିଯୁକ୍ତ ଶ୍ରମିକମାନଙ୍କୁ ମଜୁରୀ ଦେବା ପ୍ରସଙ୍ଗ)

No: G/03

Title: *Ganita*

Author: Basudev

Material: Palm leaf

Size; No. of Folios; Lines:
40 x 3 cms; 69; 4

Script: Odia

Date:
No colophon, 18th Century

Condition of the Manuscript:
Not good

Place: Puri

Brief Accounts of the Text:

This is one of the valuable ancient manuscripts in the museum. This describes *kota* measurement of grains, measurement of land in the units of *nala*, calculation of interest, problems and solutions relating to mensuration and geometry. Questions are put in the form of poetry and the respective explanations are in prose. The uniqueness of the manuscript is that the context of the questions is mentioned in the left margin of the manuscript. The text deals with the following problems and their solutions:

1. *Kota lekhana*,
2. *Kalantara lekhana*
3. *Nala Kauḍia lekha* (Triangle *Nala*, square *Nala*, *khata* (pit) *Nala*, *Deula* (temple) *Nala*, *Grama* (village) *lekha*, depth of pond *lekha*.

୫. ବ୍ରାହ୍ମଣର ଦାନ ଲେଖ (ବ୍ରାହ୍ମଣମାନଙ୍କୁ ଦାନ ଦେବା ପରଂପରାର ସୂଚକ)

୬. ପଦ୍ମଫୁଲ ଲେଖ (ପଦ୍ମ ପୋଖରୀରେ ଉଡୁଥିବା ଭ୍ରମରମାନଙ୍କ ସଂଖ୍ୟା ନିରୂପଣ)

ଉପର୍ଯ୍ୟୁକ୍ତ ପ୍ରସଙ୍ଗଗୁଡ଼ିକରେ ହିଁ ଚାଟଶାଳୀରେ ଶିକ୍ଷା ଦିଆଯାଉଥିଲା।

4. *Mulia* (labourer) *lekha* – Distribution of wages to household and farm labourers.
5. *Brahmana Dana lekha* (giving gift to Brahmins)
6. *Padma lekha* (counting bees in a lotus pond)

In the end, the author claims that this text is exclusively meant for the children of village *chatasali* (school).

<u>ନମ୍ବର: ଗ / ୪</u>

ନାମ: ଲୀଳାବତୀ ସୂତ୍ର (ସଂସ୍କୃତ)

କର୍ତ୍ତା: ଭାସ୍କରାଚାର୍ଯ୍ୟ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି:
୪୩ × ୩ ସେ.ମି., ପ:୬୫, ଧା:୩/୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଉନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲନୁହେଁ, ପ୍ରଥମ ଓ ଶେଷପତ୍ରଗୁଡ଼ିକ ପୋକଖିଆ ଓ ନଷ୍ଟପ୍ରାୟ

ସ୍ଥାନ: ପୁରୀ ସହର

Brief Accounts of the Text:

The manuscript is written in *Chautisa* style. Both questions and answers are enunciated in poetry. The contents are:

1. *Kota* calculation of grains
2. Land measurement using as *nala* as unit
3. *Kalantara* calculation
4. Space measurement based on *Nala Dharana Sūtra*

There are many examples of different shapes of lands, determining area of land taking into account their length, width or circumference.

Balabhadra's writings mostly based on calculations like *Oḍāṅka, Pheḍaṅka*, multiplication and division. He has adopted the *thapana* and *dharana* style of placing a problem and deriving solutions.

ନମ୍ବର: ଗ /୯୬

ନାମ: ଗଣିତ

କର୍ତ୍ତା: ନରସିଂହ, ଘନ ଦାସ, ଭିକାରୀ ନାୟକ, ଦୈବଜ୍ଞ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୩ × ୩.୫ ସେ.ମି., ପ:୧୬, ଧା:୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ

ସ୍ଥାନ: ପୁରୀ ସହର

ବିଷୟ:

୧. ଏଥିରେ ଓଡ଼ାଙ୍କ, ଫେଡ଼ାଙ୍କ ସୂତ୍ରର ସୂଚନା ରହିଛି।

ଓଡ଼ାଙ୍କ ଯେତକ ଥିବ ତା ଜ୍ଞାଣ
ତହିଁରେ ତାହା ଗୁଣିମାଙ୍କ ପୁଣ।
ତହିରେ ତାହାକୁ ମିଶାଇ ଦେବ
ବେନିରେ ହରି ଓଡ଼ାଙ୍କ ଜାଣିବ।
କହେ ନରସିଂହ ଭାବି ଯେ
କିଞ୍ଚିତରେ ମୋତେ ଦୟା ରଖିଥିବ
ମୁଁ ତୁମ ଚରଣେ ସେବି ଯେ।

୨. ଶସ୍ୟାଦିର କିଣାବିକା ସମସ୍ୟା ପଣକିଆ ମାଧ୍ୟମରେ ସମାଧାନ କରାଯାଇଛି।

୩. ନଳମାପ ସଂର୍ପକରେ ସହଜ ସୂତ୍ର ଦିଆଯାଇଛି। ଏହା ଘନ ଦାସ ଓ ଭିକାରୀ ପଟ୍ଟନାୟକଙ୍କ ଲେଖା।

No.:G/96

Title: *Ganita*

Author: Narasingha, Ghana Das, Bhikari Nayak, Daibagyan

Material: Palm leaf

Size; No. of folios; Lines: 33 x 3.5 cms; 16; 4

Script: Odia

Date: No colophon, 19th Century

Condition of the Manuscript: Good

Place: Puri

Brief Accounts of the Text:

1. The manuscript mostly deals with the principles of *Oḍāṅka* and *Pheḍaṅka*. One of the formulas has been explained like this: multiply all the *Oḍāṅkas* in a problem, then add to the original number. Dividing the same by the original number one can get *pheḍaṅka*.

2. Tables are plentily used to make the measurement of grains easier.

3. Ghana Das and Bhikari Pattnaik had shown great effort in measuring land using *Nala Māpa* or *Nala* measurement through simple rules.

ନମ୍ବର: ଗ /୯୭

ନାମ: ଗଣିତ

କର୍ତ୍ତା: ଅଜଣା

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୧ × ୩.୫ ସେ.ମି., ପ:୨୨, ଧା:୦୪/୦୫

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ ନୁହେଁ

ସ୍ଥାନ: ନୂଆପାଟଣା, ରତ୍ନାକର ସାହୁ

ବିଷୟ:

ଏହା ଏକ ଭିନ୍ନ ପ୍ରକାରର ପୋଥି।

କେତକ ପ୍ରଶ୍ନକୁ ଅତି ସରଳ ଭାବରେ ମିଶାଣ, ଫେଡ଼ାଣ, ହରଣ, ଗୁଣନ ମାଧ୍ୟମରେ ସମାଧାନ କରାଯାଇଛି।

No: G/97

Title: *Ganita*

Author: Unknown

Material: Palmleaf

Size; No. of folios; Lines: 31 x 3.5 cms; 22; 04/05

Script: Odia

Date: No colophon, 19th Century

Condition of the Manuscript: Not Good

Place: Nuapatana, Ratnakar Sahoo

Brief Accounts of the Text:

This is a different type of manuscript. The mathematical calculations based on addition, subtraction, multiplication and division are explained in the simplest style.

ନମ୍ବର: ଗ /୯୮

ନାମ: ଶ୍ରୀ ଅଙ୍କ ପ୍ରବନ୍ଧ ଲିଖନ

କର୍ତ୍ତା: ଅଜଣା

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୯ × ୩.୫ ସେ.ମି., ପ:୭୬ ୪/୫

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଅସଂପୂର୍ଣ୍ଣ

ସ୍ଥାନ: ନୂଆପାଟଣା, ରତ୍ନାକର ସାହୁ

ବିଷୟ:

ଏକ ଛୋଟ ପୋଥି।

ଏଥିରେ ଜମିଜମା ମାପ, ଶସ୍ୟାଦିର ପରିମାଣ ନିରୂପଣ ଓ କଳନ୍ତର ସମସ୍ୟାର ସମାଧାନ କରାଯାଇଛି।

No: G/98

Title: *Sri Anka Prabandha Likhana*

Author: Unknown

Material: Palm leaf

Size; No. of folios; Lines: 39 x 3.5 cms; 76; 4/5

Script: Odia

Date: No colophon, 19th Century

Condition of the Manuscript: Incomplete

Place: Nuapatana, Ratnakar Sahoo

Brief Accounts of the Text:

It's a small manuscript which mostly deals with measurement of land, grains and *Kalantara* problems.

ନମ୍ବର: ଗ /୯୯(କ)

ନାମ: ପାଠସମୁଦ୍ର

କର୍ତ୍ତା: ଧରଣୀଧର, ଶିବ ମହାନ୍ତି, ଦେବୀ ଦାସ ଓ ବିକ୍ରମ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୯ × ୩ ସେ.ମି., ପ:୭୬, ଧା:୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ ନୁହେଁ, ବହୁପତ୍ର ପୋକଖିଆ ଓ ନଷ୍ଟପ୍ରାୟ

ସ୍ଥାନ: ଜଗତସିଂହପୁର, ଅନ୍ନପୂର୍ଣ୍ଣା ମହାନ୍ତି

ବିଷୟ:

ଏଥିରେ ତିନିପ୍ରକାରର ବିଷୟ ରହିଛି । ପିଲାମାନଙ୍କପାଇଁ ଲେଖା, ଚାଟଶାଳୀ ଗୋତ୍ରର। ପ୍ରଶ୍ନୋତ୍ତରି ଶୈଳୀରେ ଲିଖିତ । ପ୍ରଶ୍ନ ଗୀତରେ, ଏହାକୁ 'ସ୍ଥାପନ' ଓ ଉତ୍ତର ଗଦ୍ୟରେ, ଏହାକୁ 'ଭରଣ' କୁହାଯାଇଛି।

ନିମ୍ନୋକ୍ତ ସମସ୍ୟାମାନ ରହିଛି -

୧. ଜମିମାପ, ନଳ ଏକକ, ବିଭିନ୍ନ ଆକାରର କ୍ଷେତ୍ର

୨. ସୁଧମୂଳ ହିସାବ: ଓଡ଼ାଙ୍କ, ଫେଡ଼ାଙ୍କ ମେଳାଙ୍କ ଶୈଳୀ

୩. ଭୂମି କରର ହିସାବ

ଏକ ଗଦ୍ୟର ନମୁନା: ଦେଶରେ କଉଡ଼ି ପଡ଼ିଲା। କା / ୨ /୨୦/ ହାଣେ

ରାଜା ବୋଇଲେ କୋଡ଼ିଏ ଦିନକେ ସରି କରିଦେବ।

ଦିନକୁ କେତେ ଦେବ।

କେତେକ ଧନ୍ଦା ରହିଛି।

ଉଦାହରଣ - ପୁରୁଣା ହୋଇ ମୂଳମାନ ଦେଇ

ପୋତିବ ଏକ ଆରକ ମିଶାଇ।

No: G/99 (a)

Title: *Patha Samudra*

Author: Dharanidhar, Siba Mohanty, Debi Das and Bikram

Size; No. of folios; Lines: 39 x 3 cms; 76; 4

Date: No colophon, 19th Century

Script: Odia

Condition: Not good, many folios are almost damaged and worm-eaten

Place: Jagatsinghpur, Annapurna Mohanty

Brief accounts of the text:

There are three types of problems. This script was designed for schools and is in a question-answer format. The questions and answes are in poetry and prose respectively. The types of problems are:

1. Measurement of different shapes of land using the unit *Nala*
2. Interest calculation based on arithmetic operations
3. Mortgage calculation

Some problems also tell us about the societal relations at the time. There is an example of a merchant taking money from his wives and promising to share the profits with them. This problem is designed to be an ascending style of calculation.

ଫୁଟୁକି ମାତ୍ରେ କଉଡ଼ି ଆସିବ।

ଫୁଟିବ ଧନ୍ଦା ହିସାରେ ପଡ଼ିବ।

ପ୍ରଶ୍ନଗୁଡ଼ିକରୁ ସମକାଳର ସମାଜକୁ
ବୁଝିହେଉଛି। ଉଦାହରଣ: ଜଣେ ସାଧବ
ବେପାର କରିବାକୁ ଗଲେ। ତାଙ୍କର ତିନି
ଭାରିଯା। ଭାରିଯାମାନଙ୍କୁ କହିଲେ ତୁମେ ନିଜ
ନିଜ ସଂଚିତ ଅର୍ଥ ମୋତେ ଦିଅ। ବଣିଜର ଲାଭ
ତମମାନଙ୍କୁ ଦେବି। ଏହା ଚଢ଼ାବୃଦ୍ଧି ବିଷୟକ
ଗଣିତ।

ନିମ୍ନୋକ୍ତ ଦୁଇଟି ଗଣିତ ବହୁ ପୋଥିରେ ରହିଛି
-

କ. ସତୁରୀ ହାତ ସର୍ପ ଅହି ପ୍ରମାଣେ

ପଶି ନପାରେ ସର୍ପ ବିମ୍ବର ସ୍ଥାନେ।

ସାତ ଦିନ ଦୁଇପହରେ ଅର୍ଦ୍ଧ ଆଙ୍ଗୁଳେ ପଶଇ

ସର୍ପ କେତେ ଦିନେ ବିମ୍ବରେ ଯାଇ।

କହ ଖଡ଼ିକାର ସୁମନ ହୋଇ

ସର୍ପ ଲେଖା ବନ୍ଧ ବିକ୍ରମେ କହି। -
୨୫,୨୦୦ଦିନ

କାମିନୀ ପୁରୁଷ ରତି କରିବାର ବେଳେ

ଛିଡ଼ିଣ ପଡ଼ିଲା ହାର ମୁକୁତାର ମାଳେ।

ତିନି ଭାଗୁଁ ଭାଗେକ ଯେ ଶେଯ ମଧ୍ୟେ ପଡ଼ି

ଚାରି ଭାଗୁ ଭାଗେକ ଯେ ଶେଯ ତଳେ ପଡ଼ି।

ଛ' ଭାଗରୁ ଭାଗେକ ଯେ ଅଞ୍ଚଳେ ରହିଲା

ନ'ଭାଗରୁ ଭାଗେକ ଯେ ଦାସୀ ଲୋଡ଼ିନେଲା।।

ବାର ଭାଗୁ ଭାଗେକ ପୁରୁଷ ଘେନଇ

ହାରେ ଲବ ମୁକୁତାର, ମୁକୁତାର କଇ।

ଭଣେ ଦେବୀ ଦାସ ଖଡ଼ି ଏସନ ବେଭାର

ମାଳର ମୁକୁତା କେତେ କହ ଖଡ଼ିକାର। -
ପତ୍ରସଂଖ୍ୟା - ୫୩

ନମ୍ବର: ଗ /୯୯(ଖ)

ନାମ: ଗଣିତ

କର୍ତ୍ତା: କୁଞ୍ଜବନ ପଟ୍ଟନାୟକ, ବିକ୍ରମ ଓ ଗୋବିନ୍ଦ ନାୟକ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୪ × ୩.୫ ସେ.ମି, ପ:୬୪, ଧା:୩/୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଉନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ

ସ୍ଥାନ: ଜଗତସିଂହପୁର, ଅନ୍ନପୂର୍ଣ୍ଣା ମହାନ୍ତି

ବିଷୟ:

ଏକ - କୁଞ୍ଜବନ ପଟ୍ଟନାୟକ

କବିତାରେ ଲେଖା ଯାଇଛି।

ବିଷୟ ଜମିର କ୍ଷେତ୍ରଫଳ ନିରୂପଣ।

କ୍ଷେତ୍ରଫଳ କିପରି ମାପିବ, ତାହାର ସୂତ୍ର ରହିଛି। କହାଯାଇଛି - ଭୁଜକୁ ଭୁଜ କୋଣକୁ କୋଣ ଓ କୋଟିର ମାପ ଆବଶ୍ୟକ

କୋଟି ଜାଣିଲେ ଭୁଜ ଓ କର୍ଣ୍ଣ ଜାଣିହେବ।

ମୂଳପିଣ୍ଡ କିପରି ଜାଣିହେବ, ପ୍ରଥମ ତିନିପଦରେ ତାହାର ସୂତ୍ର ରହିଛି। ବର୍ଗାକାର, ଆୟାତାକାର, ବୃତ୍ତାକାର, ଅର୍ଦ୍ଧବୃତ୍ତାକାରର ସହଜ ଓ ସରଳ ବ୍ୟାଖ୍ୟା ରହିଛି। ଏହି ପ୍ରସଙ୍ଗରେ ନ୍ୟାସ ଶବ୍ଦର ଉଲ୍ଲେଖ ରହିଛି।

ଦୁଇ-ଶୋଧ୍ ଚଉତିଶା: ବିକ୍ରମ

(କ)ରହିଛି ସଂଖ୍ୟା ଗଣନାର ସୂତ୍ର

ଏକ, ଦଶ, ଶତ, ସହସ୍ର, ଅୟୁତ, ଲକ୍ଷ, ନିୟୁତ, କୋଟି, ର୍ମଭୁତ, ବନ୍ଧ, ଖର୍ବ, ନିଖର୍ବ, ଶଙ୍ଖ, ପଦ୍ମ, ସାଗର, ଅନନ୍ତ, ମଧ୍ୟ, ପରାର୍ଦ୍ଧ।

(ଖ)ପରିମାଣ ମାପ ପ୍ରସଙ୍ଗ- ଚାରି ପା' ସମାନ

No: G/99 (b)

Title: *Ganita*

Author: Kunjabana Pattnaik, Bikram, Govinda Nayak

Material: Palm Leaf

Size; No. of folios; Lines: 34 x 3.5 cms; 64; 3/4

Script: Odia

Date: No colophon, 19th Century

Condition of the Manuscript: Good

Place: Jagatsinghpur, Annapurna Mohanty

Brief Accounts of the Text:

The script describes three different subjects i.e. measurement of geometrical spheres, tables, and calculation. The first chapter by Kunjabana Patnaik describes the total area calculation of geometrical shapes like square, rectangle, circle, and half-circle in a simple manner.

The second part is in three sections. The first is written by Andha Bikram who has explained numerical calculations like *Eka, Dasa, Sata, Sahasra, Ayuta, Lakhya, Niyuta, Koti, Marbhruta, Bandha, Kharba, Nikharba, Sankha, Padma, Sagara, Ananta, Madhya and Pararddha*. He has also explained quantitative measurement.

The second section is by Govinda Nayak who explains about *panakia*

ଏକମାଣ, ବାରମାଣ ସମାନ ଏକ ନଉତି,

ବିଂଶ ପୁଡ଼ି ସମାନ ପଉତି, ଅଶୀ ନଉତି ସମାନ ଭରଣ, ସତେଇଶି ପୁଡ଼ି ସମାନ ଖାଡ଼ି। ଚାରି କଡ଼ା ସମାନ ଗଣ୍ଡାଏ। କୋଡ଼ିଏ ଗଣ୍ଡା ସମାନ ବୋଡ଼ିଏ। ପଣେ ପଦିକା ସମାନ କାହାଣେ।

(ଗ)ପଣକିଆ: ଗୋବିନ୍ଦ ନାୟକ

(ଘ)ଚଉତିଶା: କୁଞ୍ଜବନ ପଟ୍ଟନାୟକ। ଏଥିରେ,
କ. ମିଶାଣ, ଫେଡ଼ାଣ, ହରଣ, ଗୁଣନ, ସୁଧମୂଳ ହିସାବ।

ତିନି - ଜମିର ମାପ ରହିଛି।

or tables.

The third section is by Kunjabana Pattnaik who, in the form of a *Chautisa*, describes simple calculation like addition, subtraction, division and multiplication, interest calculation, arithmetic and mensuration (area calculation) etc.

The last part of the text is about measurement of land.

ନମ୍ବର: ଗ /୧୦୦

ନାମ: ଗଣିତ

କର୍ତ୍ତା: ବଳଭଦ୍ର, ବିକ୍ରମ, ଦେବୀ ଦାସ ଓ ଭଗବାନ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୧୭ × ୩.୫ ସେ.ମି., ପ:୧୭୨, ଧା:୪/୫

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ

ସ୍ଥାନ: ତାପଙ୍ଗ, ପୁରୀ, ଚୈତନ୍ୟ ଛୋଟରାୟ

ବିଷୟ: ଏହା ଏକ ଗରୁତ୍ୱପୂର୍ଣ୍ଣ ପୋଥି। ବହୁ ଗଣିତଜ୍ଞଙ୍କ ସାର ସାର ଲେଖାର ସଂକଳନ। ଗୋଟିଏ ଅଂଶରେ ଖଡ଼ିକାରଙ୍କ ଦାୟିକତା ଓ କର୍ତ୍ତବ୍ୟ ସର୍ମ୍ପକରେ ବର୍ଣ୍ଣନା ରହିଛି, ଗୀତରେ । ଜଣେ ଖଡ଼ିକାର ଅନ୍ୟକୁ କହୁଛି -

ତୋହାର ହୃଦୟ କାହିଁ ଏ ଲେଖା କହିବୁ
ତୁଣ୍ଡ ଆଣ୍ଠ କଲେ ଏଥି ଭଣ୍ଡ ହୋଇଯିବୁ।
ରାହୁର ଆଗରେ କି ଚନ୍ଦ୍ରମା ପାରେ ରହି
ବିନତାନନ୍ଦନ ଆଣେ ଯେହ୍ନେ କ୍ଷିଦ୍ର ଅହି।
କପୋତ ରହଇ ନିକି ଦେଖିଲେ ଛଞ୍ଚାଣ
ଏ ଲେଖାର ନାମ ଗୋଟି ଗୁମାନ ଗଂଜନ।
ପିତୃ ପିତାମହ ତୋର ଯେବେ ବିଦ୍ୟାବନ୍ତ
ଶିଖାଇ ଅଛନ୍ତି କ୍ଷେତ୍ର ବ୍ୟବହାର ଦ୍ରୁତ।
ହରିବା ଗୁଣିବା ଯେବେ ଜାଣି ଅଛୁ ତୁହି
ଖଡ଼ି ଧରି ଅପସରି ବସ ଓଝା ଭାଇ।
ନୋହିଲେ ପଚାର ତୋର ଥିଲେ ବନ୍ଧୁ ସଖା
ଇତର ପରାଏ ତୁ ନ ମଣ ଏହୁ ଲେଖା।।
ଖଡ଼ି ସୂତ୍ରେ କହେ ବୋଲେ ବିଶ୍ୱର କାରଣ
ବୃନ୍ଦାବତୀ ପାଦେ ନିତିପ୍ରତି କର ଧ୍ୟାନ।
ଏଥିରେ ଲୀଳାବତୀ ଶ୍ଲୋକର କେତୋଟି ସୂତ୍ରର ଓଡ଼ିଆ ଅନୁବାଦ ରହିଛି, କଳସା ରାଗରେ।

No.: G /100

Title: *Ganita*

Author : Balabhadra, Bikram, Debi Das, Bhagaban

Size; No. of Folios; Lines: 17 x 3.5 cms; 172; 4/5

Language: Odia

Date: No Colophon, 19th Century

Condition: Good

Place: Tapara, Puri, Chaitanya Chotaray

Brief Accounts of the Text:

This is an important manuscript. It is a compilation of works of many famous mathematicians. The author asks *khadikars* to be honest and particular in their working. He says that they should shed their arrogant attitude and be humble while working. They have acquired the skill of measurement and calculation from their ancestors and should pass it on to the posterities without any distortion.

The manuscript has shlokas of *Leelabati Sūtra* in Sanskrit and their translation in Odia composed in *Raga Kalasa*. There are many *chautisas* on problem-solving methods. These problems are related to numeric calculations, area measurement, and plantation calculation. There is also mention of addition, subtraction, multiplication, division, and tables in:

ବହୁସୂତ୍ର ଗୀତରେ ଲେଖା ଯାଇଛି। ଯଥା:

(କ) ପନ୍ଦର ମୂଳେ ପଡ଼ିଆ ଗୁଣିବୁ ପରିସ୍ୱ
ହୋଇ ହରଣ କରିବୁ।
ପଳକୁ ଷୋଳକଡ଼ା ଚଉଷଠି
ପାରିଲେ ଆଣ କିଣିଣ ଏଇଠି।

(ଖ) ଫୁରୁଣା ହୋଇ ଶୁଣ ମନ ଦେଇ
ଫେଡ଼ିବୁ ଏକ ଆରେକ ମିଶାଇ।
ଫୁଟୁକି ମାତ୍ରେକେ ଲେଖା ଆସିବ
ଫିଟିବ ଦ୍ୱନ୍ଦ୍ୱ ହୃଦେ ପ୍ରକାଶିବ।

(ଗ) ଭୂମିରେ ଯେତେ କଦଳୀ ରୋଇବ
ଭୂମି ଦୀର୍ଘ ପ୍ରତି ଘନ କରିବ।
ଭୂମି ଦୀର୍ଘରେ ମିଶା, ମନ୍ଦା ଦୀର୍ଘ
ଭୂମି ଦୀର୍ଘ ପ୍ରତି ଘନ କରିବ
ଭ୍ରାନ୍ତି ଫେଡ଼ିଣ ଯେ ମନ୍ଦା ହରିବ।
ଭଣଇ ବିକ୍ରମ ମନ୍ଦା ଜାଣିବ।

କେତେକ ପ୍ରଶ୍ନ ଚଉତିଶା ରୀତିରେ ଲେଖା ଯାଇଛି ଏବଂ ସଂଖ୍ୟାରେ ମିଶାଣ, ଫେଡ଼ାଣ, ଗୁଣନ, ହରଣ ପ୍ରୟୋଗ ମାଧ୍ୟମରେ ବ୍ୟାଖ୍ୟା କରାଯାଇଛି।

ରହିଛି:

୧. ଶସ୍ୟ କିଣାବିକା ହିସାବ,

୨. ପଦ୍ମଫୁଲକୁ ମୂଳ କରି ପୋଖରୀର ଗଭୀରତା ମାପ.

୩. ଶସ୍ୟର କୋଟା ମୂଳ ହିସାବ (୨୪ ବର୍ଗ କୋଟାର ହିସାବ),

୪. ନଳ ମାଧ୍ୟମରେ ଜମିର ମାପ, କଳନ୍ତର ହିସାବ

୫. ବର୍ଗମୂଳ ଆଧାରିତ ପରିସଂଖ୍ୟାନ।

କେତେକ ଜ୍ୟାମିତିକ ପ୍ରଶ୍ନ ଏହିପରି:

୧.ଏକ ସ୍ତମ୍ଭ ଉପରେ ଦୀପ ଜଳୁଛି। ସ୍ତମ୍ଭ ମୂଳରୁ ଛ' ହାତ ଦୂରରେ ଠିଆ ହୋଇଛନ୍ତି ଜଣେ ବ୍ୟକ୍ତି। ତାଙ୍କ ଛାଇର ଦୀର୍ଘ ୩୦ ହାତ। ସ୍ତମ୍ଭର ଉଚ୍ଚତା କେତେ? = ୫ ହାତ

1. Buying and selling of grains
2. Measurement of land using *nala*. *Kalantara* calculation.
3. Measuring depth of a pond using the stem of a lotus
4. Square root calculation.
5. *Kota* Measurement of grains

There are some unique examples of geometrical problems.

Examples:

1. A *deepa* is burning on a pedestal. At about six hands distance, a man is standing. The shadow of the man is 30 hands. Then, what is length of the pedestal?

   Ans: 5 hands.

2. There is a nine hands long pole. A peacock is on the pole. A snake comes out from the pit below the pole. The peacock is swoops down to get the snake and flys down 27 hands to catch the snake. What is distance the snake has covered? (Use *nala*)
3. Measuring the amount of grains based on the number of grains that the birds were eating.

୨.ଏକ ସ୍ତମ୍ଭର ଉଚ୍ଚତା ୯ ହାତ। ସ୍ତମ୍ଭ ମୂଳରେ ଗାତ। ଗାତରୁ ବାହାରି ଏକ ସାପ ମାଟି ଉପରେ ଖେଳିଲା। ସ୍ତମ୍ଭ ଉପରେ ଥିଲା ଏକ ମୟୂର। ମୟୂର ସାପକୁ ଦେଖିଲା। ତେରେଛା ମାର୍ଗରେ ଖସିଲା। ୨୭ ହାତ ପରେ ଭେଟିଲା ସାପକୁ। ସେ କେତେ ଭୂମି ଅତିକ୍ରମ କରିଛି କିପରି ଜାଣିବା? (ନଳମାପ)

୩.ଦୈବର ବିଡ଼ମ୍ବନା, ଜଣେ ଚାଷୀ ଶଗଡ଼ରେ ଧାନ ନେଇ ଯାଉଥିଲାବେଳେ ଅଖ ଭାଙ୍ଗିଗଲା। ନୂଆ ଅଖପାଇଁ ସେ ଦୂର ସ୍ଥାନକୁ ଗଲା। ଫେରି ଦେଖିଲା - ବାୟା, କପୋତ ଓ ପାରା ଧାନ ଖାଇଯାଉଛନ୍ତି। ସେମାନଙ୍କ ଉପରକୁ ବାକୁଲି ଫିଙ୍ଗିଲା। ତିନିଟି ଚଢ଼େଇ ବାୟା, କପୋତ ଓ ପାରା ମରି ପଡ଼ିଲେ। ପାରା, କପୋତ ଓ ବାୟା ପେଟରେ ଥିଲା ଯଥାକ୍ରମେ ୧୨, ୧୦, ୮ଟି କରି ଧାନ । ଡ଼ାଲିରେ କେତେ ଭରଣ ଧାନ ଥିଲା? (ପକ୍ଷୀଗଣନା)

ଏତଦ୍ ବ୍ୟତୀତ ରହିଛି କଳନ୍ତର ହିସାବ। ଧାନ ଚାଉଳର କୋଟା ହିସାବ ୧ରୁ ୨୪ ବର୍ଗ କୋଟା। ଜମିର ନଳ ମାପ। ଏବଂ, ବହୁ ଟେବୁଲ।

ଏହା ଏକ ଗୁରୁତ୍ୱପୂର୍ଣ୍ଣ ପୋଥି।

ନମ୍ବର: ଗ /୧୦୧

ନାମ: ଗଣିତ

କର୍ତ୍ତା: ନରହରି ନାୟକ ଓ ଅନ୍ୟମାନେ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୪୩ × ୩ ସେ.ମି., ପ:୬୬, ଧା:୪/୫

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ ନୁହେଁ, ବହୁପତ୍ର ଛିଣ୍ଡା

ସ୍ଥାନ: ଭୁବନେଶ୍ୱର, ଦାମୋଦର ଦାସ

ବିଷୟ: ଗଣେଶ ସ୍ତୁତିରୁ ପାଠ ଆରମ୍ଭ। ଏହା ଏକ ଗୀତ ପ୍ରଧାନ ପୋଥି।

ସଂସ୍କୃତ ଲୀଳାବତୀ ସୂତ୍ରର କେତେକ ସ୍ତୋତ୍ରର ଓଡ଼ିଆ ଅନୁବାଦ ରହିଛି।

ବିଭିନ୍ନ ଆକାରର କ୍ଷେତ୍ରର ମାପ ସହିତ କିଣାବିକାର ହିସାବ କରାଯାଇଛି।

ଲୀଳାବତୀ ସୂତ୍ର ଆଧାରରେ ଏକ ବହୁ ଚର୍ଚ୍ଚିତ ଗଣିତର ବ୍ୟାଖ୍ୟା ଏହିପରି:

ଏକ ଗୁହାଳରୁ ତିନି ଭାଇଙ୍କ ଗାଈମାନେ ପାଣି ପିଇବାକୁ ଯାଉଛନ୍ତି। ତୁଠରେ ଭାଗ ଭାଗ ହୋଇ ପାଣି ପିଉଛନ୍ତି । ଭାଗ ହୋଇ ଯାଉଥିବା ଗାଈଙ୍କୁ ଆଧାର କରି ଗାଈମାନଙ୍କ ମୋଟ୍ ସଂଖ୍ୟା କହିବାକୁ ଛାତ୍ରମାନଙ୍କୁ କୁହାଯାଇଛି।

No.: G /101

Title: *Ganita*

Author: Narahari Nayak and others

Material: Palmleaf

Size; No. of folios; Lines: 43 x 3 cms; 66; 4/5

Script: Odia

Date: No Colophon, 19th Century

Condition of the Manuscript: Not good, many pages are torn

Place: Damodar Das, Bhubaneswar

Brief Accounts of the Text:

The manuscript starts with Ganesha *bandana*. The writing style is predominantly in verse.

The text has many translations of *Leelabati Sūtra*. The contents are:

1. Different shapes of land, their measurement and buying and selling calculations of the mentioned land.
2. Solving popular problems on the basis of *Leelabati Sūtra* e.g. Three brothers take cows from a shed to the river. The cows drink water separately and return to the shed. Calculate their total number on the basis of the different grouping of cows.

ନମ୍ବର: ଗ /୧୦୨

ନାମ: ଗଣିତ

କର୍ତ୍ତା: ବଳଭଦ୍ର

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୨୭ × ୩.୫ ସେ.ମି, ପ -୧୪୮, ଧା - ୪/୫

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ

ସ୍ଥାନ: ଭୁବନେଶ୍ୱର, ଦାମୋଦର ଦାସ

ବିଷୟ: ପ୍ରଶ୍ନ କବିତାରେ। ଉତ୍ତର ଗଦ୍ୟରେ।

ଅଳ୍ପ କେତେକ ପ୍ରଶ୍ନର ସମାଧାନ କବିତାରେ ।

ଧାନ, ମୁଗ ଓ ବିରି ଆଦି ଶସ୍ୟର ହିସାବ ପାଣ୍ଡୁଲିପିର ମୁଖ୍ୟ ପ୍ରସଙ୍ଗ।

ଗୋଟିଏ ପ୍ରଶ୍ନ ଏହିପରି: "ଏକ ଗଉଡ଼ ଜଣେ ଦୁଧ ନେଉଅଛି। ପାଞ୍ଚ ନଉତି ଘେନି ବାଟରେ ଯାଉଅଛି। ୟେ ସମୟରେ ଦୁଧ ଘେନିବାକୁ ଗରାଖ ଜଣେ ମିଳିଲା। ପଣେ କଉଡ଼ି ଦେଲା। ବୋଇଲା ମୋତେ ଦୁଧ ନଉତିଏ ଦେ। ସେ ଗଉଡ଼ ତହିଁରେ ପାଣି ନଉତିଏ ମିଶାଇ ଦେଲା। ମିଶାନ୍ତେ ହୋଇଲା ଛ' ନଉତି। ଏହି ଦୁଧରୁ ନଉତିଏ ଦେଲା। ପଣକ କଉଡ଼ି ଘେନିଲା। ଏହି ରୂପେ ପାଞ୍ଚପଣ ବିକିଲା। ସେହି ଦୁଧ ପାଞ୍ଚ ନଉତି ସାହୁକୁ ନେଇ ଦେଲା। ଏମନ୍ତକୁ ସାଧୁ ୫ ନଉତିରେ ଦୁଧ କେତେ ପାଣି କେତେ?"

ଏହି ପ୍ରଶ୍ନ ମାଧ୍ୟମରେ ଆମେ ସମାଜକୁ ମଧ୍ୟ ଜାଣି ପାରିବା।

No.: G /102

Title: *Ganita*

Author: Balabhadra

Material: Palm leaf

Size; No. of folios; Lines: 27 x 3.5 cms; 148; 4/5

Script: Odia

Date: No colophon, 19th Century

Condition of the Manuscript: Good

Place: Bhubaneswar, Damodar Das

Brief Accounts of the Text:

The text has a unique style of fusion of poetry and prose. The questions are put in form of poetry. The problems are related to measurement of grains like rice, *moong, biri* etc.

There is an interesting question on the adulteration of milk in a problem about the proportion of milk and water in the adulterated milk. This problem highlights the *gauda* of those times who used to sell milk.

ନମ୍ବର: ଗ / ୧୦୩

ନାମ: ଗଣିତ

କର୍ତ୍ତା: ଦେବୀ ଦାସ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୮.୫ × ୩.୫ ସେ.ମି., ପ:୧୦୦, ଧା:୦୪

ଲିପିକାର ଓ ସମୟ: ରଥି ରାଉତ, ବାଣପୁର, ପୁରୀ, ୧୨୮୭ ସାଲ, (୧୮୮୦ ମସିହା) ମକର।

ଲିପି: ଓଡ଼ିଆ

ଅବସ୍ଥା: ଭଲ

ସ୍ଥାନ: ଭୁବନେଶ୍ୱର, ଦାମୋଦର ଦାସ

ବିଷୟ:

୧.ଓଡ଼ାଙ୍କ, ମେଲାଙ୍କ, ଗୁଣନ ଓ ହରଣକୁ ଆଧାର କରି ପ୍ରଶ୍ନର ବ୍ୟାଖ୍ୟା ସହିତ କେତେକ କ୍ଷେତ୍ରରେ ସଂଖ୍ୟା ବସାଣ ରହିଛି।

୨.ରହିଛି - କବିତାରେ ଧରାଣ ସୂତ୍ର। ଏହା ସମସ୍ୟା ସମାଧାନକୁ ସହଜ କରି ଦେଉଛି। ଜମିର ମାପ ସଂକ୍ରାନ୍ତରେ ଏକ ଉଦାହରଣ।

ଦୀର୍ଘ ପ୍ରତି ମିଶି ଯେତେକ ନଳ, ଦୁଇରେ ହରି ବେନି ଠାବେ ଧର।

ଦୁଇ ପଦ ଘନ କର ତୁରିତ, ଭୂମି ଗୁଣ୍ଡ କରି ଏଥୁ ଫେଡ଼ିତ।

ସେ ସଜେ ରହିଲା ଓଝରେ ହର, ଯେତେ ଅଙ୍କ ତା'ର ପଡ଼େ ନିକର।

ନଳ ଦୁଇ ଭାଗୁଁ ଠାବେକ ଯୋଡ଼, ଠାବକେ ମିଶାଇ ନଳ ଏବେ କାଢ଼।

ଦୀର୍ଘ ପଚିଶ ଯେ ପ୍ରତି କୋଡ଼ିଏ, ଧରିଣ ଆନନ୍ଦ ହୋଇଲେ ପୋଏ।

ତ୍ରିଭୁଜକାର, ବର୍ଗାକାର, ଆୟତାକାର ଓ ଗୋଲାକାର କ୍ଷେତ୍ରର ଚିତ୍ର ମଧ୍ୟ ରହିଛି।

No.: G /103

Title: *Ganita*

Author: Debi Das

Size; No. of folios; Lines: 38.5 x 3.5 cms; 100; 04

Place: Damodar Das, Bhubaneswar

Date: Rathi Raut, Banpur, Puri, 1287 *saal*/ 1880 A.D., *Makara*

Condition: Good

Brief accounts of the text:

1. Questions relating to addition, subtraction, multiplication & division with explanations. Some problems include filling in the blanks.
2. It also includes *Dharana Sūtra* to derive the conclusion easily. There are many examples of formulas used to calculate areas of different shapes of land.
3. Tables for calculation of purchase and selling of items
4. *Kalantaria, Trutiya Ghana*, and calculation of multiple interest
5. Calculation of square of a digit. Debi Das gives an introduction about his origin, lineage, life and work. He was an astrologer born in Mati Bangsa caste. Mati Bangsa caste belonged to Ojhā community who are traditionally teachers in the schools. They used to earn very little for their living. He further says that *sādhanā* is required to master the subject.

୩.କିଣାବିକା, ପଣିକିଆ, ମାଗଣ।

୪.କଳନ୍ତରିଆ, ତୃତୀୟ ଘନ; ଚକ୍ରବୃଦ୍ଧି ସୁଧର ହିସାବ।

୫.ସଂଖ୍ୟାର ବର୍ଗ ନିରୂପଣ।

ଏଥିରେ ଦେବୀ ଦାସ ନିଜର ପରିଚୟ ଦେଇଛନ୍ତି। ମୁଁ ଚଉତିଷ ମାଟି ବଂଶରେ ଜନ୍ମ।

ତଷା, ଧୋବା, ଭଣ୍ଡାରିଙ୍କ ଅଟ ଓଡ଼ା ଅଛି
ପେଟର ବିକଳେ କରି ନ ଜାଣଇ କିଛି।
ମାଟି ବଂଶ ବୋଲି ମିଛେ ହେଉଥାଅ ଟାଣି
ଏମନ୍ତ ନାୟକମାନେ ପାରିବେକି ଜାଣି।
ଜଉତିଷ କଲେ ପାଠ, ଗୁଣମାନ ଛାଡ଼ି
ଗ୍ରହପୁତ୍ର ଓଝା ବୋଲି କହୁଥାନ୍ତି ବଢ଼ି।
ଏହା ଶୁଣି ଓଝାମାନେ ହୋଇଲେ କାତର
ସନିପାତ ମଲୁ ଯେହ୍ନେ ଚାହଁଇ ଜଳଜଳ।
ଭଣେ ଦେବୀ ଦାସ ଲେଖା କୂଟ ପରିମାଣ
ବୁଧ୍‌ରେ ଏ ଲେଖା ଫେଡ଼ି କରି ଆଣ।
ଖଗ ଶୂନ୍ୟ, ନର୍କ ଶୂନ୍ୟ, ବେମ ଶୂନ୍ୟ ଜାଣ
ଶୂନ୍ୟପାନ ଦେଇ ଚିତ୍ତ କର ପରିମାଣ।
ଶୂନ୍ୟ ଗଗନ ଦେଇ ଆକାଶ ଦେଇ ଶଶି
ଶୂନ୍ୟ ଗଗନ ଦେଇ ରାମନାମ ଭାସି।
ଏହି ଅଙ୍କମାନ ଯେ ଉଡ଼ନ୍ତା କାଳ ସର୍ପ
ଅଜଟ ଖଡ଼ିକାର ଏ ଭାଗକୁ ଦର୍ପ।
ହରି ଗୁଣ ଆଣିମାକୁ ଏହି ଅଙ୍କମାଳ
ହରି ଆଣିବାକୁ ବୁଦ୍ଧି ଅଛଇ କାହାର।
ହରି ନାଇଁ ଗୁଣି ନାଇଁ ମିଶାଇ ଯେ ନାଇଁ
ଦେଖୁଥିବେ ଓଝାମାନେ ଅଙ୍କମାଳା ଚାହିଁ।
କଳିଯୁଗ ଦେବୀ ଦାସ ଭିଆଇଲା ଏହୁ
ଏହାଙ୍କ ବଂଶରୁ ଆନ ନ ଜାଣଇ କେହୁ।
ଭାଜିଲା କାଠକୁ ଯେଣେ ଯୋଡ଼ି ଯେ ନପାରି
କିଛିକିଛି ପାଠ ଜାଣି ଚାଟଶାଳୀ କରି।

ନମ୍ବର: ଗ / ୧୦୪

ନାମ: ଗଣିତ

କର୍ତ୍ତା: ବିକ୍ରମ, ଆରତ ଦାସ ଓ ସଦାଶିବ ଦାସ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୦ × ୩ ସେ.ମି., ପ:୨୧, ଧା:୩/୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ ନୁହେଁ, ବହୁପତ୍ର ନାହିଁ, ୧୬-୨୩, ୩୪-୩୮

ସ୍ଥାନ: ଭୁବନେଶ୍ୱର, ଦାମୋଦର ଦାସ

ଲୀଳାବତୀ ସୂତ୍ର ଆଧାରରେ ସମସ୍ୟା ସମାଧାନ କରାଯାଇଛି ବୋଲି ଗ୍ରନ୍ଥ ଆରମ୍ଭରେ ସୂଚନା ରହିଛି। ବହୁ ଶ୍ଲୋକର ଅନୁବାଦ କରାଯାଇଛି। ଆରମ୍ଭ ଗଣେଶ ବନ୍ଦନାରୁ।

୧.ପ୍ରଥମ ଛାନ୍ଦର ରାଗ ଆଷାଢ଼ ଶୁକ୍ଳ ।

ପାଟୀ ଗଣିତ / ମାପର ଏକକ ସଂପର୍କରେ ସୂଚନା ରହିଛି।

୨.ଦ୍ୱିତୀୟ ଛାନ୍ଦ, ରାଗ - ରାମକେରୀ

ଏଥିରେ ନଳମାପ ରହିଛି। ଯଥା- ଗଡ଼ ଲେଖ, ପତାକା ଲେଖ, ପୋଖରୀ ଓ ପଦ୍ମ ଫୁଲ ଲେଖ, ରାସଭୂମିର ଆୟତନ ଲେଖ, ଗଛଲଗା ଲେଖ। ଏହିପରି ଗଣିତ ଅନ୍ୟ ପୋଥିଗୁଡ଼ିକରେ ମଧ୍ୟ ରହିଛି।

ପତାକା ଲେଖର ମାପ ଏହିପରି।

ପତକା ବସିବାରୁ ହଲିଗଲା

ଭୁଜ ତିରିଶ ଆଙ୍ଗୁଳ, କୋଟି ଚାଳିଶ ଆଙ୍ଗୁଳ।

ହାତ ମୂଲ ତିନି ଟଙ୍କାରେ ବିକିଲେ ମୂଲ କେତେ?

୩.ଏକ ଭିନ୍ନ ପ୍ରକାରର ଗଣିତର ଉଦାହରଣ:

No.: G/104

Title: *Ganita*

Author: Bikram, Arata Das, Sadasiba Das

Material: Palm leaf

Size; No. of folios; Lines: 30 x 3 cms; 21; 3/4

Charactor: Odia

Date: No Colophon, 19th Century

Condition: Not Good, Many pages (16-23, 34-38) are missing

Place: Damodar Das, Bhubaneswar

Brief Accounts of the Text:

The manuscript starts with an invocation of Ganesh. Problems are solved on the basis of *Leelabati Sūtra*. The translation of *shlokas* from Sanskrit has been narrated.

1st Canto: *Raga Asadha Sukla*

Arithmetic/Description about measuring units

2nd Canto: *Raga Ramakeri*

It consists of *Nala mapa*, *Gada lekha, pataka lekha, pokharī o padmaphula lekha, rasabhumira ayatana lekha, gacchalaga lekha* etc.

(a) *Pataka lekha*. Example: A flag is disturbed by the winds. The exact length of the flag is not maintained and the change is noted. Using this information, the problems ask the reader to measure the area of the flag and its price.

ଗୁହାଳରେ ଗାଈ ସଂଖ୍ୟା ନିରୂପଣ।

ଏକ ଗୁହାଳରେ ତିନି ଦୁଆର
ତିନି ସରି ହୋଇ ଗାଈ ବାହାରି ଗଲେ।
ପାଞ୍ଚ ଠୁଠେ ସରି ହୋ ପାଣି ପିଇଲେ
ସାତ ଗଛ ମୂଳେ ସରି ହୋଇ ଶୋଇଲେ।
ନଅ ଭାଇ ସରି କରି ବାଣ୍ଟି ନେଲେ।
ଏ ସମସ୍ତ ସରି ହେବେ।
ଗାଈ ସଂଖ୍ୟା କେତେ?
୩ ଗୁଣନ ୫ =୧୫
୧୫ ଗୁଣନ ୭ = ୧୦୫
୧୦୫ ଗୁଣନ ୯ = ୯୪୫

A unique problem has been seen here. A stable has three doors. The cows went in 3 groups by 3 doors. They drank water in five groups and slept under seven trees. Later, they were divided and taken by nine brothers. The word *sari* is used to denote parts. How many cows were there in total? The answer is 3×5 = 15, 15×7 =105, 105×9 = 945

<u>ନମ୍ବର: ଗ /୧୦୫</u>

ନାମ: ଗଣିତ

କର୍ତ୍ତା: ରଘୁନାଥ, ଦେବୀଦାସ ଓ ବଳଭଦ୍ର

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୪୨.୫ × ୩.୫ ସେ.ମି., ପ:୩୪, ଧା:୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ

ସ୍ଥାନ: ରେଲଓଏ କଲୋନି, କଟକ, ଅନ୍ନପୂର୍ଣ୍ଣା ମହାନ୍ତି

ବିଷୟ:ଶ୍ରୀ ଦୁର୍ଗେ ଶରଣରୁ ଗ୍ରନ୍ଥର ଆରମ୍ଭ। ଧାନର କୋଟା ହିସାବରୁ ପାଠର ଆରମ୍ଭ।

ଏହି ହିସାବ କେତେ କଷ୍ଟକର, ଏକ ଗୀତରେ ଗଣିତଜ୍ଞ ନିଜର ଅହଂକାର ଦେଖାଇଛନ୍ତି।

ପ୍ରଶ୍ନ: ମୂଳଧାନ ଚାରିଶହ ପଉଟି।

ବ୍ରାହ୍ମଣ ଜଣକୁ ଚାଉଳ ମାଣେ, କଉଡି ପଣେ ଧାନ ପଚିଶି ନଉତିକୁ, ଚାଉଳ ଦଶ ନଉକା ଏକକୁ ଧାନ ପାଞ୍ଚ ନଉତି ।

<u>No.: G /105</u>

Title: *Ganita*

Author: Raghunath, Debi Das, Balabhadra

Material: Palm leaf

Size; No. of folios; Lines: 42.5 x 3.5 cms; 34; 4

Script: Odia

Date: No Colophon, 19th Century

Condition: Good

Place: Railway Colony, Cuttack, Annapurna Mohanty

Brief accounts of the Text:

The manuscript starts with an invocation of Goddess Durga. In the beginning, the author describes the complexity of mathematical calculations in a poem which poses a problem in the context of giving rice to Brahmins.

It also contains:

ଏ ପ୍ରମାଣେ ବ୍ରାହ୍ମଣ କେତେ ଜଣ?
ଚାରିଶତ ପଉଟି ଅଛଇ ମୂଳଧାନ
ବ୍ରାହ୍ମଣେ ଜଣକେ ଦେବା ମାଣେ ପଣେ ଧାନ।
ଚାରିଶ ପ୍ରମାଣେ କୋଟା ଦେଇ ସମତୁଲ
ଚାଉଳ ଦଶ ନଉତି, ନାସ୍ତି କୋଟା ମୂଲ।
ହରି, ଫେଡ଼ି, ମିଶାଇବା, ଏ ତିନି ଛାଡ଼ିବ
ତଣ୍ଡୁଳ, କଉଡ଼ି ବିପ୍ର ଗୁଣିଲେ ପଡ଼ିବ।
ତଣ୍ଡି, ଗୁଣ୍ଡି, ଫୁଟି ଆଉ ନକର ଏଠାର
ତଣ୍ଡି ଶୁଖିଯିବ ମୁଖ ନିରସ ଅଧର।
କଥାରୁ କଥା ପଡ଼ିଲେ, ନପାରିବ ଜିଣି
ତୁମ୍ଭେ ଯେବେ ନ ଜାଣ ଏହା ଆମ୍ଭେ ଅଛୁ ଜାଣି।
ଯେତେଲୋକ ଏଠାରେ ଅଛନ୍ତି ବଡ଼ ସାନ
ନାକ ବାଳ କାଟି କାଟିବେ ଦୁଇ କାନ।
ଗାଲେ ଚୂନ କଳା ତୋର ଲଗାଇଣ ଦେବେ
ଏ ଦେଶ ଆଡ଼ ମୁହାଣେ ଛାଡ଼ିଣ ଆସିବେ।
ଦ୍ୱାଦଶ ବରଷେ ମୋତେ ଏ ଲେଖା କହିବୁ
ନ କହି ହାର ମାନିଲେ କିଞ୍ଚିତେ ରହିବୁ।
ଏ କଥା ଗୋଟି ମନେ ସୁମରିଣ ପଳା
ଜଗନ୍ନାଥେ ପ୍ରସନ୍ନ ମୁଁ ସରସ୍ୱତୀ ବଳା।।
ମନର ସିହାଣେ ଖଡ଼ି ସମ୍ବାଦ ଆଣିଲା
କହେ ଦେବୀ ଦାସ ଲେଖା ବାଦରେ ଜିଣିଲା।।
= ୧୫୩୬

ଏଥିରେ ରହିଛି ଗଣ୍ଡାର ଲେଖ, ଦୀପ ଲେଖ
(ଜ୍ୟାମିତି/ ଖୁଣ୍ଟ ଉପରେ ଦୀପ, ଖୁଣ୍ଟର ମୂଳରୁ
ଛ' ହାତ ଦୂରରେ ମଣିଷ ଠିଆ ହୋଇଛି।
ଛାଇର ଲମ୍ବା ୩୦ ହାତ। ଖୁଣ୍ଟର ଉଚ୍ଚତା
କେତେ = ୫ହାତ।

ମାଣ ବିଶ୍ୱା ବିକ୍ରି ଲେଖ

ଜମା ବିଛାଉଣି ଲେଖ (ଏଥିରେ ଗ୍ରାମରେ
ଜମିଦାର କେତେ ଖଜଣା ଆଦାୟ କରିଛନ୍ତି,
କେତେ ଅର୍ଥ ଗଚ୍ଛିତ ଅଛି - ତାହାର ହିସାବ,
ବିଶେଷତଃ ରୟତମାନଙ୍କ ପ୍ରଦତ୍ତ କରର ହିସାବ
ରହିଛି। କିଏ କଉଡ଼ି କର ଦେଉଛି, ଜମିର
ପରିମାଣ ଜାଣିନି। କିଏ କର ଦେଇ ପାରିନି।

1. Gandara lekha,

2. Deepalekha (Geometry) e.g. A *deepa* is burning on a pedestal. At about six hands distance, a man is standing. The shadow of the man is 30 hands. Then, what is length of the pedestal? Ans: 5 hands.

3. *Mana kina bikri lekha, kraya lekha*

4. Jamabichauni Lekha: This is description of amount of tax collection in a village by *Jamidar*, the amount of money with the treasurer and the amount of taxes paid by the *rayats*. The problem mentions different categories of taxpayers. Some pay using *Kauḍi* without knowing the area of land they have. Some pay with a multiple interest rate. Tables are used to solve problems of buying and selling of grains.

5. *Bakula banare bhranara lekha*: Calculation of bees flying over certain flowers

6. *Kalantara* calculation of rice and grains.

ଚକ୍ରବୃଦ୍ଧି ହାରରେ କେତେ ବର୍ଷ ପରେ କର ଦେଲା। ଜମିର ପରିମାଣ କେମିତି ଜାଣିବ? ରୟତମାନେ ଋଣ ନେଇ ସୁଧ ପରିଶୋଧ କରୁଛନ୍ତି ସମୟ ଅନୁସାରେ। କର ପରିମାଣ କେମିତି ଜାଣିବ?

ଶସ୍ୟାଦିର କ୍ରୟବିକ୍ରୟ ସମସ୍ୟାକୁ ସାରଣୀ ମାଧ୍ୟମରେ ସ୍ପଷ୍ଟ କରି ଦିଆଯାଇଛି।

ବକୁଳବନରେ ଭ୍ରମର ଲେଖା (ଭ୍ରମରମାନେ ବଣରେ ଉଡ଼ି ବୁଲୁଛନ୍ତି, ବଉଳ ଓ ସେବତୀ ଫୁଲ ଉପରେ ବସୁଛନ୍ତି। ସେମାନଙ୍କ ସଂଖ୍ୟା ନିରୂପଣ)।

ଧାନ ଓ ଶସ୍ୟାଦିର କଳନ୍ତର ହିସାବ।

ନମ୍ବର: ଗ /୧୦୬

ନାମ: ଶୋଧିପାଠ

କର୍ତ୍ତା: ବଳଭଦ୍ର ଦାସ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୯.୫ × ୪ ସେ.ମି., ପ:୧୧, ଧା:୫/୬

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ ନୁହେଁ

ସ୍ଥାନ: ଭୁବନେଶ୍ୱର, ଦାମୋଦର ଦାସ

ବିଷୟ:

ପତ୍ରର ଅବସ୍ଥା ଖରାପ। ବିଷୟ ଜାଣିବା ସମ୍ଭବ ନୁହେଁ।

ଭଲ ଥିବା ପତ୍ରପାଠରୁ ଏଥିରେ କୁଞ୍ଚା, ମାଣ, ନଉତି ଓ ଭରଣକୁ ଏକକ ଭାବରେ ଗ୍ରହଣ କରି ଶସ୍ୟାଦିର ମାପ କରାଯାଇଛି।

No.: G /106

Title: *Śodhipatha*

Author: Balabhadra Das

Material: Palm leaf

Size; No. of folios; Lines: 39.5 x 4 cms; 11; 5/6

Date: No Colophon, 19th Century

Script: Odia

Condition of the Manuscript: Not good

Place: Bhubaneswar, Damodar Das

Brief Accounts of the Text:

The manuscript mostly deals with descriptions of different units of measurement of grains like *Kuncha, Mana, Nauti and Bharana* etc. Details of the text are difficult to decipher due to the damaged condition of the manuscript.

ନମ୍ବର: ଗ /୧୦୭

ନାମ: ଗଣିତ

କର୍ତ୍ତା: ବ୍ରଜଭୂଷଣ ଓ ଦେବୀ ଦାସ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୯.୫ × ୪ ସେ.ମି., ପ:୧୧, ଧା:୪/୫

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ ନୁହେଁ

ସ୍ଥାନ: ଫୁଲବାଣି, କେ.ଭି.ରାଓ

ବିଷୟ:

ଶ୍ରୀ ଗଣେଶାୟ ନମଃରୁ ପାଠର ଆରମ୍ଭ। ଗୀତରେ ପ୍ରଶ୍ନ ଓ ଗଦ୍ୟରେ ବ୍ୟାଖ୍ୟା ରହିଛି।

ଅନ୍ୟ ଗ୍ରନ୍ଥଗୁଡ଼ିକ ପରି ରହିଛି, ଭ୍ରମରଲେଖ, ବ୍ରାହ୍ମଣ ଭୋଜନଲେଖ, ସୁନାଦାନଲେଖ। ଘାଟଦାନ ଲେଖ ସ୍ୱତନ୍ତ୍ର।

ସାଧବ ଡଙ୍ଗାରେ ଯାତ୍ରା କାଳରେ, ନଈରେ ବିଭିନ୍ନ ଘାଟରେ ଦେଉଥିବା ମାହାସୁଲର ପ୍ରସଙ୍ଗ ଏଥିରେ ଉଲ୍ଲିଖିତ।

ଭୂମିର ନାନାପ୍ରକାର ନଳ ଓ ପଦାର୍ଥର କୋଟି ହିସାବ ଦେବୀ ଦାସଙ୍କ ଲେଖା, ତାଙ୍କ ଅନ୍ୟପୋଥି ଅନୁରୂପ।

ଏହି ପୋଥିର ବିଶେଷତ୍ୱ - ବିଭିନ୍ନ ପ୍ରକାର ଗୁଣନ, ହରି - ଗୁଣସୁତ୍ରର ସରଳ ବିଚାର। ପୁଣି ବିଚାର ମୂଳ ରାଶି ବା ପିଣ୍ଡ ଆଧାରିତ।

No.: G /107

Title: *Ganita*

Author: Brajabhusana, Debi Das

Material: Palmleaf

Size; No. of Folios; Lines: 39.5 x 4 cms; 11; 4/5

Script: Odia

Date: No Colophon, 19th Century

Condition of the Manuscript: Not good

Place: Phulbani, K.V. Rao

Brief Accounts of the Text:

The manuscript starts with an invocation of Lord Ganesha. The questions are written in verse and answers are explained in prose. Like other manuscripts, this also contains *Bhramara Lekha, Brahmana bhojana Lekha, Sunadana Lekha* etc.

Ghata Dana Lekha is a new concept in this manuscript. Many problems are related to the merchants travelling in boats paying *Mahasula* (tax) at different river *Ghats*. The text also contains land measurement in *Nala* unit and *Kota* calculation of different items. This work of Debi Das is similar to his writings. The specialty of this manuscript is the simplification of different formulas relating to multiplication and division.

ନମ୍ବର: ଗ /୧୦୮

ନାମ: ଗଣିତ

କର୍ତ୍ତା: ଦେବୀ ଦାସ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୨୭ × ୩ ସେ.ମି., ପ:୧୦, ଧା:୩/୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ, ମାତ୍ର ଅସଂପୂର୍ଣ୍ଣ। ପ୍ରଥମ ପତ୍ର ନାହିଁ।

ସ୍ଥାନ: କପିଳେଶ୍ୱର, ଭୁବନେଶ୍ୱର, ଜି.ମାଲିଆ

ବିଷୟ:

ପାଣ୍ଡୁଲିପିରେ ରହିଛି ନଳକୁ ଏକକ କରି ବିଭିନ୍ନ ଆକାରର ଜମିର ମାପ, ଓ ସର୍ପ-ବିଳ ହିସାବ (ସତୁରୀ ହାତର ସାପ ଗାତରେ ପଶୁଛି। ନଅ ଦିନରେ ପଶୁଛି ଅଧା ଆଙ୍ଗୁଳ। କେତେ ଦିନରେ ସାପ ଗାତରେ ପଶିବ) ।

ଦେବୀ ଦାସଙ୍କ ଅନ୍ୟ ପୋଥି ପାଠ ସହ ସମାନ।

No.: G /108

Title: *Ganita*

Author: Debi Das

Material: Palm leaf

Size; No. of folios; Lines: 27 x 3 cms; 10; 3/4

Script: Odia

Date: No Colophon, 19th Century

Condition of the Manuscript: Good, but incomplete. First page is missing.

Place: Kapileswar, Bhubaneswar, G. Malia

Brief Accounts of the Text:

1. *Nala* calculation of land (*Sama Nala, Bisama Nala*)
2. *Sarpabila hisaba* (calculation) e.g. A 70 hands long snake enters a hole. It moves half a finger in 9 days. In how many days will it enter the hole?

ନମ୍ବର: ଗ /୧୦୯

ନାମ: ଗଣିତ

କର୍ତ୍ତା: ଦୀନବନ୍ଧୁ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୧୪ × ୩ ସେ.ମି., ପ:୬୩, ଧା:୪

ଲିପିକାର ଓ ସମୟ: ବାଞ୍ଛାନିଧି ପଟ୍ଟନାୟକଙ୍କ ପୁଅ ଭୋଳି ପଟ୍ଟନାୟକ, ଘର ଘୋଡ଼ିହା, ପୁରୀ, ଊନବିଂଶ ଶତାବ୍ଦୀ।

ଲିପି: ଓଡ଼ିଆ

ଅବସ୍ଥା: ଭଲ ନୁହେଁ (ନଥିବା ପତ୍ରସଂଖ୍ୟା: ୧, ୩୦, ୩୧, ୪୫)

No.: G /109

Title: *Ganita*

Author: Dinabandhu

Material: Palm leaf

Size; No. of folios; Lines: 14 x 3 cms; 63; 4

Script: Odia

Date: No Colophon, 19th Century

Copy writer: Bholi Pattnayak, son of Banchanidhi Pattnayak, Ghara Ghodiha, Puri

ସ୍ଥାନ: ପୁରୀ ସହର

ବିଷୟ:ଏଥିରେ ରହିଛି - ୧.ନଳରେ ଭୂମିମାପ, ୨.ଚାଉଳର କୋଟା ହିସାବ, ୩.କଳନ୍ତର ହିସାବ, ୪.ସମୟ ଓ ଦୂରତା

କେତୋଟି ଖନ୍ଦାର ପ୍ରଶ୍ନ ଓ ଉତ୍ତର ଏହିପରି -

୧.ଶ୍ରୀ ବୃନ୍ଦାବନରେ କେତେ ଗୋପୀ ଥିଲେ ନ ଜାଣି। ଶ୍ରୀକୃଷ୍ଣରେ ଚୁମ୍ବନ ଦେଲେ ଗୋଟିଏ, ଦ୍ୱିତୀୟ ଦେଲେ ଦୁଇ ଗୋଟି, ତୃତୀୟ ଦେଲେ ତିନି ଗୋଟି, ଏପରି ଚଢ଼ା କରି ଦିଅନ୍ତେ ଚୁମ୍ବନ ହେଲା ୧୨,୮୦୦,୮୦୦। କେତେ ଗୋପୀ ସଂଖ୍ୟା ହେଲେ ଜାଣିବା?

ଉତ୍ତର: ୧୨,୮୦୦,୮୦୦ ଗୁଣନ ୨ = ୨୫୬୦୧୬୦୦୦

ଏହାକୁ ଓଜରେ ହରନ୍ତେ ଲବ୍ଧ ୧୬୦୦୦ ଅଂଶ। ୧୬୦୦୦ ଅଂଶରୁ ଲବ୍ଧ ଫେଡ଼ନ୍ତେ ଜାଣିଲା ୧୬, ୦୦୦।

୨.ବାଉଁଶ ୨୪ହାତ ବଢ଼ିଛି। ପବନରେ ଭାଙ୍ଗି ପଡ଼ିଲା। ଅଣ ଷୋଳହାତ। କେତେ ହାତୁ ଛିଣ୍ଡିଲା?

ଉତ୍ତର: ବାର ହାତ

୩.ସମୟ ଓ ଦୂରତା (ସିଂହ ଶୃଗାଳକୁ ଗୋଡାଉଛି। ଉଭୟଙ୍କ ଦଉଡ଼ କେତେ ସମୟରେ କେତେ ତାହା ଦିଆ ଯାଇଛି। ପ୍ରଶ୍ନ କରାଯାଇଛି କେତେ ସମୟରେ ସିଂହ ଶୃଗାଳକୁ ଧରିବ।

ରଚନା ଶୈଳୀ ସ୍ୱତନ୍ତ୍ର। ପ୍ରଶ୍ନ ଓ ଉତ୍ତର ଉଭୟେ କବିତାରେ। ଗଦ୍ୟରେ ବ୍ୟାଖ୍ୟା।।

ଦୁଇଟି ଭିନ୍ନ ଶବ୍ଦର ପ୍ରୟୋଗ ରହିଛି। ସ୍ଥାପନା ପାଇଁ ଇଚ୍ଛାବାଣୀ ଶବ୍ଦ ଓ ଭରାଣ ପାଇଁ ଚାଟବାଣୀ ସୂତ୍ର। ସୂତ୍ର ଶବ୍ଦ ମାଧ୍ୟମରେ ସମସ୍ୟା ସମାଧାନର କଥା ସ୍ପଷ୍ଟ କରି ଦିଆଯାଇଛି।

ଉଦାହରଣ - **ଶବ୍ଦ ଇଚ୍ଛାବତୀ:**

ଚତୁରୀ ଭାଷଇ ଶୁଣ, ଚତୁରୀ ରାଧିକା
ଚୁମ୍ବ ଦେଲେ ଶ୍ରୀକୃଷ୍ଣରେ କେତେକ ଗୋପିକା।

Condition of the Manuscript: Not Good, Pages 1, 30, 31 and 45 are missing

Place: S.N. Mishra, Katkala, Puri

Brief Accounts of the Text:

The manuscript has a unique style of description. Both questions and answers are in verse and explanations are given in prose. The author has used two new terms like *Ichhabani* for describing questions and *Chatabani* for answers. The contents are:

1. Arithmetic problems during *Rasa* of Krishna in Brindaban e.g. A *gopi* gives a kiss to Krishna while the second gives two, the third gives three in the ascending order. Total kisses are 12,800,800. How many *Gopis* were there? Ans: 16,000.
2. A bamboo tree is 24 hands long. During the storm, it bends 16 hands and breaks down. Where did it break? Answer: 12 hands
3. Time and distance: A lion is running after a fox. The pace of both the animals is given. When will the lion catch the fox?

ଚାଟ ଶୁଣି ବାର ଗୋଟି ବସାଇଲା ଆଠ
ଚିତ୍ତେ ଘେନ ସହସ୍ରେ ଯେ ହୋଇ ଅଛି ଗୋଠ
ଯୋ।
ଚଢ଼ା ଏକ କରି ଦେଲେ ହୋଇଛି ଏତକ
ଚମ୍ପକବରଣା ସଂଖ୍ୟା କର ସର୍ବ ବେକ ଯୋ।

ସୂତ୍ରଚାଟ ଉକ୍ତି:

ଚତୁରୀ ଶିରୋମଣି ପୁଚ୍ଛା କଲୁ ପୁଣି
ଚଢ଼ା ଲେଉଟ ଲେଖା ଏହି
ଚୁମ୍ବନର ସ୍ଥାପନ ବେନିରେ ଯେ ଗୁଣି ନ ରଖି
ସଜ୍ଜରେ ହର ନେଇରେ ଚାରୁକେଶି।
ଚଞ୍ଚଳେ ଅଂଶୁ ଲବ୍ଧ ଫେଡ଼ି, ଚିତ୍ତେ ଜାଣିବା
ଏତେ କେତେ ନାରୀ ।
ଚାଟ ପ୍ରତିଭାଷଣ ଅଂଶ ରହିଲେ ପୁଣ
ଧରାଣ ଜାଣ ବେନି ହରିରେ, ଚାରୁକେଶି।

ନମ୍ବର: ଗ /୧୧୦

ନାମ: ଲୀଳାବତୀ ସୂତ୍ର

କର୍ତ୍ତା: ଲୋକନାଥ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୨୭ × ୩.୫ ସେ.ମି, ପତ୍ରସଂଖ୍ୟା - ୧୦୨, ଧାଡ଼ି - ୩/୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ, ନଥିବା ପତ୍ରସଂଖ୍ୟା - ୯୫, ୬, ୩୩, ୪, ୪୫, ୫୧, ୫୨, ୫୫, ୬୧, ୬୨, ୬୮, ୭୨, ୭୪, ୭୮, ୮୬, ୮୭, ୮୯, ୧୦୦, ୧୦୧।

ସ୍ଥାନ: କୃଷ୍ଣଚନ୍ଦ୍ର ପାଳ, ରମ୍ଭା, ଗଂଜାମ।

ବିଷୟ:

ସମ୍ଭବତଃ ଊନବିଂଶ ଶତାବ୍ଦୀର ରଚନା। ଟଙ୍କା, ଅଣା, ପାହୁଲା ଆଦି ଶବ୍ଦର ପ୍ରୟୋଗ ରହିଛି। ପୋଥିର ଆରମ୍ଭ କବିତା ଶୈଳୀରେ। ନିମ୍ନୋକ୍ତ

No.: G /110

Title: *Leelabati sūtra*

Author: Loknath

Material: Palmleaf

Size; No. of folios; Lines: 27 x 3.5 cms; 102; 3/4

Script: Odia

Date: No Colophon, 19th Century

Condition of the Manuscript: Good, but 20 pages are missing

Place: Krushna Chandra Pala Rambha, Ganjam

Brief Accounts of the Text:

It is possibly a 19th Century work. There is use of units like *taṅkā, ana, pahula* etc. The script starts with poetry. The following items and measurements are unique in

ପଦାର୍ଥ ଓ ସ୍ଥାନର ମାପ ବିଧି ଏହି ପୋଥିର ବିଶେଷତା।

(କ) ଖଣିରେ ଥିବା ଧାନ ଆଦି ଶସ୍ୟର ମାପ।

(ଖ) ଜମିଜମାର ମାପ, ମାପର ମାନକ ଆଙ୍ଗୁଳ, ପାହୁଣ୍ଡ, ଚାଖଣ୍ଡ ଓ ନଳ। ଏଥି ସହିତ ରହିଛି ବିଭିନ୍ନ ଆକାରର କ୍ଷେତ୍ର, ଯଥା: ବର୍ଗାକାର, ଆୟତାକାର, ଚକ୍ରକାର, ଅର୍ଦ୍ଧଚକ୍ରକାର ଏବଂ ଖାତନଳ, କୂପନଳ, କ୍ଷିତିନଳ ଇତ୍ୟାଦି।

(ଗ)କରଜ ଦିଆ ଯାଇଥିବା ଟଙ୍କାର ହିସାବ: ସୁଧମୂଳ ଇତ୍ୟାଦି।

(ଘ)ପଥରଖଣ୍ଡର ମାପ ବିଧି।

this script:

1. Measurement of crops and paddy in the storage
2. Measurement of land using the units *angula, pāhuṇḍa, chākhaṇḍa* and *nala.* There are different shapes of land e.g. square, rectangular, circular, semi-circular, *khata nala, kupanala, khitinala* etc.
3. Calculation of loan using the principal amount, interest etc.
4. *Patharakhanda mapa bidhi*

<u>ନମ୍ବର: ଗ /୧୧୧</u>

ନାମ: ଗଣିତ

କର୍ତ୍ତା: ବିକ୍ରମ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୧୮ × ୦୩ ସେ.ମି., ପ:୪୩, ଧା:୩/୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ ନୁହେଁ, ବହୁପତ୍ର ପୋକଖିଆ ଓ ନଷ୍ଟପ୍ରାୟ

ସ୍ଥାନ: କୁଜଙ୍ଗ, ଜି.ବି.ଜେନା

ବିଷୟ:

ଏହି ପାଣ୍ଡୁଲିପିରେ ଛତିଶ ବର୍ଗକୋଟାର ହିସାବ ରହିଛି । ବିକ୍ରମଙ୍କ ସମଧର୍ମୀ ଅନ୍ୟ ବହୁ ପୋଥିର ଏହା ପ୍ରତିଲିପି ।

ଦ୍ୱିତୀୟ ବର୍ଗକୋଟାର ଏକ ଉଦାହରଣ - ଦ୍ୱିତୀୟ କୋଟାର ଶୁଣ ପାତନା

<u>**No.: G /111**</u>

Title: *Ganita*

Author: Bikram

Material: Palm leaf

Size; No. of folios; Lines: 18 x 03 cms; 43; 3/4

Script: Odia

Date: No Colophon, 19th Century

Condition of the Manuscript: Not good, Many pages are worm-eaten

Place: Kujanga, Cuttack. G. B. Jena

Brief Accounts of the Text:

The manuscript contains 36 *Bargakota* calculations. This is similar to another work of Bikram. The calculations are described in the form of verse.

ବ୍ରାହ୍ମଣ ଭୋଜନ ଦାନ ଦକ୍ଷିଣା।
ପ୍ରଶ୍ଚିତ ଅର୍ଥେ କଢ଼ାଇଲେ ସୁନା
ତେତିଶ ମାଢ଼ ଅଧିକ ଛ' ଚିନା।
ଚିନା କରେ ଦାନ ପନ୍ଦର କୁଡ଼ି
ଧର୍ମ ଅର୍ଥରେ ଅଠାଇଶ ଖଣ୍ଡି।
ଚାଉଳ ଘେନଇ ଦଶ ନଉତି
ବ୍ରାହ୍ମଣକେ ଦାନଗୁଡ଼ିଏ ଦ୍ୟନ୍ତି।
କଉଡ଼ି ବିଚାରି ପଣ ଦକ୍ଷିଣା
ସାତ ପଦିକାକୁ ଭଣ୍ଡାଇ ଚିନା।।
ଦାନ ଦକ୍ଷିଣାକୁ ଏହି ସୁବର୍ଣ୍ଣ
ଭଣଇ ବିକ୍ରମ ଦୁଇ ସମ୍ପୂର୍ଣ୍ଣ।

<u>ନମ୍ବର: ଗ /୧୧୨</u>

ନାମ: ଖଡ଼ିପୋଥି

କର୍ତ୍ତା: ଉଚ୍ଛବାନନ୍ଦ, ଦେବୀ ଦାସ, ବନମାଳୀ, ସଦାଶିବ ଓ ଅଧର ପଟ୍ଟନାୟକ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୨୭ × ୩.୫ ସେ.ମି., ପ - ୧୧୪, ଧା - ୩/୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ

ସ୍ଥାନ: ଶେରଗଡ଼, ଗଂଜାମ

ବିଷୟ:

ପଣିକିଆ ସୂତ୍ର।

୧.ଖନ୍ଦାକୁ ବୁଝିବାକୁ ସୂତ୍ର। ଏକ କେ ଏକା। ତିନି ଏକ ତିନି।

ଦୁଇ ଚାରି ଛ'। ଦୁଇ ସତା ଚଉଦା। ଏ ରୂପେ କା। ୬୩୪।

ଚାଟ ଗୁରୁଙ୍କୁ ଖନ୍ଦାର ହିସାବ ପଚାରୁଛି କବିତାରେ-

<u>No.: G /112</u>

Title: *Ganita*

Author: Uchchabananda, Debi Das, Banamali, Adhar Pattnaik, Sadashiba

Material: Palm leaf

Size; No. of folios; Lines: 27 x 3.5 cms; 114; 3/4

Script: Odia

Date: No Colophon, 19th Century

Condition of the Manuscript: Good

Place: Shergarh, Ganjam

Brief Accounts of the Text:

1. The script describes different forms of tables (*panikia sūtra*) to solve the problems. The descriptions are in question and answer form. The student asks questions to the teacher in verse.

2. The script talks about *Kauḍi*

୨.କଉଡ଼ି ହିସାବ

ସୋଧ୍ ସୂତ୍ର / ଓଡ଼ାଙ୍କ ସୂତ୍ର: କେଉଁକେଉଁ କ୍ରମରେ ଜଣେ କି କି ପାଠ ପଢ଼ିବ, ତା'ର ସୂଚୀ।

ପ୍ରଥମ କଉଡ଼ି, ଦ୍ୱିତୀୟ ଟଙ୍କା, ତୃତୀୟ ସୁବର୍ଣ୍ଣ, ଚତୁର୍ଥ ଭୂମି, ପଞ୍ଚମ ଧାନ, ଷଷ୍ଠ କରିମ, ସପ୍ତମ ଛଟାଙ୍କି।

୩.ହରି ଗୁଣ ଶବଦ: ଉଚ୍ଛବାନନ୍ଦ ନାୟକ

ମାଟିବଂଶ ଅବଧାନଙ୍କ ପରିଚୟ ସମ୍ପର୍କରେ ସୂଚନା ରହିଛି।

ମାଟିଆ ବଂଶ ଯେ ଭଣ୍ଡାରୀ କୁମ୍ଭାର
ଏମାନେ ନୁହନ୍ତି ବିଦ୍ୟା ଅଧିକାର।
ବିଧାତା ଭିଆଣ ଅଛି ଜଉତିଷ ବଂଶେ
ଗୁରୁ ଶିଷ୍ୟମାନେ ଦେଖିଲେ ଲମ୍ବନ୍ତି ଖଣ୍ଡେ ଦୂରୁ।
ଖଡ଼ିକାର ହୋଇ ବିଦ୍ୟା ସାଧୁଥିବ ଯେହୁ
ଏହୁ ଦିନ ଅଙ୍କମାନେ କହିଦେବ ସେହୁ।
ଏଥିରେ ରହିଛି ଫେଡ଼ାଣ, ମିଶାଣ, ସମନଳ, ବିଷମନଳ, ବଢ଼ାନଳ, ଧାନରୁଆ ନଳ ଓ କାଣୀନଳ ଇତ୍ୟାଦି।

୪.କୋଟା ହିସାବ ବିଧାନ: ଲେଖକ - ବନମାଳି

ସେ ଏହାକୁ ଅସମ୍ଭବ ପାଠ ବୋଲି କହୁଛନ୍ତି। ଗୋଟିଏ ଉଦାହରଣ: ଏକ ମଣ୍ଡପ ତିଆରି ହେବ। ଇଟା ବସିବ, ଇଟାର ଆକାର ଦିଆ ଯାଇଛି। ମଣ୍ଡପର ଲମ୍ବ, ପ୍ରସ୍ଥ ଓ ଉଚ୍ଚତା ମଧ୍ୟ ଦିଆଯାଇଛି। ଇଟା ଖଣ୍ଡର ଘନତ୍ୱ ନିରୂପଣ କରିବା ପାଇଁ ପ୍ରଶ୍ନ କରାଯାଇଛି।

୫.ବୀଜଲେଖ- ଗୋଟିଏ ଫଳର ବୀଜ ସଂଖ୍ୟା ନିରୂପଣ ପଦ୍ଧତି

୬.ଘନଲେଖ: ପାଠ ପଢ଼ାର କ୍ରମ

୧ମ ଅକ୍ଷର, ୨ୟ ଅଙ୍କ, ୩ୟ ଅଙ୍କନାସ୍ତି, ୪ର୍ଥ ଓଡ଼ାଙ୍କ, ୫ମ ହରଗୁଣ, ୬ଷ୍ଠ ଫେଡ଼ମିଶା, ୭ମ ବଧି, ୮ମ କୋଟା, ୯ମ, ୧୦ମ ମାଢ଼ୋରୀ, ୧୧ଶ ସାନଅଢ଼ା, ବଡ଼ଅଢ଼ା, ୧୨ଶ ଚଢ଼ା,

hisaba, Oḍāṅka sūtra, etc. and provides a picture of different form of exchange to be studied in the same sequence i.e. *Kauḍi, taṅkā, subarna, bhumi, dhana, karima, chaṭāṅki*.

3. *Hariguna sabada* is written by Uchchabananda Nayak. Here, he explains the origins of *Mati bansa Abadhānas* or a particular section of teachers who were respected in the society. There are calculations based on *pheḍāṇa, miśāṇa, samanala, biṣamanala, dhanaruanala, badhanala, kaninala* etc.

4. *Kota hisaba bidhana* is written by Banamali. He says this part is a remarkable subject to study. For example, a podium has to be constructed. Given its length, width and height, how many bricks would be needed to build it?

5. *Beeja lekha*: to calculate the seeds of a fruit.

6. *Ghanalekha:* It describes the study patterns i.e. *1. Akhyara, 2. Anka, 3. Ankanaśti, 4. Oḍāṅka, 5. Haraguna, 6. Pheḍāmisā, 7. Badhi, 8. Kota, 9-10. Māḍhori, 11. Sanaaddha, Badaaddha 12. Chada, 13. Chada nauta, 14. Aswabhoga, 15. Chedanala, 16. Nala, 17. Deula, 18. Bedi nala, 19. Ojhāw, 20. Chakaraprakara, 21. Takāra, 22. Gukara, 23. Takāra gukāra, 23. Gana bruddhi.* Others include *Haraṇa, Upaharana, bitchitra haraṇa, miśāṇa and barga sūtra*

୧୩ଶ ଚଢ଼ା ନେଉଟ, ୧୪ଶ ଅଶ୍ୱଭୋଗ, ୧୫ଶ ଛେଦନଳ, ୧୬ଶ ନଳ, ୧୭ଶ ଦେଉଳ, ୧୮ଶ ବେଦିନଳ, ୧୯ଶ ଓଝ, ୨୦ଶ ଚକାରପ୍ରକାର, ୨୧ଶ ତକାର, ୨୨ଶ ଗୁକାର, ୨୩ଶ ତକାର, ଗୁକାର, ୨୪ଶ ଗୁଣବୃଦ୍ଧି। ଏତଦ୍ ବ୍ୟତୀତ ହରଣ, ଉପହରଣ, ବିଚିତ୍ର ହରଣ, ବିଭିନ୍ନ ବର୍ଗ ଓ ମିଶାଣ ସୂତ୍ର ସଂପର୍କରେ ସୂଚନା ରହିଛି।

୬.**ପକ୍ଷୀଲେଖ:** ଗୋଟିଏ କିଆରିରେ ଚଢ଼େଇମାନେ ଫସଲ ଖାଇ ଯାଉଛନ୍ତି। କେତେକ ଅଛନ୍ତି, କେତେକ ଉଡ଼ି ଯାଉଛନ୍ତି। ସେମାନଙ୍କ ମୋଟ୍ ସଂଖ୍ୟା ନିରୂପଣ।

୮.**ପଦ୍ମଲେଖ:** ପୋଖରୀରେ ପଙ୍କ, ପାଣି ଓ ପଦ୍ମଫୁଲକୁ ମୂଳ କରି ଏହାର ଗଭୀରତା, ପାଣି ଉଚ୍ଚତା ଓ ପଦ୍ମଫୁଲର ଉଚ୍ଚତା ନିରୂପଣ ସମ୍ପର୍କିତ ପ୍ରଶ୍ନ ଓ ଉତ୍ତର।

୯.କଳନ୍ତର ଲେଖ (ସୁଧମୂଳ ହିସାବ), ୧୦.କପଡ଼ା ମାପ ଲେଖ, ୧୧.ଗଛ ଗଣନା, ୧୨.ଧାନ ଶସ୍ୟାଦିର ମାପ ଓ ଟଙ୍କାର ଗଣନା।

etc.

7. *Pakhilekha*: Calculation of birds damaging a mango grove. They are constantly coming and flying away. Given a particular number of mango trees, the total numbers of birds causing the damage has been asked.

8. *Padma lekha*: Calculation of depth of a pond taking into account the mud, water and lotus stem.

9. *Kalantara lekha*: Calculation of interest and capital

10. *Kapada māpa lekha*: Measurement of clothes

11. *Gacha ganana*: Counting trees

12. Measurement of grains, money calculation

<u>ନମ୍ବର: ଗ / ୧୧୩</u>

ନାମ: ଫଳାପଣିକିଆ।

କର୍ତ୍ତା: ଅଜଣା।

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୨୮ × ୪ ସେ.ମି., ପ:୭, ଧା:୪/୫

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ

ସ୍ଥାନ: ରତାପୁର, ପୁରୀ, ଚନ୍ଦ୍ରମଣି ପରିଡ଼ା

ବିଷୟ: ଏଥିରେ ଅ ଆ ଠାରୁ ଆରମ୍ଭ କରି କ୍ଷ ଯୁକ୍ତାକ୍ଷର ଏବଂ ପଚିଶିକ ପର୍ଯ୍ୟନ୍ତ ପଣିକିଆ ରହିଛି।

<u>No.: G /113</u>

Title: *Phalāapanikia*

Author: Unknown

Material: Palm leaf

Size; No. of folios; Lines: 28 x 4 cms; 7; 4/5

Script: Odia

Date: No Colophon, 19th Century

Condition of the Manuscript: Good

Place: Ratapur, Puri, Chandramani Parida

ପିଲାମାନଙ୍କପାଇଁ ଏହା ଅତ୍ୟନ୍ତ ଉପଯୋଗୀ।

Brief Accounts of the Text:

This is probably a text book for the children to learn the basics of both literature and mathematics. The manuscript starts with Odia vowels and consonants from *Aa* to *Khya*. It has also simplified tables for children.

ନମ୍ବର: ଗ /୧୧୪

ନାମ: ଛତିଶ ବର୍ଗକୋଟା

କର୍ତ୍ତା: ଦେବୀ ଦାସ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୯ × ୩.୫ ସେ.ମି., ପ:୧୩୫, ଧା:୩/୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଉନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲନୁହେଁ

ସ୍ଥାନ: ଜେନାପୁର, କଟକ, ପ୍ରିୟମ୍ବଦା ଦେବୀ

ବିଷୟ:

ଗ/୧୧୧ ପାଣ୍ଡୁଲିପିର ଏହା ଏକ ପ୍ରତିଲିପି। ମିଶାଣ, ଫେଡ଼ାଣ, ଗୁଣନ, ହରଣ ସୂତ୍ର ସହିତ ଚର୍ଚ୍ଚା ରହିଛି। ନଳକୁ ଏକକ କରି ଜମିର ମାପ ମଧ୍ୟ। ୩୬ ପତ୍ରରେ କଡ଼ାଗଣ୍ଡା ଶୈଳୀରେ ପଣିକିଆର ସାରଣୀ ରହିଛି। ଏହି ଗୁରୁତ୍ୱପୂର୍ଣ୍ଣ ପୋଥିର ଯତ୍ନ ନିଆଯିବା ଆବଶ୍ୟକ।

No.: G /114

Title: *Chhatisa barga kota*

Author: Debi Das

Material: Palm leaf

Size; No. of folios; Lines: 39 x 3.5 cms; 135; 3/4

Script: Odia

Date: No Colophon, 19th Century

Condition of the Manuscript: Not good

Place: Jenapur, Cuttack, Priyambada Devi

Brief Accounts of the Text:

This is a repetition of similar manuscripts on *Bargakota* calculations. There are detailed descriptions of calculations in *Nala* measurement of land. There are many formulas on addition, subtraction, division and multiplication. In page 36, there is a table in the *kaḍāganda* style. This is an important manuscript for learning mathematics, particularly for the children. The manuscript needs conservation badly.

ନମ୍ବର: ଗ /୧୧୫

ନାମ: ଗଣିତ

କର୍ତ୍ତା: ଅଜଣା

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୨୦ × ୨.୫ ସେ.ମି., ପ:୯୪ , ଧା:୩

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲନୁହେଁ, ପ୍ରଥମ ଚାରି ପୃଷ୍ଠା ନାହିଁ

ସ୍ଥାନ: ଗଂଜାମ, ଅପର୍ଣ୍ଣା ଆଚାର୍ଯ୍ୟ

ବିଷୟ:

ଏଥିରେ ରହିଛି ଭୂମିର ନଳ ଲେଖା, ଶସ୍ୟାଦିର ପରିମାଣ ଲେଖା, ଫୁଲ ଲେଖା, ସୁନା ଲେଖା, ବ୍ରାହ୍ମଣ ଦାନ ଲେଖା ଇତ୍ୟାଦି।

ପୋଥିର ବିଶେଷତା: ଏଥିରେ ଘନବୀଜ ସାଧନ ଓ କଡ଼ାଗଣ୍ଡା ପଣିକିଆ ସ୍ଥାନ ପାଇଛି। ଏବଂ, ରହିଛି ଶସ୍ୟାଦିର ବୋଝ ମୂଲ୍ୟ ନିରୂପଣ। ପରିମାଣକୁ ବୋଝରେ ଆକଳନ କରା ଯାଉଥିଲା - ଏହି ଗଣିତ ତାହାର ଉଦାହରଣ।

No.: G /115

Title: *Ganita*

Author: Unknown

Material: Palm leaf

Size; No. of folios; Lines: 20 x 2.5 cms; 94; 3

Script: Odia

Date: No Colophon, 19th Century

Condition of the Manuscript: Not good, first four pages are missing

Place: Ganjam, Aparna Acharya

Brief Accounts of the Text:

The manuscript contains description of measurements of land and grains. The calculations like *Nala Lekha, Phula Lekha, Suna Lekha, Bhramana Dana Lekha* are part of the script. The manuscript also contains *Ghanabija Sādhanā* and *kaḍāganda Panikia* (table). This is a valuable manuscript for children. A sack full of grains is taken as a measuring unit which is unique.

ନମ୍ବର: ଗ /୧୧୬

ନାମ: ଗଣିତ

କର୍ତ୍ତା: ଅଜଣା

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୮ × ୩.୫ ସେ.ମି., ପ:୪୪, ଧା:୩/୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଉନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ, ନାହିଁ: ପ୍ରଥମ ତିନିରୁ ବାର, ଅଣତିଶରୁ ବତିଶ ଓ ଅଣଷଠି ପୃଷ୍ଠା

ସ୍ଥାନ: ପୁରୀ ସହର

ବିଷୟ:

ଜମିର ନଳ ହିସାବ। ଏଥିରେ ଆଙ୍ଗୁଳ ଓ ହାତ ପରିବର୍ତ୍ତେ ଫୁଟ ଓ ଗଜକୁ ମାପର ଏକକ ଭାବରେ ଗ୍ରହଣ କରାଯାଇଛି। ସ୍ଥାନର ଦୂରତାକୁ ମାଇଲରେ ନିର୍ଦ୍ଦିଷ୍ଟ କରାଯାଇଛି। ସମୟ, ଦୂରତା ଓ ସ୍ଥାନ ସଂପର୍କରେ ଗୋଟିଏ ଅଙ୍କ ଏହିପରି।

ଦାମ ଗୋଟିଏ ଘୋଡ଼ାରେ ଚଢ଼ି ପୁରୀ ଜଗନ୍ନାଥ ଦେଓଙ୍କ ଦର୍ଶନକୁ ଗଲେ। ଦାମ ପ୍ରତିଦିନରେ ୩୦ ମାଇଲ ଘୋଡ଼ା ଦଉଡ଼ାଇ। ତିନିଦିନ ରାସ୍ତା ଗଲାପରେ ମଧୁ ନାମେ ଗୋଟିଏ ବାଳକ ଘୋଡ଼ାରେ ଚଢ଼ି ଯାଇ ଦାମ ସାଙ୍ଗରେ ପାଞ୍ଚ ଦିନରେ ସାଙ୍ଗ ହେଲେ। ଦାମ କେତେ ରାସ୍ତା ଚାଲିଥିଲେ। ଦାମର ଏକଦିନ ଚାଲିବା ସଙ୍ଗେ, ମଧୁର କେତେଦିନ ଚାଲିବା ସମାନ। ଦାମ ଘୋଡ଼ା ଯଦି ପଚାଶ ଟଙ୍କା ହୁଏ, ମଧୁର ଘୋଡ଼ା କେତେ ଟଙ୍କା ହେବ ।

ଉତ୍ତର: 'ବୁଝ' ଶବ୍ଦର ପ୍ରୟୋଗ ରହିଛି।

ମଧୁ ଯଦି ୫ଦିନ ଚାଲେ ଦାମଙ୍କ ସଙ୍ଗେ ସାଙ୍ଗ ହେଲେ । ତେବେ ଦାମ ଆଗ ବଢ଼ି ତିନିଦିନ ଚାଲିଥିଲେ ଏ ରୂପେ ଦାମ ୮ଦିନ ଚାଲିବା

No.: G /116

Title: *Ganita*

Author: Unknown

Material: Palm leaf

Size; No. of folios; Lines : 38 x 3.5 cms; 44; 3/4

Script: Odia

Date: No Colophon, 19th Century

Condition : Good but incomplete

Place: Puri

Brief Accounts of the Text:

It contains the measurement of land using the unit *Nala.* The units of 'foot' and *gaja* have been used to measure land and 'mile' is used to measure distance. *Bujha* is used to label answers.

There is a measure of *pala, chaṭāṅki, kalantara, jamira khajana* etc. Accounting of profit and loss is also a part.

This text also emphasizes on the importance of symbols of arithmetic operations. It also develops a relation between foot and *hata* units.

ରାସ୍ତାକୁ ମଧ୍ୟ ପାଞ୍ଚଦିନରେ ଚାଲିଲେ। ତେବେ ୫ ରଖି ୮ରେ ହରିଲା।

କଟକ ବାଲେଶ୍ୱର ସେର ମାପରେ ପଦାର୍ଥର ସେର ମାପର ପରିମାଣ ହିସାବ କରାଯାଇଛି - ଉଭୟ ତୈଳ ଓ ଶସ୍ୟ ଜାତୀୟ ପଦାର୍ଥର।

ପଳ, ଛଟାଙ୍କି ହିସାବ ମଧ୍ୟ ରହିଛି। ରହିଛି: କଳନ୍ତର ହିସାବ, ଜମିର ଖଜଣା ହିସାବ ଏବଂ କ୍ରୟ ବିକ୍ରୟରେ ଲାଭ କ୍ଷତିରେ ହିସାବ।

ଏଥିରେ ଯୋଗ ବିଯୋଗ, ଗୁଣନ ଓ ହରଣ ଚିହ୍ନର ଆବଶ୍ୟକତା ସମ୍ପର୍କର ସୂଚନା ରହିଛି।

+ ଏହି ପ୍ରକାର ଚିହ୍ନକୁ ଯୋଗ ଚିହ୍ନ କହନ୍ତି। ଯେଉଁ ଦୁଇ ରାଶି ମଧ୍ୟରେ ଏହି ଚିହ୍ନ ଥାଏ। ସେ ଦୁହିଙ୍କୁ ଯୋଗ କରିବାକୁ ହେବ। ଯଥା: ୩+୪=୭

ବର୍ଗ ଚିହ୍ନର ବ୍ୟବହାର ସଂପର୍କରେ ମଧ୍ୟ ସାରଣୀ ରହିଛି ।

ଫୁଟ ଓ ହାତ ମଧ୍ୟରେ ସଂମ୍ପର୍କ ଦର୍ଶାଯାଇଛି।

ଦସ୍ତିକ = ଚାରି ବର୍ଗ ହସ୍ତ = ନ'ବର୍ଗଫୁଟ; ବିଶ୍ୱାକ = ଷୋହଳବର୍ଗ ହସ୍ତ = ୩୨ ବର୍ଗ ଫୁଟ, ଗୁଷ୍ଟକ = ୨୫୬ ବର୍ଗ ହସ୍ତ = ୫୭୬ ବର୍ଗ ଫୁଟ, ମାଣକ = ୬,୪୦୦ ବର୍ଗ ହସ୍ତ = ୧୪,୪୦୦ ବର୍ଗ ଫୁଟ।

ନମ୍ବର: ଗ /୧୧୭

ନାମ: ସିଦ୍ଧାନ୍ତ ଶିରୋମଣି / ଅଦ୍ୱୈତ ଦର୍ପଣ

କର୍ତ୍ତା: ଭାସ୍କରାଚାର୍ଯ୍ୟ, ଟୀକାକର: ଗୋଦାବରୀ ରାୟଗୁରୁ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୪୪ × ୪ ସେ.ମି., ପ:୧୫୪, ଧା:୪/୫

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲନୁହେଁ

ସ୍ଥାନ: ଜାତୀୟ ଅଭିଲେଖାଗାର, ନୂଆ ଦିଲ୍ଲୀ

ବିଷୟ:

ପାଣ୍ଡୁଲିପିରେ ୨ଟି ଭାଗ ରହିଛି। ପାଣ୍ଡୁଲିପିର ପ୍ରଥମ ଭାଗ ଭାସ୍କରାଚାର୍ଯ୍ୟଙ୍କର ଲୀଳାବତୀ ସୂତ୍ର। ଏହାର ପୁଷ୍ପିକା ରହିଛି।

କୁହାଯାଇଛି - "ଇତିଶ୍ରୀ ଭାସ୍କରାଚାର୍ଯ୍ୟ ବିରଚିତେ ସତ୍‌ସିଦ୍ଧାନ୍ତ , ପ୍ରକୀର୍ଣ୍ଣକାହି ସମାପ୍ତାନୀ।" ମାତ୍ର ଲିପିକାରଙ୍କ ନାଁ ନାହିଁ। ଏହି ଶ୍ଲୋକରେ ଗ୍ରନ୍ଥରେ 'ଶୀରୋମଣୌ ଗଣିତପାଠ୍ୟା' ଲୀଳାବତୀ ଦୀପଚ୍ଛାୟାବ୍ୟବହାରେ ବ୍ୟାଖ୍ୟା କରାଯାଇଥିବାର ସୂଚନା ରହିଛି।

୨ୟ ଭାଗ ଲୀଳାବତୀ ସୂତ୍ରର ବ୍ୟାଖ୍ୟା। ବ୍ୟାଖ୍ୟାକାର ଗୋଦାବରୀ ରାୟଗୁରୁ। ଗଜପତି ପ୍ରତାପରୁଦ୍ର ଦେବ (ଷୋଡ଼ଶ ଶତାବ୍ଦୀ)ଙ୍କ ସମକାଳୀନ। ତାଙ୍କ ପିତା ରାଜ ପଣ୍ଡିତ ଥିଲେ ବୋଲି ପୁଷ୍ପିକାରେ ଉଲ୍ଲେଖ ରହିଛି।

ଇତିଶ୍ରୀ ମଦ୍ମହାରାଜାଧିରାଜ ଗଜପତି ପ୍ରତାପରୁଦ୍ର ଦେବ ସ୍ୱହସ୍ତ ଧାରିତ କନକ କେଶରୀ ଚତୁଃଛାୟା ବେଷ୍ଟିତ, ଶିତକୁମ୍ଭ ସମ୍ଭୂତ ମେଘଡମ୍ବରାୟଭିଧାନ, ସୀତାତ୍‌ପତ୍ର ଶୋଭାମାନ, କବି ପୁଙ୍ଗବ, ପଣ୍ଡିତ ରାଜ ରାଜଗୁରୁ ବିବିଧ ସୋମ ପାଞ୍ଜି ବାଜପେୟ ୟାହି ମନ୍ତ୍ରୀବର ଗୋଦାବରୀ ରାୟଗୁରୁ ବିରଚିତେ ଅଦୈତ ଦର୍ପଣେ, ସମନ୍ୱୟେ ନିରୂପଣ ରୂପଃ ପ୍ରଥମ ପ୍ରକଶ ଲୀଳାବତୀ ସୂତ୍ର ସମାପ୍ତ।

ଗ୍ରନ୍ଥ ଓଡ଼ିଆ ଲିପିରେ ଲିଖିତ।

No: G /117

Title: *Siddhanta Siromani* /
Commentary: *Advaita Darpana*

Author: Bhaskaracharya,
Commentator: Godabari Rayaguru

Material: Palm leaf

Size; No. of folios; Lines: 44 x 4 cms; 154; 4/5

Script: Odia

Date: The transcriber's name has not been mentioned, 19th Century

Condition of the Manuscript: Not good

Place: National Archives, New Delhi

Brief Accounts of the Text:

The manuscript has two parts. The first part is *Leelabati Sūtra* of Bhaskaracharya. It has a colophon which describes the completion of the text *Leelabati Pāṭigaṇita* by the author. There is no mention of name of the copier.

The second part of the manuscript describes *Leelabati Sūtra*. The commentator Godabari Rayaguru is a contemporary of Gajapati Prataprudra Dev of 16th Century. In the colophon of the manuscript, the commentator has mentioned that his father was the royal priest then.

ନମ୍ବର: ଗ /୧୧୮

ନାମ: ଗଣିତ

କର୍ତ୍ତା: ଅଜଣା

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୭ × ୩ ସେ.ମି., ପ:୧୧୭, ୩/୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲନୁହେଁ

ସ୍ଥାନ: ପୁରୀ, ନରସିଂହ ମିଶ୍ର

ବିଷୟ:

ବହୁପତ୍ର ପୋକଖିଆ, ବାମପାଖ ନଷ୍ଟପ୍ରାୟ। ପୂର୍ଣ୍ଣ ପାଠୋଦ୍ଧାର ସମ୍ଭବ ନୁହେଁ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପୋଥି। ଏହାର ଅବଶିଷ୍ଟାଂଶ ସଂରକ୍ଷଣର ଆବଶ୍ୟକତା ରହିଛି। ଶ୍ରୀଶ୍ରୀ ବାକ୍ ଦେବୀ ଶରଣରୁ ପାଠ ଆରମ୍ଭ। ଏଥିରେ ଶସ୍ୟାଦିର ଖରିଦି ବିକ୍ରିର ପରିମାଣ ଅନୁସାରେ ହିସାବ ରହିଛି ଏବଂ ହିସାବରେ କଉଡ଼ି ପରିବର୍ତ୍ତେ ଟଙ୍କାର ହିସାବ ବ୍ୟବହାର କରାଯାଇଛି। ମେଲାଙ୍କ, ଓଡ଼ାଙ୍କର ବିଶଦ ବ୍ୟବହାର ଏହି ପାଣ୍ଡୁଲିପିର ବିଶେଷତ୍ୱ। ଏପରିକି ଲେଉଟ ଓଡ଼ାଙ୍କ, ଫେଡ଼ାଙ୍କର ସୂତ୍ର ଏଥିରେ ରହିଛି।

No.: G /118

Title: *Ganita*

Author: Unknown

Material: Palmleaf

Size; No. of Folios; Lines: 37 x 3 cms; 117; 3/4

Script: Odia

Date: No colophon, 19th Century

Condition of the Manuscript: Not good

Place: Puri, Narsingh Mishra

Brief Accounts of the Text:

The left side of the manuscript is completely damaged. The manuscript starts with an invocation of Goddess Bakdevi. The text deals with buying and selling of land and their valuation. *Tańkā* has been used as monetary unit in the calculations instead of *Kauḍi*. Detailed descriptions on *Melānka, Oḍāńka and Leuta Oḍāńka* are the special features of this manuscript. It is an important manuscript which needs proper preservation.

ନମ୍ବର: ଗ /୧୧୯

ନାମ: ଗଣିତ

କର୍ତ୍ତା: ଅଜଣା

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୧ × ୩.୫ ସେ.ମି., ପ:୧୧୫, ଧା:୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲନୁହେଁ, ସଂପୂର୍ଣ୍ଣ ପୋକଖିଆ

ସ୍ଥାନ: ପୁରୀ, ନରସିଂହ ମିଶ୍ର

ବିଷୟ:

ପାଣ୍ଡୁଲିପି ସଂପୂର୍ଣ୍ଣ ପୋକଖିଆ। ତେଣୁ ପାଠୋଦ୍ଧାର ସମ୍ଭବ ନୁହେଁ।

No.: G /119

Title: *Ganita*

Author: Unknown

Material: Palmleaf

୭. ଅଙ୍କଲେଖା - ଏଥିରେ ଧାନଲେଖ, ଟଙ୍କାଲେଖ, କରଜଲେଖ, ରକ୍ଷହର, ମାଢ଼ୋରୀ ଆଦି ପ୍ରସଙ୍ଗ ରହିଛି।

୮. ଚଢ଼ା, ବୃଦ୍ଧି, ଖନ୍ଦା ଏହି ପୋଥିର ବିଶେଷତା। କେତେଟି ଉଦାହରଣ।

ଛେଳି ଲେଖ:

ଛ'ଛେଳି ସେ ଛଏ ମାଇ, ଛ' ଛ' ମାସେ ବେନି ବିଆଇ।

କୋଡ଼ିଏ ଅଣ୍ଡିର ଗୋଟିଏ ମାଇ, ଛ' ବରଷକୁ କେତେକ ହୋଇ।

କହ ତ ମୋତେ ନାୟକ ଭାଇ, ତେବେ ସେ ମୋ ଘରେ ଭାତ ଖାଇ।

୨୪୫୭୦ ଅଣ୍ଡିର + ମୂଳ ଛେଳି = ୨୪୫୭୬

ଗାଏ ଦୁଇପଦକୁ ୪୯୧୪୬।

୯. କାଳୀୟଦଳନ ଲେଖ:

କୃଷ୍ଣ କାଳିନ୍ଦୀ ହ୍ରଦରେ ପଦ୍ମଫୁଲ ତୋଳିବାକୁ ବସିଛନ୍ତି । କାଳୀୟନାଗ ତାଙ୍କୁ ବାନ୍ଧି ପକାଇଛି। ମାତ୍ର କୃଷ୍ଣ ଫଣା ଉପରେ ତ୍ରିଭଙ୍ଗୀ ଠାଣ୍ରେ ନାଚିଛନ୍ତି। ବଂଶୀ ବଜାଇଛନ୍ତି। ଗୋପାଳ ଓ ଗୋପାଙ୍ଗନାମାନେ ପଦ୍ମଫୁଲ ତୋଳି ତାଙ୍କୁ ବେଶ କରିଛନ୍ତି।

୧୦. ଜଳକ୍ରୀଡ଼ା ଲେଖ- ଏହି ଧାରାର ଅନ୍ୟ ଏକ ଗଣିତ । କବିତା ଓ ଗଣିତର କଳାତ୍ମକ ସମ୍ପର୍କର ଏହା ଉଦାହରଣ ।

ଜୟ ଗୋବିନ୍ଦ ମୋକ୍ଷଣ ଦ୍ରୌପଦୀ ଲଜ୍ଜ୍ୟା ତାରଣ

2. Different types of *Nala Lekha* e.g. *Tambapatri Nala*, a special type of *Nala*
3. Time and Distance calculation
4. *Angula Namabali Lekha*: A unique type of measurement using fingers as unit of calculating grains
5. *Bati Lekha*: Payment to moneylenders during sale and purchase at the market by merchants
6. *Kamakarjya Lekha*: Calculation of wages for daily workers
7. *Anka Lekha*: *Dhana Lekha*, *Rakhyahara, Māḍhori, Karaja Lekha* and *Taṅkā Lekha* etc.
8. *Chadhabruddhi Lekha*
9. *Kaliyadalana Lekha* (Narration of *Kaliyadalana* by Krushna in the presence of *Gopis*)
10. *Jalakrida Lekha, Ganiba Lekha, Rasa Maṇḍala, Dola Jatra* and *Odhana Saśthi Lekha* etc.

The manuscript is a fine example of narration of mythological stories in verse.

ଦୁଷ୍ଟଜନ ନିବାରଣ ଦେବ ଶ୍ରୀହରି

ଭକତଜନ ସୋଦର
ଶଙ୍ଖଚକ୍ର ଶୋଭାକର

ସ୍ଥାବର ଜଙ୍ଗମ କୀଟ ପତଙ୍ଗଧାରୀ

ଅନ୍ତର୍ଯାମୀ ଶ୍ରୀ ଜଗନ୍ନାଥ
କରପୂରଣ ମୋର ଏ ମନୋରଥ।

ଶ୍ରୀରାଧାକୃଷ୍ଣ ସୁମର
ଜଳକ୍ରୀଡ଼ା ଲେଖଧର

କହୁଅଛି ହେତୁକର ବିବେକବର

ଷୋଳସସ୍ର ଗୋପପୁଅ
ତିନିଶ ଛ'ସ୍ତରୀ ଫିଅ

ଶହେ ଛପନ ସତ ଛବିଶ ନିକର

ଏଠାରେ ବିଚାର କରିବା,

ବର୍ଗବିଧି ପଡ଼ିଅଛି ନିଷ୍ଠା ଜାଣିବା।

ଯେବେ ଅଟ ଖଡ଼ିକାର, ଏଠାରେ କଷ୍ଟ ନକର

ଲବ୍ଧ କହିଲେ ସାର ଲେଖା ଭେଟିବ

ଏଠାବାର କଷ୍ଟ ତିନି, ହେଲା ଥିବ ମନେ ଘେନି

ଏ ତ୍ରୟରେ ଗୁଣି ଦେଇ ଅଙ୍କ ସ୍ଥାପିବ

ଯେବେ ଅଟ ଖଡ଼ିକାର, ଏଠାରେ ଇଷ୍ଟ ନ କର

ଲବ୍ଧ କହିଲେ ସାର ଲେଖା ଭେଟିବ

ଏ ଠାବରେ ଇଷ୍ଟ ତି,ନି ହେଲା ଥିବ ମନେ
ଘେନି

ଗୁଣି ଦେଇ ଅଙ୍କ ସ୍ଥାପିବ।

ଛୟାଳିଶ ଆଠ ବାଆସ୍ତରି

ଅଙ୍କ ଏତେ ହେଲା ମନେ ଥିବଟି ଧରି।

ଏ ଅଙ୍କ ଓଜରେ ହର, ଲବ୍ଧ ଲେଖନ କର

ଦୁଇଶ ଷୋଳ ପଡ଼ିଲା ନିଶ୍ଚୟେ ଜାଣ

ଅଙ୍କ ରହିଲା ଦଶ ତ, ଷୋଳ ବୁଝି ଏ ସାକ୍ଷାତ

ଏ ଅଙ୍କକୁ ଭିନ୍ନ ଠାବେ କରି ରଖିବ

ପ୍ରଥମ କଳ୍ପନା ତିନିକି

ଥୁଅ ସୁବୁଦ୍ଧି ଆଶଙ୍କା କର କାହିଁକି।

ଏଥିରେ ଏକ ମିଶାଅ, ଚାରି ହେଲା ବୁଝିଥାଅ

ଏତେ ଯୂଥ ଗୋପୀମାନେ ଜଳୁ ଅଇଲେ
ନୀପମୂଳରେ ପ୍ରବେଶ, ହୋଇଣ ମାଗିଲେ ବାସ
ଏବେ ଅନ୍ୟ ଗୋଟି ଯୂଥ ଯେତେ ଅଇଲେ
କହିବା ଏଥିର ସାଧନ
ସାବଧାନ ହୋଇ ଶୁଣ ବିବେକ ଜନ।
ଯେ ଓଜ ଲଘ୍ନ ପଡ଼ିଛି,ଦୁଇଶତ ଷୋଳ ଅଛି
ବୀଜ ଦୁଇ ଶୁଣ କିଛି ନ ହୁଡ଼ିକରି
ଚାରିଶ ବତିଶ ହେଲା, ଏବେ ଫେଡ଼ାଣ ରହିଲା
କଳନା ତିନି କୃତି କର ବିଚାର
ଏ ଯେ ଅଂକ ନଅ ହୋଇଲା
ଏ ଅଂକରୁ କଳନା ତିନିକି ଫେଡ଼ିଲା।।
ଛ' ରହିଲା ନିଶ୍ଚୟେ, ପୁଣ ଏଥିରେ ନିର୍ଣ୍ଣୟେ
ଯୂଥବୃଦ୍ଧି ୟେକ ଏଥି ଗୁଣିଣ ଦିଅ
ଛ ହୋଇଲା ସାକ୍ଷାତେ, ଫେଡ଼ାଣ ଅଂକ
ନିଶ୍ଚିତେ
ଏ ଛ'କୁ ଚାରିଶ ବତିଶରୁ ଫିଅ
ବୟାଳିଶ ଛ' ରହିଲା
ଏଥିର ହରଣ ଆଣିବାକୁ ପଡ଼ିଲା।।
ଏ ବର୍ଗ ମିଶାଣ ବିଧି, ଯେସନେକ ଜଳନିଧି
ଏଥିକି ଅଳପ ବୁଦ୍ଧିମାନ ନକର
ଯେ ବିବେକ ଖଡ଼ିକାର, ଅଙ୍କର ଗତି ଗୋଚର
ଜାଣନ୍ତି ଏଇ ବିଚାର ସୁବୁଦ୍ଧି ନର
ଥୁଅ ସେଇ କଳପନା ତିନି
ଏଥିରେ ଗୁଣିବ ପୁଣି ସେ ବୀଜ ବେନି।
ଛ' ହୋଇଲା ପ୍ରମାଣ, ନିଷ୍ଠା ଏ ହରଣ ଜାଣ
ଏତେ ଦୃଢ଼ କଲେ ଏକସ୍ତରି ପଡ଼ଇ
ଏଥୁ କ୍ଷୟବୃଦ୍ଧି ଏକ - ଠିକ
ପ୍ରଥମ ଜଳୁ ଏତକ ବାହାର ହୋଇ
ଏବେ ଅଂଶ ଜାରଣ ପାଇଁ
ସୂତ୍ର କହିଦେବା ଶୁଣ ମନକୁ ଦେଇ।
ପ୍ରଥମ ଯୂଥ = ୭୦, ଦ୍ୱିତୀୟ = ୧୫,୦୪୧

ତୃତୀୟ = ଏକାବନଶହ ଚଉରାଅଶି, ଚତୁର୍ଥ =
ତେପନଶ ଅଣତିରିଶ

ଜଳେ ଥିଲେ ୩୭୬ = ୧୬, ୦୦୦, ୦୦

ପ୍ରଶ୍ନ ଓ ଉତ୍ତର- ସକଳ କବିତାରେ।
ଏତଦ୍‌ବ୍ୟତୀତ ପୋଥିରେ ରହିଛି

ଗଣିକାଲେଖ, ରାସମଣ୍ଡଳ,ଦୋଳଯାତ୍ରା. ଓଡ଼ଣ
ଷଷ୍ଠୀଲେଖ ଇତ୍ୟାଦି।

ନମ୍ବର: ଗ /୨୧୬

ନାମ: ଗଣିତ

କର୍ତ୍ତା: ବଳଭଦ୍ର ନାୟକ, ନୀଳକଣ୍ଠ ପଟ୍ଟନାୟକ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୨୭ × ୩.୫ ସେମ, ପତ୍ର:୨୨୯, ଧା: ୪/୫

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ

ସ୍ଥାନ: କଟକ, ବାସନ୍ତୀ ମର୍ଦ୍ଦରାଜ

ବିଷୟ:

ଏହା ଏକ ଭଲ ପଢ଼ାବହି। ଗଣିତ ବିଦ୍ୟାର ନାନା ପ୍ରସଙ୍ଗ ରହିଛି। କବିତା ଓ ଗଦ୍ୟର ମଧୁର ସମୀକରଣ।

୧.ନଳକୁ ଏକକ କରି ପାଚେରିର ଘନ ପରିମାଣ, ଦେଉଳ ଘନ ପରିମାଣ, ଭାଇଭାଇ ମଧ୍ୟରେ ଜମିବାଣ୍ଟ, ଖାତର ଆୟତନ ନିରୂପଣ, ଲୁଗାର ଆୟତନ ମାପ ବିଷୟ ରହିଛି।

୨.ଚଢ଼ା ବୃଦ୍ଧି: ବିପ୍ରଙ୍କୁ ନରେଶଙ୍କ ସୁବର୍ଣ୍ଣ ଦାନ, ଘୋଡ଼ାକିଣା, ଦେବତାଙ୍କୁ ଫୁଲ ସମର୍ପଣ, ଯୁଦ୍ଧରେ ପାଣିମିଶାଣ ପ୍ରସଙ୍ଗକୁ ଉଦାହରଣ କରାଯାଇଛି।

୩.ସମୟ ଓ ଦୂରତା: ଗଜ ଓ ସିଂହ ମଧ୍ୟରେ ଦୌଡ଼।

୪.କଳନ୍ତର ଲେଖ

୫.ଅନ୍ୟ ଗଣିତ ହେଉଛି: ବର୍ତ୍ତନ ଲେଖ, ଚୁଡ଼ି ଲେଖ, ବଛାହରଣ ଲେଖ ଇତ୍ୟାଦି

ନୀଳକଣ୍ଠ ପଟ୍ଟନାୟକଙ୍କ ରଚନା: ଛ' ଖନ୍ଦା ଅଙ୍କ

ଗଣିତ, କବିତା ଓ ଗପ କିପରି ସମଭାବ ଓ ରୂପରେ ଗତିଶୀଳ, ନିମ୍ନୋକ୍ତ କେତୋଟି ପଦ ତାହାର ଉଦାହରଣ:

No: G/216

Title: *Ganita*

Author: Balabhadra Nayak, Nilakantha Patnaik

Material: Palm leaf

Size; No. of folios; Lines: 27 x 3.5 cms; 229; 4/5

Script: Odia

Date: No Colophon, 19th Century

Condition of the Manuscript: Good

Place: Cuttack, Basanti Mardaraj

Brief Accounts of the Text:

This is a text book. Many mathematical problems and their formulas are written in a simple poetic form for the students. This is a fine example of how mathematics and literature can be intensively related in all aspects. The contents are:

1. Cubic measurement of wall, temple in *Nala* unit, measurement of textile items, area measurement of pits and land

2. *Chadhabruddhi*: Gifting of gold to *Brahmanas* by the king, purchase of horses, offering flowers to God, quanity of milk and water in adulterated milk

3. Time and distance calculations

4. *Kalantara Lekha*

5. *Bartana Lekha, Chudi lekha, Bachhaharana Lekha etc.*

ଶୁଣିମା ଶୁଜନେ ଲେଖାର ବିଧାନ

ନୃପତି ଆଦେଶ ପାଇ

ଭୂମି ବେଢ଼କୁ ଏକଇ କରଣ ଛାମୁରୁ ମେଲାଣି
ହୋଇ ।

ପ୍ରଥମ ଦିନରେ ରଜନୀ ଆଦ୍ୟରେ ଗ୍ରାମେ
ପ୍ରବେଶ ହୋଇଲେ

ଦେଖି ଗ୍ରାମ ଜନ ଦୁର୍ଲଭ ଆସନ ଦେଇ
ପୂଜାବିଧି କଲେ ।

ସୁପ୍ରକାର ଆଣି ରାନ୍ଧଣା ନିମନ୍ତେ ସଂପାଦିଲେ
ସର୍ବ ଦ୍ରବ୍ୟ

ପାକସିଦ୍ଧ କରି ଗୃହ ସଜିଲେ ମୂର୍ଜ୍ଜଚୂର୍ଣ୍ଣେ ମଣ୍ଡି
ଠାବ ।

ତୈଳ ମର୍ଦ୍ଦନ ସାରି ସେ କରଣ ଭୁଞ୍ଜିବା ଠାବେ
ବସିଲେ

ଦୁର୍ଲଭ ବ୍ୟଞ୍ଜନ ସରୁ ଅନ୍ନ ଦେଖି ଅଳପ ହୋଇ
ହସିଲେ ।

ମନେ ବିଚାରିଲେ ଆଜ ଯେବେ ଆମ୍ଭେ ଗ୍ରାମ
ସଂପୂର୍ଣ୍ଣ କରିବା

ଆମ୍ଭା ତୋଷ ହେଲେ ସାହସ୍ର ପ୍ରକାରେ କାଲି
ତ୍ରୁଟି ନକରିବା ।

ଏମନ୍ତ ପାଞ୍ଜିଣ ଅଳପ ଭୁଞ୍ଜିଣ ଠାବ ସାରିଣ
ଉଠିଲେ

ପ୍ରଧାନକୁ ଚାହିଁ କୋପେ ତାପ ବହି କାଲି
ବୁଝିବା ବୋଇଲେ ।

ଶୁଣି ତାନ୍ୟ ପ୍ରଧାନ ପାଇ ଭୟେ ମନଘରକୁ
ଆଉ ନଗଲା

ପରଜା ପାଟକ ବାଳବୃଦ୍ଧ ଯୁବାଦୁଃଖେ ରଜନୀ
ବଞ୍ଚିଲା ।

ଉଦୟ ଅରୁଣ ପ୍ରତାପୀ କରଣ ପ୍ରଧାନକୁ
ବୋଲେ ଆସ

ଆଜ୍ଞା ଶିରେ ଧର ଉଠ ତୁ ସତ୍ୱରବେଢ଼ କରାଅ

ତୋ ଦେଶ ।

ଦୀର୍ଘ ପ୍ରତି କେତେ ଉଭା ପୋତା କେତେ ପ୍ରତି
ପ୍ରତି କରି କହ

ନୋହିଲେ କ୍ଷଣକେ ଯାହା କରିଯିବୁ କେହି ନ
ଜାଣିବେ ତାହା ।

ପ୍ରଧାନ ବୋଇଲା ଶୁଣିବା ଗୋସାଇଁ ଦୀର୍ଘ ପ୍ରତି
ନ ଜାଣଇ

ମୂର୍ଖ ଲୋକ ସିନା ମନେ କେତେଥିବ ଏକା
କଥାଏ ଜାଣଇ ।

ପୂର୍ବେ ଏହି ରୂପେ ରାଜା ଆଜ୍ଞା ପାଇ ଏକ
କରଣେ କହିଲେ

ମୋହ ଠାରେ ଦୁଃଖ କହି ସେ କରଣ ଚକଡ଼ା
ବସାଣ କଲେ ।

ଦୀର୍ଘ ପଚାଶରେ ପ୍ରତୀ ପାଞ୍ଚ ଦଶ ବେନି ନଳ
କଲେ ଚଢ଼ା

ଚଣ୍ଡି ବାଟି ରୁଦ୍ର ମାଣ ଦିଶା ଗୁଣ୍ଡ

ପୂର୍ବ ଭୂମି କି ଏ ଲୋଡ଼ା ।

ତୁମ୍ଭେ ତ ମହତ କରଣ ସାମନ୍ତ ମତେ ପ୍ରତିକାର
କର ।

ଏ ଭୂମିରୁ ପୂର୍ବ ଭୂମି ଆସିବାକୁ ଉପାୟ ବିଚାର
କର ।

ଏଥିରେ ପ୍ରାନ୍ତଯମକ ଶୈଳୀରେ ମଧ୍ୟ ଗୀତ
ରହିଛି ।

ନମ୍ବର: ଗ /୨୧୭

ନାମ: ଗଣିତ

କର୍ତ୍ତା: ବିକ୍ରମ, ଘନଶ୍ୟାମ, ଅନ୍ୟମାନେ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୨୫ × ୦୩ ସେ.ମି., ପ:୧୫୩, ଧା:୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ

ସ୍ଥାନ: କଟକ, ବାସନ୍ତୀ ମର୍ଦ୍ଦରାଜ

ବିଷୟ: ଏକ ଭଲ ପଢ଼ାବହି।

ସବୁ ପ୍ରକାର ଗଣିତର ଗନ୍ତାଘର। ଏଥିରେ ତିନୋଟି ଚଉତିଶା ରହିଛି। ଯଥା: ଓଝା ସଙ୍ଖାଳି ଚଉତିଶା (ବିକ୍ରମ), ଅଧୁଲି ଫେଡ଼ା ଚଉତିଶା, ନଳ ଚଉତିଶା (ଘନଶ୍ୟାମ), ପଣିକିଆ ଲେଖ ମଧ୍ୟ ଅନ୍ୟ ଏକ ସ୍ୱତନ୍ତ୍ର ରଚନା, (ପତ୍ର - ୧୧୮-୧୨୫)।

ବହୁ ଗାଣିତିକ ସମସ୍ୟା ଗଦ୍ୟ ଓ ସମାଧାନର ସୂତ୍ର କବିତାରେ ଲେଖାଯାଇଛି। ବିକ୍ରମଙ୍କ ଚଢ଼ାବୃଦ୍ଧି ଗଣିତ ଏହାର ଏକ ଉଦାହରଣ।

୧.ସାହୁ ଖାତକକୁ ପାଞ୍ଚ ଭରଣ ଋଣ ଦେଲା। ଏ ଧାନ ଚଢ଼ାବୃଦ୍ଧି ପ୍ରମାଣେ ବର୍ଷକୁ ବର୍ଷ ଦେଢ଼ରେ ଦେଢ଼ି। ଏ ପ୍ରମାଣେ ପାଞ୍ଚ ବର୍ଷକୁ ଧାନ କେତେ ହେଲା।।

ସମ୍ବଶ୍ଚରକୁ ତକାର ଗୁକାର ଶୁଣ
ଚକ୍ରବୃଦ୍ଧି ଗୁଣାଣବାର।

ସେବାରେ ଗୁଣାଣ ହରଣ ଆଠ
ଶେଷଟି ମୂଳ କଳନ୍ତର ଶ୍ରେଷ୍ଠ।

ସାଧଇ ଦେଢ଼ି ଦେଢ଼ିରେ ସେ ଦେଢ଼ି
ଶ୍ରୀୟା ଦେବୀଙ୍କର ଶୁଝିଲା ଖଡ଼ି।

୨. ଅଧୁଲି ଫେଡ଼ା ଚଉତିଶା

No: G/217

Title: *Ganita*

Author: Bikram, Ghanasyama and others

Material: Palm leaf

Size; No. of folios; Lines: 25 x 03 cms; 153; 4

Script: Odia

Date: No Colophon, 19th Century

Condition of the Manuscript: Good

Place: Cuttack, Basanti Mardaraj

Brief Accounts of the Text:

The manuscript is a text book for students. This is a treasure trove of all sorts of calculations. There are three *chautisas* in the manuscript. They are *Ojhā Sankhari Chautisa* by Bikram*, Adhuri Pheda Chautisa* and *Nala Chautisa* by Ghanasyama. *Panikia* (table) *Lekha* is a special composition in this manuscript which shows formulas in tables. (Pages 118 -125)

Many mathematical formulas are written in prose and their solutions are given in verse.

କିରଣ ପୁଡ଼ି ଜ୍ୟେଷ୍ଠ ପଦିକା କରନ୍ତେ
ଘନ ଆଦି ପିଣ୍ଡ

କିରଣ ପଦିକା ବିକ୍ରି ପୁଡ଼ି ଘନ
ପିଣ୍ଡରୁ ଫେଡ଼ି କର ରୁଣ୍ଡ

ସୁଜନେ, କହିଲି ଆରତ ଦୁର୍ଲଭ

କଡ଼ା ଶେଷ ମୂଳ ପଦିକାରେ ଗୁଣି ଫେଡ଼ାଣ
ଆସୁ ଲାଭ ।

ନଳ ଚଉତିଶା:

ଥିରେ ଗୁଣୀ ଶୁଣ ଧୀର

ଅଠର ହାତ ନଳରେ ଭୂମି ମାଣକୁ ସେ କର।

ଦଶ ପଦିକା ହୋଇବ ଭାଇ

ଥାଇ କେବଳ କରଣ

ପଚାରିଲା ତାକୁ ଜାଣ।

ଏ ଭୂମିକୁ କେତେକର ହୋଇବ ଭାଇ

ସ୍ଥିରେ ଶୁଣି ସେ କରଣ ସ୍ଥୟୀଭୂତେ କରେ ମାନ

କହେ ଘନଶ୍ୟାମ ଲେଖା କହ ବୁଝାଇ।

ସମଗ୍ର ପାଣ୍ଡୁଲିପିର ବୈଶିଷ୍ଟ୍ୟ - ଜ୍ୟାମିତି
ସଂକ୍ରାନ୍ତ ଲେଖା। ଏହା ପିଲାମାନଙ୍କ ପାଇଁ
ଅତ୍ୟନ୍ତ ଉପଯୋଗୀ ।

ଅବସ୍ଥିତି ଅଛି ନାହିଁ ବିସ୍ତାର, ବିନ୍ଦୁ ବୋଲି ଅଟେ
ନାମ ତା'ର।

ବିସ୍ତାର ହୀନ ଦୀର୍ଘ ଯାରେ ଥାଏ, ରେଖା
ନାମରେ ତାକୁ ବୋଲାଯାଏ।

ଏହି ଲେଖା ଅଟେ ଦୁଇ ପ୍ରକାର, ସରଳ ବକ୍ର
ଯେ ଦୁଇ ଆକାର।

ଯେଉଁ ରେଖାର ପ୍ରାନ୍ତ ବିନ୍ଦୁ ଦୁଇ, ସରଳ
ଭାବରେ ଲେଖା ହୁଅଇ।

ନମ୍ବର: ଗ / ୨ ୧ ୮

ନାମ: ଗଣିତ

କର୍ତ୍ତା: ଅଧର ପଟ୍ଟନାୟକ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୪୨ × ୩.୫ ସେ.ମି., ପତ୍ର:୧୬୯, ଧା: ୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ

ସ୍ଥାନ: କଟକ, ବାସନ୍ତୀ ମର୍ଦ୍ଦରାଜ

ବିଷୟ: ଏହା ଏକ ପଢ଼ା ବହି। ବ୍ୟାବହାରିକ ଗଣିତ ଗ୍ରନ୍ଥ କୁହାଯାଇପାରିବ। ଗଣିତରେ ପ୍ରାୟ ପ୍ରତ୍ୟେକ ପ୍ରସଙ୍ଗ ରହିଛି। ଅଙ୍କଗୁଡ଼ିକ ବ୍ୟାଖ୍ୟା କରାଯାଇଛି। ଜଣେ ସହଜରେ ବୁଝିପାରିବ। ସୂତ୍ରଗୁଡ଼ିକ ଗୀତରେ ଲେଖାଯାଇଛି। ଏଥିରେ ରହିଛି:

୧.ଚଢ଼ାବୃଦ୍ଧି (ବ୍ରାହ୍ମଣ କଲ୍ୟାଣ ଲେଖା, ଜଗନ୍ନାଥଙ୍କ ଫୁଲଲାଗି ଲେଖା, ଗୁଣମିଶ୍ରିତ ଚଢ଼ା ଇତ୍ୟାଦି)

୨.କଳନ୍ତରିଆ,

୩. ବର୍ଗମୂଳ,

୪. ଶସ୍ୟାଦିର କୋଟାମୂଲ୍ୟ,

୫. ଚକ୍ରବୃଦ୍ଧି ସୁଧ,

୬. ଦଶନ୍ଧି ମାଗଣା,

୭. ଶସ୍ୟ ଓ ଭୂମିର କ୍ରୟବିକ୍ରୟ,

୮. ନଳଲେଖ (ବନ୍ଧ ନଳ, ପହଣ୍ଡ ନଳ, ଖଣି ନଳ, ସର୍ପ ମୟୂର, ମର୍କଟ ଲେଖା, ବନ୍ଧ ଲେଖା, ଗଛଲଗା ଲେଖା, ଧାନ ଲଗା ଲେଖା),

୯. ପଣକିଆ,

୧୦. ଲୀଳାବତୀ ସୂତ୍ରର ଅନୁବାଦ,

No: G/218

Title: *Ganita*

Author: Adhar Pattnaik

Material: Palm leaf

Size; No. of folios; Lines: 42 x 3.5 cms; 169; 4

Script: Odia

Date: No colophon, 19th Century

Condition of the Manuscript: Good

Place: Cuttack, Basanti Mardaraj

Brief Accounts of the Text:

This is a text book on applied mathematics. It contains almost all aspects of mathematics. There is a simple narration of mathematical problems and their solutions. Formulas are written in verse. The contents are:

1. *Chadhabrudhi: Brahmana Kalyana Lekha, Jagannathnka Phulalagi Lekha, Guna Mishrita Lekha* etc.
2. *Kalantaria*
3. *Bargamūla*
4. *Kota* valuation of grains
5. *Chakrabruddhi Sudha*
6. *Dasandhi Māgaṇa*
7. Buying and selling of grains and land
8. *Nala Lekha* (*Bandha Nala, Pahanda Nala, Khaṇi Nala, Sarpa mayura Lekha, Sarkata Lekha, Bandha Lekha, Gachalaga lekha,*

୧୧.କାଠଗଣ୍ଡିକୁ ବିଭିନ୍ନ ଆକାରରେ ଖଣ୍ଡ ଖଣ୍ଡ କରିବା, ପ୍ରତି ଖଣ୍ଡର ଘନଫଳ ଓ ଆକାର ନିରୂପଣ ଏବଂ କାଠଗଣ୍ଡିର ଆକାର ଓ ଘନଫଳର ସୂତ୍ର, ବ୍ୟାବହାରିକ ଗଣିତର ଏକ ଉଦାହରଣ।

ଏବଂ ଦଶନ୍ଧି ମାଗଣ ଚଉତିଶା ।

ପଦ:

କମଳନନ୍ଦିନୀ ବ୍ରହ୍ମାର ନନ୍ଦିନୀ
ତୁ ମୋତେ ହୋଇବୁ ପ୍ରସନ୍ନ
କହିବି ଦଶନ୍ଧି ମାଗଣ ପ୍ରସିଦ୍ଧି
ବୁଝି ଧରିବେ ସୁଜ୍ଞଜନ।
କୁମ୍ଭ ଏକ ମାଣ ଦୁଇ ପା'କୁ ଯେ
ଥୋଇ ପାଣ୍ଡବ ନଉତି ମାଗିବ
କରିବ ମିଶାଣ ମାଣ ବିଶ୍ୱା ପୁଣ
ଏହା ଏକ ପବେ ରଖିବ।
କରିବ ଦ୍ୱିତୀୟ ମାଗୁଣି ନିର୍ଣ୍ଣୟ
ରୁଦ୍ର ମାଣ ପାଏ ଥୋଇ
କୃତିକା ମାଣ କୃତିକା ବିଶ୍ୱାଶତ
କଡ଼ା ଷୋଳଦାଢ଼ ମିଶାଇ
କରିଦିଅ ଗୋଳ ଥିଲା ଅଙ୍କେ ଠୁଳ
ହରିବ ନେଇ ମୂଳ ଧାନେ
କଲେଟି ହରଣ ଲବ୍ଧ ନିଜ ମାଣ
ହରଣ ଦଶନ୍ଧି ସୁଜନେ।

Dhanalaga Lekha etc.)

9. *Panikia* (tables)

10. Translation of *Leelabati sūtra*

11. *Dasandhi Māgaṇa Chautisa*

One of the examples of applied mathematics is to break a log into different pieces and to determine the shapes and cubic measurement of the pieces.

<u>ନମ୍ବର: ଗ /୨୧୯</u>

ନାମ: ଗଣିତ

କର୍ତ୍ତା: ଅଧର ପଟ୍ଟନାୟକ, ବଳଭଦ୍ର

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୫ × ୩ ସେ.ମି., ପତ୍ର:୨୧୮, ଧା: ୪/୫

<u>No: G/219</u>

Title: *Ganita*

Author: Adhar Pattnaik, Balabhadra

Material: Palm leaf

Size; No. of folios; Lines: 35 x 03 cms; 218; 4/5

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଉନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ

ସ୍ଥାନ: କଟକ, ବାସନ୍ତୀ ମର୍ଦ୍ଦରାଜ

ବିଷୟ: ଏହା ଏକ ପଢ଼ାପୋଥି। ନାନା ବିଷୟକ ଗଣିତ ରହିଛି। ସେଗୁଡ଼ିକ - କ୍ରୟବିକ୍ରୟ, ପଡ଼ି ଲେଖା, ରକ୍ଷହର, ମାଗେଣି, କଳନ୍ତର, ଚଢ଼ାବୃଦ୍ଧି, ମାଢ଼ୋରି, ଋଣଲେଖା, ନାଟ ଲେଖା, ବାଇଗଣଲଗା ଲେଖା, ଗାଈ ମଇଁଷି ଓ ବଳଦ ଏବଂ ମାଣ୍ଡିଆ ଓ ଧାନ ବଦଳ ଲେଖା, ଫୁଲଗୁଛା ଲେଖା, ଛେଳି ବର୍ତ୍ତନ ଲେଖା, ସୁକଚିଟାଉ ଲେଖା, ରଙ୍ଗସଭା ଲେଖା, ନ୍ୟାୟବଳ ଲେଖା, ଲଙ୍କାସମର ଲେଖା, ସର୍ପ - ମୟୂର ଲେଖା ଇତ୍ୟାଦି।

ଶୁକଚିଟାଉ ଲେଖାର ଉଦାହରଣ:

କାଳେ କାଳେ କେବଣ ବିରହିବର ବିଦେଶରେ ରହି

ବିନୟ ପତ୍ରିକା ପ୍ରିୟା ବହୁତ ବିନୟ ଉଦନ୍ତ କହି

ବିହିଲା, ମୁଦି ମୁଦ ଦେଇ ଶୁକ ଗଳେ ଲମ୍ବାଇଲା।।

ବୋଇଲା ଗୋ, ପରାଣବାନ୍ଧବୀ ପାଶ ଯିବୁ

ପ୍ରେମ ଭାଷା ଚିଟାଉ ଗୋଟିକ ନେଇ ଦେବୁ

ଶୁଣି ସେ, କୁମର ସୁଜାଣପକ୍ଷୀ ବେଗେ ଉଡ଼ିଗଲା ସେ

ପ୍ରଥମ ଦିବସ କୋଶକ ଛ'ଭାଗୁ, ପଚିଶଭାଗୁ

ଦ୍ୱିତୀୟ ଦିବସ ପାଞ୍ଚ କୋଶ ସେ ଅଧିକ,

ଏ କ୍ରମରେ,

ଶହେ ଚାରିକୋଶରେ ଭେଟିଲା ରାମାବର

ୟେ ଲେଖଦେଇ କଲାକ ଅନ୍ନ ଆହାର।

କହ ଖଡ଼ିକାର କେତେ ଦିନରେ ସେ ଗଲା

ଅଧର ପଟ୍ଟନାୟକ ଯେତେ ବଖାଣିଲା

କେଉଁ ମାସ କେତେ ଦିନ ଲେଖିଲା ଚିଟାଉ

ବହନ କରିଣ କହ ମୋ ସଂଚୟ ଯାଉ।

ସାଧନା: ଶୁକ ଆଦ୍ୟ ଦିନ ଏକ କୋଶର ଏକ

Script: Odia

Date: No Colophon, 19th Century

Condition of the Manuscript: Good

Place: Cuttack, Basanti Mardaraj

Brief Accounts of the Text:

The manuscript is a text book for students. The contents are: *Krayabikraya, Padilekha, Rakhyahara, Mageni, Kalantara, Chadhabruddhi, Māḍhori, Runa Lekha, Nata Lekha, Baiganalaga Lekha, Gai, Mahishi, Balada, Mandia, Dhana Badala Lekha* (barter system i.e. exchanging cattle for grains and paddy), *Phulaguntha Lekha, Cheli Bartana Lekha, Suka Chitau Lekha, Ranga Sabha Lekha, Nyayabala Lekha, Lanka Samara Lekha, Sarpa Mayura Lekha* etc.

ଭାଗରୁ ଛ'ଭାଗରୁ ପଚିଶ ଭାଗ ଗଲା। ଏକ କୋଶ = ଦୁଇ ମାଇଲ।

ପାଞ୍ଚ ଭାଗ = ୧୦୫୬୦ ଫୁଟ

୧୦୫୬୦ ୬ = ୧୬୬୦ ଫୁଟ

ଏହାର ପଚିଶ ଗୁଣ = ୪୪୦୦୦ ଫୁଟ

ଆଦ୍ୟ ଦିନର ପ୍ରତିଦିନ ଉଡ଼ଇ ପାଞ୍ଚ କୋଶ = ୨୨୮ କୋଶ ଗଲା।

୧୦୪ କୋଶ = ୧୦୯୮୨୪୦ ଫୁଟରେ କେତେ ଦିନ ଉଡ଼ିବ = ୬ ଦିନ।

ନମ୍ବର: ଗ /୨୨୦

ନାମ: ଗଣିତ

କର୍ତ୍ତା: ଅଧର ପଟ୍ଟନାୟକ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୪ × ୪ ସେ.ମି., ପତ୍ର:୧୦୮, ଧା: ୦୮

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ, ବହୁ ପତ୍ର ନାହିଁ।

ସ୍ଥାନ: କଟକ, ବାସନ୍ତୀ ମର୍ଦ୍ଦରାଜ

ବିଷୟ:

ଗ୍ରନ୍ଥରେ ସାରଳାଦେବୀ (ପତ୍ର ସଂଖ୍ୟା - ୧୧୩) ଓ ବଳରାମଙ୍କ ବନ୍ଦନା ରହିଛି। କହୁଛନ୍ତି, ସାରଳାଦେବୀ ପ୍ରସନ୍ନ ହେଲେ ସକଳ ସମସ୍ୟା ସହଜରେ ସମାଧାନ ହୋଇପାରିବ।

ମଝିରେ **ସର୍ବସାର ଚଉତିଶା** ଶୀର୍ଷକ ଲେଖା ରହିଛି, ପତ୍ର ୧୧ ରୁ ୪୦ ପର୍ଯ୍ୟନ୍ତ। ଆରମ୍ଭ ଏହିପରି:

ଲୀଳାବତୀକି କଳାବତୀ କହଇ

ଖଡ଼ିରେ ତତେ ବଳି ଜଗତେ ନାହିଁ

No: G/220

Title: *Ganita*

Author: Adhar Pattnaik

Material: Palm leaf

Size; No. of folios; Lines: 34 x 4 cms; 108; 8

Script: Odia

Date: No colophon, 19th Century

Condition of the Manuscript: Good, but incomplete

Place: Cuttack, Basanti Mardaraj

Brief Accounts of the Text:

The manuscript has an invocation of Goddess Sarala (Page 113) and Lord Balarama. The author believes that the blessing of Goddess Sarala will help us answer all the mathematical problems. From pages 11 to 40, there is *Sarbasara Chautisa* which mentions *Leelabati Sūtra*.

In the text every mathematical problem is named differently like

ସଖୀ ଗୋ, ମତେ ଦିଅ ଶିଖାଇ
ମନ ବଳିଛି ନାହିଁ ନ କହ ତହିଁ।
ଉତ୍ତରେ ଲୀଳାବତୀ କହେ ସଖୀକି
ଏ ଛାର ଖଡ଼ି ପାଇଁ ଦୁଃଖ କାହିଁକି
ସଖୀ ଗୋ, ଯାହା ଇଚ୍ଛା ପଚାର
ସବୁ ଖଡ଼ିକୁ ସୂତ୍ର ମୋତେ ଗୋଚର।

ପ୍ରତ୍ୟେକ ଅଙ୍କର ନାମକରଣ କରାଯାଇଛି। ଯଥା: ରାହସ ଲେଖ, ଜଳକ୍ରୀଡ଼ା, ଗୁଣ୍ଡିଚା ଲେଖ, ଦୋଳଯାତ୍ରା ଲେଖ, ଓଢ଼ଣ ଷଷ୍ଠୀ (ଶ୍ରୀ ଜଗନ୍ନାଥଙ୍କ ଘୋଡ଼ ଲାଗିବା ଆବଣ୍ଢନ), ସ୍ନାନଉତ୍ସବ ଲେଖ, ବଚ୍ଛା ହରଣ ଲେଖ, କୃଷ୍ଣଙ୍କୁ ଫୁଲମାଳ ଲେଖ, କାଳୀୟଦଳନ ଲେଖସୁଦାମ ଦରିଦ୍ର ଲେଖ, କୃଷ୍ଣଙ୍କୁ ହାର ଲେଖ, ନାବକେଳୀ ଲେଖ ଇତ୍ୟାଦି।

ଚଢ଼ାଉତ୍ତରା, ତକାରଗୁକାର, କୂଟକ ରହସ୍ୟ ଅନ୍ୟ କେତୋଟି ଅଙ୍କ

ବୈଷ୍ଣବ ଧର୍ମ ଓ ଦର୍ଶନ ଆଧାରିତ ଗଣିତ ଏହି ପୋଥିର ବିଶେଷତା।

Rahasa Lekha, Jalakrida Lekha, Gundicha Lekha, Dolajatra Lekha, Snana Utsaba Lekha, Odhana Saṡthi Lekha, Bachha haraṇa Lekha, Krushnaku Phulamala Lekha, Kaliya Dalana Lekha, Sudama Daridra Lekha, Krushnanku Hara Lekha, Nabakeli etc. Besides that, there are problems on *Chaḍhā Uttarā, Takāra gukāra* and *Kutaka Rahasya* etc.

The manuscript is a fine example of Vaisnavite literature in the form of mathematics. Religion and philosophy of the time are strongly reflected in the writing style.

ନମ୍ବର: ଗ /୨୨୧

ନାମ: ଭାଷା ଲୀଳାବତୀ

କର୍ତ୍ତା: ଦୀନକୃଷ୍ଣ ଦାସ, ଦେବୀ ଦାସ, ଭଗବାନ ମହାନ୍ତି

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୪ × ୪ ସେ.ମି., ପତ୍ର:୨୫୮, ଧା: ୪/୫

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ

No: G/221

Title: *Bhasa Leelabati*

Author: Dinakrushna Das, Debi Das, Bhagabana Mohanty

Material: Palm leaf

Size; No. of folios; Lines: 34 x 04 cms; 258; 4/5

Script: Odia

Date: No Colophon, 19th Century

Condition of the Manuscript: Good

ସ୍ଥାନ: କଟକ, ବାସନ୍ତୀ ମର୍ଦ୍ଦରାଜ

ବିଷୟ:

ଗ୍ରନ୍ଥରେ ଆରମ୍ଭ ଗଣେଶାୟ ନମଃ। ଗଣେଶଙ୍କ ବନ୍ଦନା ମଧ୍ୟ ରହିଛି।

ନମସ୍ତେ ମାତଙ୍ଗୀନନ ତ୍ରିପୁରାରି ସୁତ

ଦେବାସୁର ନରଙ୍କର ଚରଣେ ବନ୍ଦିତ।

ପ୍ରୀତିଭକ୍ତ ଜନଙ୍କର ବିଘ୍ନ ନାଶ କରି

ତୁମ୍ଭ ପାଦପଦ୍ମ ବେନି ହୃଦରେ ବିଚାରି।

ଭାଷା ଗୀତ କରି ଲୀଳାବତୀର ଚରିତ

କହିବି ସୁଦୟା ମୋରେ କର ଗଣନାଥ।

ପ୍ରଥମ ଛାନ୍ଦ:

ଦୀନକୃଷ୍ଣ ନାଥଙ୍କ ନାମ ଭଣିତା ଥାଇ
ଦଶଗୋଟି ଛାନ୍ଦ ଏଥିରେ ରହିଥିବାର ସୂଚନା ମିଳୁଛି। ପ୍ରଥମ, ଦ୍ୱିତୀୟ, ଅଷ୍ଟମ, ନବମ, ଦଶମ ଛାନ୍ଦ ବ୍ୟତୀତ ଅନ୍ୟ ଛାନ୍ଦ ପାଣ୍ଡୁଲିପିରେ ନାହିଁ। ଗତି ନିର୍ଣ୍ଣୟ (ପତ୍ରସଂଖ୍ୟା -୮୬ ରୁ ୯୧), ଘନତା ଓ ଗୁରୁତା (ପତ୍ର ସଂଖ୍ୟା - ୯୨ ରୁ ୧୦୦), କୋଟା ଛାନ୍ଦ ଓ କିଣାବିକା ଛାନ୍ଦ (ମାନ) ରହିଛି। ଏଥିରେ ବହୁ ସଂଖ୍ୟକ ଚଉତିଶା ସ୍ଥାନ ପାଇଛି। ଯଥା: ବୃଦ୍ଧି ବୃଷାଳ ଚଉତିଶା (ପତ୍ରସଂଖ୍ୟା ୧୪୬ ରୁ ୧୫୫), ସିନ୍ଧୁ ସିଂହାର ଚଉତିଶା (ପତ୍ରସଂଖ୍ୟା ୧୫୫ ରୁ ୧୬୨), ନାଏକ ଧନ ଚଉତିଶା (ପତ୍ରସଂଖ୍ୟା ୧୬୩ ରୁ ୧୬୭)।

ଏତଦ୍‌ବ୍ୟତୀତ ରହିଛି ଅଙ୍କ ମନାସ, ନାବଲେଖ, ପଣିକିଆ, ଓଡ଼ାଙ୍କ, ଦେଉଳ ଗଢ଼ା ଓ ଘନ ପରିମାଣ ଆଦି ବହୁ ବିଷୟ।

ଦଉଡ଼ ଲେଖାର ଏକ ଉଦାହରଣ:

ରାମ ଓ ଦାମ ଗୋଟିଏ ଗୋଲାକାର ପଡ଼ିଆରେ ଚତୁର୍ଦିଗରେ ଗୋଟିଏ ସ୍ଥାନରେ ଦୌଡ଼ିଲେ। ସମ ଗତିରେ ସେମାନେ ଦୌଡ଼ିଲେ। ୩୦

Place: Cuttack, Basanti Mardaraj

Brief Accounts of the Text:

The manuscript starts with *Ganesaya Namah*. The first canto starts with *Ganesha bandana* by author Dinakrushna Das. There is a mention that the text consists of ten cantos, but the 3rd, 4th, 5th, 6th and 7th are missing. The cantos are based on *Dhanata* and *Guruta* (Pg 92-100)*, Kota Chanda*, and *Kinabika Chanda* etc. The manuscript contains many *chautisas*. Some of them are *Bruddhi Brusala Chautisa* (Pg 146-155)*, Sindhu Siaara Chautisa* (Pg 155-162) and *Nayeka dhana Chautisa* (Pg 163-167).

Besides that, there are *Anka Manasa, Nabalekha, Panikia, Oḍāṅka, Deula Gadha* and *Ghana Parimana* etc.

One of the examples of *Dauda Lekha* is: Rama and Dama started running in a circular field. They started at the same speed. After 30 minutes, Rama completed three rounds while Dama completed four and a half rounds. When will they meet? Ans: After 10 minutes.

For the first time, a British unit of time has been mentioned in the manuscript. It is a good textbook.

ମିନିଟ୍ ପରେ ଦେଖାଗଲା, ରାମ ପୂରା ତିନିଥର
ତ ଦାମ ସାଢ଼େ ଚାରିଥର ଦୌଡ଼ିଛନ୍ତି। ଆଉ
କେତେବେଳେ ରାମ ଦାମକୁ ଭେଟିବ।

ଉତ୍ତର: ଦଶମିନିଟ୍ ପରେ

ଏହା ଏକ ଭଲ ପଢ଼ା ବହି।

ନମ୍ବର: ଗ /୨୨୨

ନାମ: ଗଣିତ ଚଉତିଶା

କର୍ତ୍ତା: ଧରଣୀଧର ନାୟକ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୪୪ × ୩ ସେ.ମି., ପତ୍ର:୧୭୦, ଧା: ୩/୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ

ସ୍ଥାନ: କଟକ, ବାସନ୍ତୀ ମର୍ଦ୍ଦରାଜ

ବିଷୟ:

ଏହା ଏକ ଚଉତିଶା ସଂକଳନ। ବିଭିନ୍ନ ଲେଖକଙ୍କର ରଚନା ରହିଛି। ସେଗୁଡ଼ିକ: ଧରଣିଧର ଚଉତିଶା (ପ: ୧୭-୧୮), ଶିବ ଉପଦେଶ ଚଉତିଶା (ପ:୧୯-୨୮), ଖଡ଼ିରତ୍ନ ଚଉତିଶା (ପ:୨୯-୪୭), ଓଡ଼ାଙ୍ଗ ଚଉତିଶା, ପାଠ ମଙ୍ଗଳ ଚଉତିଶା, ରକ୍ଷହର ଚଉତିଶା, ଏତଦ୍ ବ୍ୟତୀତ ରହିଛି - କଳନ୍ତର, ନଳମାପ, ମାଢ଼ୋରି, ଚଢ଼ାବୃଦ୍ଧି ଓ ପଣିକିଆ ଇତ୍ୟାଦି। ପଣିକିଆ ବୋଲି ଓ ଖନ୍ଦାବାଣି ଦୁଇଟି ସ୍ୱତନ୍ତ୍ର ଲେଖା। ପ୍ରତ୍ୟେକ ଚଉତିଶା ବିଭିନ୍ନ ରାଗରେ ଲିଖିତ। କୋଇଲି ଶୈଳର ଲେଖା ମଧ୍ୟ ରହିଛି।

No: G/222

Title: *Ganita Chautisa*

Author: Dharanidhara Nayak

Material: Palm leaf

Size; No. of folios; Lines: 44 x 03 cms; 170; 3/4

Script: Odia

Date: No Colophon, 19th Century

Condition of the Manuscript: Good

Place: Cuttack, Basanti Mardaraj

Brief Accounts of the Text:

This is a compilation of *Chautisas*. It contains the works of different authors. They are:

1. *Dharanidhara Chautisa* (Page 17-18)

2. *Siba Upadesha Chautisa* (Page 19-28)

3. *Khaḍiratna Chautisa* (Page 29-47)

4. *Oḍāṅka Chautisa*

5. *Patha Mangala Chautisa*

ପଣିକିଆ ବୋଲିର ଉଦାହରଣ:

କହ ପଣିକିଆ ବାଣୀ ଗୋ, ଫୁଲ ବଉଳ ବେଣୀ

କେଉଁ ଖନ୍ଦା ଅଙ୍କ ତିନି ଧାଡ଼ି ମିଶି କେତେ ତା
କେମନ୍ତ ଜାଣି ଗୋ, ଫୁଲ ବଉଳ ବେଣୀ

ସୂତ୍ର: କଳ୍ପି ପଞ୍ଚଷଠି ଥୋଇ ଗୋ।

କଣ୍ଠ ଖନ୍ଦା ଗୁଣି, ପଞ୍ଚାବନ ପୁଣି ତହିଁ ମିଶାନ୍ତେ
ଅଙ୍କ

ଏକ ପଣିକିଆ ତିନି ପଂକ୍ତି ଅଙ୍କ ମିଶି କେତେ?

୨୫ × ୨+୫୫ = ୧୧୫

ଅନ୍ୟ ସୂତ୍ର: ଥୋ। ପଞ୍ଚଷଠି ଗୁଣ ଖନ୍ଦା ମିଶା।
ପଞ୍ଚାବନ, ଫିଟୁ ଧନ୍ଦା।।

ଏକ ଖନ୍ଦାରେ ଯେତକ ଧାଡ଼ି ଗୋ।

ଖାଣ୍ଟି ଏକ ଏକ ପଂକ୍ତି କେତେ ଅଙ୍କ କହିବୁ
ସୂତ୍ରକୁ ଯୋଡ଼ି ଗୋ।।

କୋଇଲି ଲୋ, ଜଣେ ଓଡ଼ାଙ୍କ ଯୋଗ ଲେଖିଲା
ଶହେ ତେଇଶି ଲେଖିଣ ପାଠ ଲିଭାଇଲା ଲୋ।।
- ୩୨ -

କୋଇଲି ସେ ଅନ୍ୟ ଚାଟ ମେଲାଙ୍କ ମିଶାଣ
ଏକାବନ ସତଚାରି ଲେଖିଲା ତତ୍‌କ୍ଷଣ ଲୋ।।
- ୩୩ -

କୋଇଲି ଲୋ, ଦ୍ୱି ଯୋଗାଙ୍କ ଦୁହେଁ ଲେଖିସାରି
ଖେଳରେ ମାତିଣ ପାଠ ଦେଲାକ ପାସୋରି,
ଲୋ କୋଇଲି - ୩୪ -

ପଢ଼ା ନେଲାବେଳେ ଗୁରୁ ଦେଖି
ପଚାରିଲେ ପ୍ରଶ୍ନ କାହିଁ ବେଗେ ଆଣ ଲେଖି,
ଲୋ କୋଇଲି - ୩୫ -

କୋଇଲି ଲୋ, ଲେଖିଛନ୍ତି ରାଶି ଯେତେଯେତେ
ତହିଁରୁ ଓଡ଼ାଙ୍କମାନ ଆସିବ କେମନ୍ତେ, ଲୋ
କୋଇଲି।

ଏହି ଗଣିତର ସମାଧାନର ସୂତ୍ର ମଧ୍ୟ ରହିଛି।

6. *Rakhyahara Chautisa*

Besides that, there are *Kalantara, Nalamāpa, Madori Chadhabrudhi* and *Panikia* etc. In this manuscript, *Panikia Boli* and *Khandā Bani* are two unique styles of work. All *Chautisas* are composed in different *ragas*.

ଅଙ୍କପୋଛା ଚଉତିଶାର ଉଦାହରଣ:

ଗୋପୀଭାଷା ବୃତ୍ତେ

ଶିଷ୍ୟ ଗୁରୁଙ୍କୁ ବିନୟ ହୋଇଣ

କହିଲା ଗୁରୁ କରନ୍ତୁ ଶ୍ରବଣ।

ମୂଳ ସଂଖ୍ୟା କେତେ ଜଣା ନ ହୋଇଲା

ଏଥୁ ଅନ୍ୟ ଏକ ଅଙ୍କ ପୋଛିଲା।

ରହିଲା କେତେ ନୋହିଲା ବିଚାର

ଘେନିଗଲା ଅଙ୍କ ଶହେ ସତର।

ମୂଳ କେତେ ପୁଣି ପୁଛିଲା କେତେ

ଜଣା ଅଙ୍କରୁ ଆସିବ କେମନ୍ତେ।

ଉତ୍ତର: ମୂଳ ଅଙ୍କ = ୧୩୦, ପୋଛିଲା = ୦, ରହିଲା = ୧୩।

ନମ୍ବର: ଗ /୨୨୩

ନାମ: ଗଣିତ

କର୍ତ୍ତା: ଅଜଣା

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୪୩ × ୦୪ ସେ.ମି., ପ:୧୬୨, ଧା:୪/୫

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ

ସ୍ଥାନ: କଟକ, ବାସନ୍ତୀ ମର୍ଦ୍ଦରାଜ

ବିଷୟ:

ଏହା ଏକ ଭଲ ପାଠ୍ୟପୁସ୍ତକ। ବିଭିନ୍ନ ଅଙ୍କର ନାମ ସହିତ ସୂଚିପତ୍ର ମଧ୍ୟ ରହିଛି। ଅଙ୍କଗୁଡ଼ିକ: ଚଢ଼ାବୃଦ୍ଧି, କଳନ୍ତର, କ୍ରୟବିକ୍ରୟ ବିଧି ଓ ବିଭିନ୍ନ ପ୍ରକାରର ଓଡ଼ାଙ୍କ, ମେଲାଙ୍କ, ନଳମାପ।

No: G/223

Title: *Ganita*

Author: Unknown

Material: Palm leaf

Size; No. of folios; Lines: 43 x 04 cms; 162; 4/5

Script: Odia

Date: No colophon, 19th Century

Condition of the Manuscript: Good

Place: Cuttack, Basanti Mardaraj

Brief Accounts of the Text:

The manuscript is a textbook. The contents are:

1. *Chadhabrudhi, Kalantara, Kraya Bikraya, Oḍāṅka, Melānka, Nala* measurement

ନଳ ଚଉତିଶା ରହିଛି। ଏଥିରେ ତ୍ରିକୋଣ ଭୂମି, ମଣ୍ଡଳାକାର ଭୂମି, ଲୁଗାବଣ୍ଟା , ଖାତମାପ, ଜମିବଣ୍ଟା ଓ ଗଛଲଗା ସୂତ୍ର ସ୍ଥାନ ପାଇଛି।

ସତର ଫଳା ପର୍ଯ୍ୟନ୍ତ ପଣକିଆ ସୂତ୍ର ରହିଛି। ସାରଣୀ ସାହାଯ୍ୟରେ ପଣକିଆ ଲିଖନକୁ ସ୍ପଷ୍ଟ କରିଦିଆଯାଇଛି।

ଗୋଟିଏ ଗଣିତରେ ଗଜପତି, ଫିରିଙ୍ଗି ଓ ଦେୱାନକୁ ଚରିତ୍ର କରାଯାଇଛି।

ଆରମ୍ଭ ଏହିପରି:

ଲକ୍ଷ୍ମୀ ନାରାୟଣ ପାଦପଦ୍ମେ ଦେଇମତି, ଶ୍ରୀ ବୀରକିଶୋର ମହାରାଜା ଗଜପତି ସମରାଜ୍ୟ କରନ୍ତେ, ସେ ଚଉବିଂଶ ଅଙ୍କେ, ମକର ମାସରୁ ଦିନ ଚାରିଭୋଗ ଯାନ୍ତେ, କଟକରେ ଥିଲେ। ସୁବାଫିରିଙ୍ଗି ସିଆଣ ତାହାଙ୍କର ଭୁଇଆଁ ଗଙ୍ଗା ନାମରେ ଦିଆଣ, ତାହାଙ୍କୁ ଚାହିଁଣ ଯେ ସେ ପୁଛନ୍ତି ନବାବ, ଆମ୍ଭର ଲେଖାକୁ ତୁମ୍ଭେ କରିବ ଜବାବ ଇତ୍ୟାଦି।

ରକ୍ଷହରର ଏକ ଉଦାହରଣ:

ସାଧବର ସାତଖଣ୍ଡ ବୋଇତ ଚାଉଳ ନେଇ ଦରିଆରେ ଗଲେ। ପ୍ରଥମେ ଗୋଟିଏ ବୋଇତ ଭାରା ହେତୁ ବୁଡ଼ିବାକୁ ଲାଗିଲା। ତେଣୁ ସେ ଅନ୍ୟମାନଙ୍କୁ କହିଲା, ତୁମ୍ଭମାନଙ୍କ ଯେତେ ଅଛି ତେତେ ଲେଖାଏ ମୋ ଠାରୁ ନେଲେ, ମୋ ଡଙ୍ଗା ଭାସିବ। ଏହିପରି ସାତ ଖଣ୍ଡ ବୋଇତ ଦିଆଦେଇ ହେଲେ।ଦରିଆ ପାରି ହୋଇ ଦେଖିଲେ, ସବୁ ବୋଇତରେ ସମାନ ଧାନ ଅଛି। ତେବେ ପ୍ରଥମରେ କେଉଁ ବୋଇତରେ କେତେ ଧାନ ଥିଲା?

ଉତ୍ତର: ୪୪୯ ଭରଣ ପ୍ରଥମରେ, ୧୨୮୭ = ୮୯୬ ଭରଣ ମୋଟ୍ ଚାଉଳ। ଏହି ଗଣିତରେ ମକାରଗୁକାର ସୂତ୍ର ପ୍ରୟୋଗ କରାଯାଇଛି।

2. *Nala Chautisa: Trikono Bhumi, Maṇḍalakara Bhumi*, Distribution of clothes, land, Measurement of pits and formulas for plantation

3. Tables and formulas to remember multiplication tables upto 17

4. In one of the mathematical problems, Maharaja Gajapati Birakishore Deba and *Firingi* (British) have become the Scripts.

ନମ୍ବର: ଗ /୨୨୪

ନାମ: ଗଣିତ

କର୍ତ୍ତା: ଅଜଣା

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୨୯ × ୩ ସେ.ମି., ପତ୍ର:୧୮୪, ଧା: ୩/୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ

ସ୍ଥାନ: କଟକ, ବାସନ୍ତୀ ମର୍ଦ୍ଦରାଜ

ବିଷୟ:

ଏକ ପାଠ୍ୟ ପୁସ୍ତକ। କେତୋଟି ଚଉତିଶା ଓ ନାନା ପ୍ରକାରର ଗଣିତ ରହିଛି। ଚଉତିଶାଗୁଡ଼ିକ: କ୍ରୟବିକ୍ରୟ ଚଉତିଶା (ପ:୧-୩୦), ଗଣିତ ଚଉତିଶା (ପ: ୧୨୧-୧୩୨), ଗଣିତ ଚଉତିଶା (ପ: ୧୫୦-୧୬୭)।

ଅନ୍ୟ ଗଣିତଗୁଡ଼ିକ ହେଉଛି ବାଟୁଳିଗଣା, ଚଢ଼ାଉତ୍ତରା, ପଣିକିଆ (ପ: ୫୦-୫୬), ନକ୍ଷତ୍ର ମନାସ (ପ: ୫୭), ଅଙ୍କଚୋରି (ପ: ୫୭), ସମୟ ଓ ଦୂରତା (ପ: ୬୨-୬୮), କାମ ଓ ସମୟ (ପ:୬୨, ୬୫, ୬୬), ଦୂରତ୍ୱ ଲେଖା, ଅଙ୍କ କୁହୁକ (ପ: ୮୦-୮୧), ଜ୍ୟାମିତି ଲେଖା, ଆୟବ୍ୟୟ, ବର୍ଗ ପରିମାଣ (ପ: ୮୨-୮୬), ଅଙ୍କ ମନାସ (ପ: ୯୫), କର ଲେଖା, ଅଙ୍କ କୌତୁକ (ପ:୧୧୬-୧୧୭)।

ବିଭିନ୍ନ ପ୍ରକାର ଅଙ୍କର ଉଦାହରଣ:

ବାଟୁଳି ଖଡ଼ା ଅଙ୍କ: ଲୀଳାବତୀ ଓ ହୀରାବତୀ ମିଳି ପଢ଼ିବାକୁ ଗଲେ ଚାଟଶାଳୀ।

ଖଡ଼ି ବାଟୁଳି ଘେନି ସଙ୍ଗତରେ ପହଞ୍ଚିଲେ ଯାଇ ପାଖ ମନ୍ଦିର ସେ

ଗୁରୁଙ୍କୁ ପ୍ରଣାମ କରି

No: G/224

Title: *Ganita*

Author: Unknown

Material: Palm leaf

Size; No. of folios; Lines: 29 x 03 cms; 184; 3/4

Script: Odia

Date: No Colophon, 19th Century

Condition of the Manuscript: Good

Place: Cuttack, Basanti Mardaraj

Brief Accounts of the Text:

The manuscript is a textbook. It contains several *chautisas* on different types of mathematics. The contents are:

1. *Kraya Bikraya Chautisa*: Pages 1 to 30

2. *Ganita Chautisa*: Pages 121 to 132

3. *Ganita Chautisa*: Pages 150 to 167

Other topics are:

Batuligana, Chaḍhā Uttarā, Panikia: Pages 50 to 56

Nakhyatra Manasa: Page 57

Anka Chori: Page 57

Time and Distance: Pages 62 to 68

Work and Time: Pages 72, 75, 76

Duratwa Lekha, Anka Kuhuka: Pages 80-81

Jyāmiti Lekha, Aaya-Byaya, Barga

ପ୍ରଭୁଙ୍କୁ ଜଣାଣ କରିସାରି ପାଠ ଆରମ୍ଭିଲେ ଖଡ଼ି ଧରି।

ପ୍ରଥମେ ଅଙ୍କ ପଢ଼ାଇଣ ଗୁରୁ ବୋଇଲେ ବାଟୁଳି କାଢ଼ ମୁଣାରୁ

କାହାର କେତେ ଅଛି ବାଟୁଳି ଗଣି ଶୁଣି ଲୀଳାବତୀ ବୋଲଇ ବାଣୀ।

ମୋଠାରୁ ଦଶଟି ବାଟୁଳି ନେଲେ ତ

ହୀରାର ମୋ ତିଗୁଣ ଆଗକୁ ଅଛଇ ମୋ କଳି।

ଗୁରୁଙ୍କୁ ଚାହିଁ ଲୀଳାବତୀ ବୋଲେ

ମୋଠାରୁ ଦଶ ହୀରାବତୀ ନେଲେ।

ତା ବାଟୁଳି ହେବ ତ୍ରିଗୁଣ

ଆଉ ଗଣିବା ନାହିଁ ପ୍ରୟୋଜନ ସେ

ଶୁଣି ଗୁରୁ ସୂତ୍ରବଳେ ଜାଣିଲେ

ଯାହାର ଯେତୋଟି ବାଟୁଳି ଅନ୍ୟ ପିଲା ଶୁଣୁଥିଲେ।

ଉତ୍ତର: ୨୨ ବାଟୁଳି, ୨୨ ବାଟୁଳି ହୀରାବତୀର।

ଅଙ୍କ ଚୋରି:

ଗୋଟିଏ ରାଶିରୁ ଗୋଟିଏ ଅଙ୍କ ଲିଭାଇଲେ ସେ ଅଙ୍କଟି ଜାଣିବା ସୂତ୍ର

ପଚାରିବା ଜନ ହାତେ ଇଚ୍ଛା ରାଶି ତା ପାଖେ ରଖାଇ

ଗୁପତ କରିଣ ହାତେ ଅଙ୍କ ଯେତେ ମିଶାଇ ମୂଲୁ ଫେଡ଼ାଇ।

ରହଣିରୁ ତୋ ମନକୁ ଯେଉଁ ଅଙ୍କ ଗୋଟିଏ ପୋଛ ବୋଲିବ

ବାକି ଅଙ୍କ ଯୋଗ ରହଣି ରାଶିରେ ମିଶାଇ ତାକୁ କହିବ।

ସେ ମିଶାଣ, ରାଶି ଯେତେ ସେ କହିବ

ବୀଜ ନ' ରେ ହରିବ

Parimana: Pages 82-86

Anka Manasa: Page 95

Kara Lekha, Anka Kautuka: Page 116-117

Poems are composed in the simplest style to narrate the problems. Their solutions are written in prose.

Anka Chori is about finding out a missing digit in a compound number using a formula. *Anka Kuhuka* is a magical style of calculation meant to attract the students towards mathematics. Likewise, *Anka Manasa* is about finding out the number that someone has wished for based on a formula. These are the techniques used to make mathematics more interesting and lively for students.

ଅଂଶ ଯା ରହିବ, ନ' ରୁ ଫେଡ଼ିଶ ପୋଛିଲା
ଅଙ୍କ କହିବ

ମନେକର, ସେ ୩୨୫ ଭାବିଲା, ତାକୁ କହିବ,
ରାଶିର ଅଙ୍କ ସବୁ ମିଶାଇବ। ମୂଳରୁ ଫେଡ଼ିବ।
ଯେତେ ରହିବ, ତହିଁରୁ ଗୋଟାଏ ଲିଭାଇବାକୁ
କହିବ। ବାକି ଯାହା ରହିବ, ସେ ଅଂଶମାନଙ୍କୁ
ମିଶାଇ ତହିଁରେ ରହଣି ଅଙ୍କ ମିଶାଇବାକୁ
କହିବ। କେତେ ହେଲା, ତାକୁ ପଚାରିବ। ଏଥୁ
ସେ ଲିଭାଇବା ଅଙ୍କ ଆଣିବ।

୩୨୫-(୩+୨+୫) = ୩୧୫, ୩ ଲିଭାଇଲା,
୧+୫ = ୬+୩୧୫ = ୩୨। ଏହି ରାଶି
ସେ କହିବ। ୩୨୧- ବୀଜ ୯ = ୩୫୩-୯,
ଜାଣିଲା ୩୧୫ରୁ ସେ ୩ ଲିଭାଉଛି।

ଅଙ୍କ କୁହୁକ:

ଅଙ୍କ କୁହୁକ ଚଉଦ, ଅଠାଇଶ, ସତାବନ ଦକ୍ଷେ

ଚପଳ ଚାଟ କେ ମନେ ଭାବିଲା

ବସୁ ମୁନି ରାମ ଲେଖିଲା।।

ସାଥୀ ପିଲାଙ୍କୁ କହିଲା ଡାକିଣ

ଯଦି ଖଡ଼ି ପାଠେ ଅଟୁ ପ୍ରବୀଣ।

ଗଢ଼ିଛି ରାଶି ଆଦ୍ୟ ଚନ୍ଦ୍ର ରଖି

ତଳକୁ ତଳ କେତେ ଥର ଲେଖି।

ମିଶାଇଲେ ହୋଇବ ଚନ୍ଦ୍ରମାଳି

କହିଦିଅ ଭାଇ ଚିତ୍ତରେ ଭାଳି।

ସାଧନା: ୧୫୮୬୩× ବୀଜ ୭ =
୧୧୧୧୧୧

୧୪ ୨୮ ୫୭ ଦକ୍ଷେ ୧୪୩ ଲେଖନ ନବ
ଅଙ୍କରେ ରାଶିୟେ ଗଢ଼ିଲା କେଉଁ ଅଙ୍କରେ
ତାହାକୁ ଗୁଣିଲା।।

ରାଶି ହୋଇଲା ଦଶ ଅଙ୍କେ ଗଢ଼ା ଆଦ୍ୟେ,
ପ୍ରାନ୍ତେ ସ୍ୱରୂପ ହେଲା ଛିଡ଼ା, ମଧ୍ୟେ ଆଠଗୋଟି
ଶୂନ୍ୟ ଉଦୟ, ଗୁଣା ଅଙ୍କଟି କରିଦିଅ ଥୟ।

ଉତ୍ତର: ୧୪୨୮୫୭୧୪୩*୭ =
୧୦୦୦୦୦୦୦୦୦

ଅଙ୍କମନାସ:

ଅଙ୍କମନାସ ଜାଣିବାକୁ ସୂତ୍ର:
ମନାସିବା ରାଶିକୁ ୩ରେ ହରି ଭାଗଶେଷକୁ
ସତୁରିରେ ଗୁଣି ରଖ। ପୁଣି ସେହି ରାଶିକୁ
୫ରେ ହରି ଭାଗଶେଷକୁ ୨୧ରେ ଗୁଣିରଖ।
ପୁଣି ମନାସିବା ରାଶିକୁ - ହରି ଭାଗଶେଷକୁ
୧୫ରେ ଗୁଣି ରଖ। ବର୍ତ୍ତମାନ ତିନୋଟିଯାକ
ଗୁଣଫଳ ମିଶାଅ। ଯଦି ଯୋଗଫଳ ୧୦୫ରୁ
ସାନ ହୁଏ, ତେବେ ସେହି ସଂଖ୍ୟାଟି ଭାବିବା
ସଂଖ୍ୟା ଠାରୁ ଯଦି ବଡ଼ ହୁଏ, ତେବେ ୧୦୫କୁ
ହରିଲେ, ଯେଉଁ ଭାଗଶେଷ ରହିବ, ସେହିଟି
ମନାସିବା ରାଶି।

ଉଦାହରଣ: ଯଦି ମନାସିବା ରାଶି
୮, ୮ ୟ୩ = ୨.୨, ୨ × ୭୦ = ୧୪୦
ରଖ, ୮ ୫ = ୧.୩, ୩ × ୨୧ = ୬୩ ରଖ,
୮ ୭ = ୧.୧, ୧ ୧୫ = ୧୫ ରଖ, ୪୦
୬୩ ୧୮ = ୨୧୮, ୨୧୮ ୧୦୫ = ୨.୮।
ଜାଣିଲା ମନାସିବା ରାଶିଟି ୮।

ମାତ୍ର ରାଶିଟି ୩.୫.୭ ଭାଗ ହେବା
ରାଶିଠାରୁ ଯଦି ସାନ ହୁଏ, ତେବେ ଭାଗ
ନ କରି ଗୁଣାନ ରାଶିମାନଙ୍କରେ ଭିନ୍ନ ଭିନ୍ନ
ରାଶି ସବୁ ମିଶାଇବ, ତାକୁ ୧୦୫ରେ ହରିବ,
ଭାଗଶେଷଟି ମନାସିବା ରାଶି।

ନମ୍ବର: ଗ /୨୨୫

ନାମ: ଗଣିତ

କର୍ତ୍ତା: ଅଜଣା

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୨ × ୩ ସେ.ମି., ପ-୪୪, ଧା-୩/୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ

ସ୍ଥାନ: କଟକ, ବାସନ୍ତୀ ମର୍ଦ୍ଦରାଜ

ବିଷୟ:

ଏହା ଏକ ପଢ଼ାବହି। ବିଭିନ୍ନ ପ୍ରକାରର ଗଣିତର ସଂକଳନ। ସୂଚିପତ୍ର ବି ରହିଛି। ନିମ୍ନୋକ୍ତ ଗଣିତମାନ ଏଥିରେ ଆଲୋଚିତ। ଯଥା: ସୁନା ହିସାବ, ବାଟୁଳି ମାରିବା ହିସାବ, କୂଟକ ନିୟମ (ପ: ୧୩-୧୬), ସମୟ ଓ ଦୂରତା, କଳନ୍ତର, ଅଙ୍କପୋଛା (ପ: ୨୧), ଅଙ୍କବସାଣ (ପ:୧୯-୨୦), ରକ୍ଷହର (ପ: ୨୨) ଏବଂ ବର୍ଗକ୍ଷେତ୍ରଫଳ, ଚତୁର୍ଭୁଜ ଓ ମଣ୍ଡଳାକାରକ୍ଷେତ୍ରର ମାପ ଇତ୍ୟାଦି। କେତୋଟି ଅଙ୍କର ଉଦାହରଣ।

କୂଟକର ନିୟମ:

ପ୍ରଥମେ କ୍ଷେପକୁ ତାହା ଉପର ବଲିରେ ଗୁଣି ଶେଷ ଶୂନ ମିଶାଇବ। ଯେତେ ହେବ, ଶେଷ ବଲିର ତାହାଣକୁ ଲେଖ। ଏ ରାଶିରେ ପୁଣି ଉପର ବଲି ଗୁଣି କ୍ଷେପ ମିଶାଇ ତାହାର ତାହାଣକୁ ରଖିବ। ଏହି କାର୍ଯ୍ୟ ବଲି ଶେଷ ପର୍ଯ୍ୟନ୍ତକୁ କୂଟକକୁ ସାଧିବ। ଶେଷକୁ ଯେଉଁ ଦୁଇରାଶି ପାଇବ, ସେ ମଧ୍ୟରୁ ବଡ଼କୁ ଭାଜ୍ୟରେ ଓ ସାନକୁ ହାରରେ ହରିବ। ପ୍ରଥମ ଭାଗରୁ ଭାଗଫଳ ଓ ଦ୍ୱିତୀୟ ଭାଗଶେଷଟି ଗୁଣିତ ଜାଣିବ। ପ୍ରଥମ ଭାଗଶେଷ + ଭାଜ୍ୟ

No: G/225

Title: *Ganita*

Author: Unknown

Material: Palm leaf

Size; No. of folios; Lines: 32 x 3 cms; 44; 3/4

Script: Odia

Date: No colophon, 19th Century

Condition of the Manuscript: Good

Place: Cuttack, Basanti Mardaraj

Brief Accounts of the Text:

The manuscript is a textbook which has a compilation of different types of mathematics. There is a contents section in the beginning of the text. The topics are *Suna Hisaba* (gold valuation), *Batuli Mariba Hisaba, Kutaka Niyama*, Time and distance, *Kalantara, Anka Pocha, Ankabasana, Rakhya Hara, Bargaphala*, measurement of *Chaturbhuja* and *Maṇḍalakara* land etc. Formulas with detailed calculations are provided to solve all the problems. The manuscript gives information on the concept of *Kutaka*.

= ଦ୍ୱିତୀୟ ଭାଗଫଳ ଏବଂ ଦ୍ୱିତୀୟ ଶେଷ + ହାର = ଦ୍ୱିତୀୟ ଗୁଣକ - ଏହିପରି ଅନେକ ଭାଗଫଳ ଓ ଗୁଣକ ହେବ। ଏ ନିୟମ କେବଳ ସମ ବୋଲି ଓ ଧନକ୍ଷେପରେ ଘଟିବ। ସମବଲି ଅର୍ଥ, ଯେତେ ବଲି ସେ ଯୋଡ଼ ହେବ। ଦ୍ୱିଯୋଡ଼ ହେଲେ ବିଷମବଲି ହେବ। ସମବଲି ଓ ଧନକ୍ଷେପରେ ଭାଜ୍ୟଦ୍ୱାରା ହରଣ ଶେଷଟି ଶେଷ ଭାଗଫଳ ଓ ହାରକର ହରଣ ଶେଷଟି ଗୁଣକ। ସମବଲି ଓ ରଣକ୍ଷେପରେ ଭାଜ୍ୟ ଓ ହାରର ଭାଗଶେଷମାନ ଫେଡ଼ି ଶେଷ ଭାଗମାନ ଗୁଣକ ଜାଣିବ। ବିଷମବଲି ଓ ଧନକ୍ଷେପ ହେଲେ, ଭାଜ୍ୟ ଓ ହାରରୁ ତା' ଶେଷମାନ ଫେଡ଼ି ଶେଷ ଭାଗଫଳ ଓ ଗୁଣକ ହେବ।

ଅଙ୍କପୋଛା:

ଘେନିଗଲା ପୋଛା ଅଙ୍କ ଫେଇ
ଏକଶତସତର ଅଛି ରହି
ବେନି ଅଜଣା ପଦ କେତେକେତେ
ମୂଳ ଅଙ୍କ ଜଣାଯିବ କେମନ୍ତେ।

ସୂତ୍ର: ଫେଡ଼ାଙ୍କକୁ ବୀଜ ନ' ରେ ହର
ରହିଛି ଯେତେ ହୋଇବ ବାହାର।
ଶୂନ୍ୟରୁ ନବ ଇଚ୍ଛା ଅଙ୍କ
ରହିଲା ଦଶେ ମୂଳ ଅଙ୍କ।

ଏଣୁ ମୂଳ ଅଙ୍କ ହେବ ଦଶଗୋଟି। ମୂଳ ରହିଗଲା ପୋଛାକୁ ହେବ = ୧୧୭ ୯ = ୧୩ ରହିଲା ଅଙ୍କେ। ୧୩ର ଡାହାଣ ଶୂନରୁ ୯ ପର୍ଯ୍ୟନ୍ତ ଯାହା ହେବ, ତାହା ମୂଳ ଅଙ୍କ। ଗଲା ପୋଛା ୧୧୭ ହେବ। ଏହିପରି ମୂଳାଙ୍କ ଦଶଟି ପୋଛା। ପୋଛା ଦଶଟି ଓ ଘେନିଗଲା ଦଶଟି ହେବ।

ନମ୍ବର: ଗ / ୨୨୬

ନାମ: ଗଣିତ

କର୍ତ୍ତା: ବିକ୍ରମ ଦାସ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୫ × ୦୪ ସେ.ମି., ପ:୮୬, ଧା:୪/୫

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ

ସ୍ଥାନ: କଟକ, ବାସନ୍ତୀ ମର୍ଦ୍ଦରାଜ

ବିଷୟ:

ଶ୍ରୀ ଗଣେଶାୟ ନମଃରୁ ଗ୍ରନ୍ଥାରମ୍ଭ।

ଗ୍ରନ୍ଥର ଆରମ୍ଭରେ ଶସ୍ୟ, ଭୂମିମାପ ଓ ମୂଲ୍ୟର ଏକକ ସମ୍ପର୍କରେ ସୂଚନା ରହିଛି। ତାହା ପୁଣି ଗୀତରେ। ଏହି ସୂଚନା ପିଲାମାନଙ୍କୁ ଗାଣିତିକ ସମସ୍ୟା ସମାଧାନରେ ବିଶେଷ ସହାୟକ ହୋଇପାରିବ। ତାହା ଏହିପରି -

କଉଡ଼ି ହିସାବ: ଗଣ୍ଡାଏ / ୪ = ୪ କଡ଼ି

କୋଡ଼ିଏ / ୨୦ = ୫ ଗଣ୍ଡା

ପଣ = ୪ ବୋଡ଼ି (୨୦ ଗଣ୍ଡା)

ପଦିକା = ୪ ପଣ

କାହାଣ = ୪ ପଦିକା

୬୪ ବୋଡ଼ି = ୧୬ ପଣ, ୩୨୦ ଗଣ୍ଡା, ୧୨୮୦ କଡ଼ା

ଟଙ୍କା ହିସାବ: ଏକ ଅଣା = ୪ ପାହୁଲା

ସିଉକା = ୪ ଅଣା

୧ ଟଙ୍କା = ୪ ସିଉକା, ୧୬ ଅଣା ୬୪ ପଇସା

ସୁନା ହିସାବ: ୧ ପା = ୪ ଚିନା

No: G/226

Title: *Ganita*

Author: Bikram Das

Material: Palm leaf

Size; No. of folios; Lines: 35 x 04 cms; 87; 4/5

Script: Odia

Date: No Colophon, 19th Century

Condition of the Manuscript: Good

Place: Cuttack, Basanti Mardaraj

Brief Accounts of the Text:

The text starts with Sri Ganeshaya Namah. At the beginning, the reader has been informed about the units of measurements of land, grains and cost of various objects in verse. This is quite helpful for children. The text also deals with measurement of shapes of storehouses according to the amount of grains to be stored. Areas of lands from around the world have been described.

	୧ ଚିନା = ୪ ରତି
	୧ ମସା = ୨ ଚିନା
	୧ ମାଢ଼ = ୫ ମସା, ୧୦ ଚିନା
	୧ ତୋଳା = ୨ ମାଢ଼, ୨୦ ଚିନା
ଭୂମି ମାପ:	୧ ବିଶ୍ୱ = ୪ କଡ଼ି
	୧ ଗୁଣ୍ଠ = ୧୬ ବିଶ୍ୱ
	୧ ମାଣ = ୨୫ ଗୁଣ୍ଠ
	୧ ବାଟି = ୨୦ ମାଣ
ଶସ୍ୟମାପ:	୧ ମାଣ = ୪ ପା, ୮ ଅଧପା
	୧ ନଉତି = ୧୨ ମାଣ
	୧ ପଉଟି = ୨୦ ନଉତି
	୧ ଭରଣ = ୪ ପଉଟି
ପଦାର୍ଥ ମାପ:	୧ ପଳ = ୪ କରି
	୧ ବିଶ୍ୱା = ୨୦ ପଳ
	୧ ଫୁଲି = ୫ ପଳ
	୧ ମଉଙ୍ଗ = ୧୦ ବିଶ୍ୱା
	୧ ପା = ୪ ଛଟାଙ୍କି
	୧ ସେର = ୪ ପା, ୧୬ ଛଟାଙ୍କି, ୪ କୁଞ୍ଚା
	୧ ମହଣ = ୪୦ ସେର

ଏହି ପୋଥିରେ ରହିଛି ଶସ୍ୟାଦିର ହିସାବ। ବିଭିନ୍ନ ଆକାର କ୍ଷେତ୍ରର ମାପ (ମଣ୍ଡଳାକାର), କ୍ଷେତ୍ରର ଲମ୍ବ ଓ ଓସାର। କ୍ଷେତ୍ରଫଳ କିପରି ଜାଣିବା - ପ୍ରଶ୍ନ ମାଧ୍ୟମରେ ତାହାର ସମାଧାନ କରାଯାଇଛି। ଧାନଘର କିପରି କରିବା ଏବଂ କେଉଁ ଆକାରର କ୍ଷେତ୍ର ହେଲେ କେତେ ପରିମାଣର ଶସ୍ୟ ସେଥିରେ ରହିପାରିବ, ଏହା ମଧ୍ୟ ବୁଝାଇ ଦିଆଯାଇଛି। ସମଗ୍ର ପୋଥିରେ ଜମିଜମାର ମାପ ବିସ୍ତୃତ ଭାବରେ ଆଲୋଚିତ।

ନମ୍ବର: ଗ /୨୨୭

ନାମ: ଗଣିତ

କର୍ତ୍ତା: ଅଜଣା

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୫ × ୦୪ ସେ.ମି., ପ:୮୭, ଧା:୪/୫

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲନୁହେଁ, ବହୁପତ୍ର ପୋକଖିଆ ଓ ନଷ୍ଟପ୍ରାୟ

ସ୍ଥାନ: କଟକ, ବାସନ୍ତୀ ମର୍ଦ୍ଦରାଜ

ବିଷୟ:

ଚାଟଶାଳୀରେ ପଢ଼ାଯାଉଥିବା ଏକ ପୋଥି। ଚଉତିଶା ଓ ଅଙ୍କଗୁଡ଼ିକର ସମାହାର। ବହୁ ଗଣିତ ଜି ୨୨୪ ଓ ଜି ୨୨୫ ପୋଥି ସହିତ ସମାନ। ନିମ୍ନୋକ୍ତ ଚଉତିଶାଗୁଡ଼ିକ ଉଲ୍ଲେଖନୀୟ। ଅଙ୍କ ଚଉତିଶା (ପ: ୯), କୂଟକ ଚଉତିଶା (ପ: ୨୭-୬୦), ଖଡ଼ି କୌତୁକ ଚଉତିଶା (ପ: ୧୨୯-୧୩୬), ଓଡ଼ାଙ୍କ ଚଉତିଶା (ପ:୧୪୬-୧୫୦), ଘନଶ୍ୟାମଙ୍କ ଚଉତିଶା (ପ: ୭୨-୮୬)। ଏତଦ୍‌ବ୍ୟତୀତ ରହିଛି ଅଙ୍କକୁହୁକ, ଅଙ୍କପୋଛା, ଅଙ୍କଧନ୍ଦା ଓ ହାଟରେ କିଣାବିକା ହିସାବ ଇତ୍ୟାଦି।

ବଲିକୂଟକ ଚଉତିଶାରେ ବଲି ଓ କୂଟକରେ ସଂଜ୍ଞା ରହିଛି।

ବଲିକୂଟକର ବିଧାନ ଶୁଣ ଦେଇଣ ମନ
ଭାଜ୍ୟ, ହାର, କ୍ଷେପ, ଆବର ତହିଁ ଅପବର୍ତ୍ତନ
ଏହି ଚାରି ନାମରେ ଭାଜ୍ୟଟି ମୂଳ ପିଣ୍ଡ ଅଟଇ
ହାରଟି ହରଣ ବୋଲାଇ ଅଂଶଟି କ୍ଷେପ କହି।
ଏ ତିନି ମଧ୍ୟେ ସାଧାରଣ ରାଶି ଯେଉଁଟି ସ୍ଥିତ
ଅପବର୍ତ୍ତନ ରାଶି ବୋଲି ଖଡ଼ିଶାସ୍ତ୍ରେ ବିଧିତ।
ଭାଜ୍ୟକୁ ହାରରେ ହରିଣ ପୁଣି ପାଲଟି ହର
ଅଂଶ ଶୂନ୍ୟ ହେବା ପର୍ଯ୍ୟନ୍ତ ହରି ଥିବ ନିକର।
ଯେତକ ଲବ୍ଧ ହୋଇବ ଛିଣ୍ଡା ଲବ୍ଧକୁ ଛାଡ଼ି
ବାକି ଲବ୍ଧମାନ ତଳକୁ ତଳ କରିବ ଧାଡ଼ି।
ଏହି ଧାଡ଼ିମାନ ଅଟଇ ବଲି ଅଙ୍କ ଶାସ୍ତ୍ରରେ

No: G/227

Title: *Ganita*

Author: Unknown

Material: Palm leaf

Size; No. of folios; Lines: 35 x 04 cms; 87; 4/5

Script: Odia

Date: No Colophon, 19th Century

Condition of the Manuscript: Not Good, many folios are damaged and worm-eaten

Place: Cuttack, Basanti Mardaraj

Brief Accounts of the Text:

This is a text book, mostly for the students of *Chatasali* (village school). Most of its contents are similar to G/224 and G/225. The text is a fine combination of literature and mathematics. There are many *Chautisas* in this manuscript. They are:

Anka Chautisa: Page 9

Kutaka Chautisa: Pages 27 to 60

Khaḍi Kautaka Chautisa: Pages 129 to 136

Oḍāṅka Chautisa: Pages 146 to 150

Ghanasyama Nala Chautisa: Pages 72 to 86

The text also covers *Anka Kuhuka, Anka Pocha, Anka Dhanda, Hata Kinabika* etc.

ତଳେ ଗାର ଥାପିବ କ୍ଷେପ ଅଙ୍କ ବିଧିରେ।
ତହିଁ ତଳେ ଶୂନ୍ୟ ଦେଇଣ ବଲି କରିବ ଶେଷ
ଏ ଅଙ୍କେ କୂଟକେ ସାଧିବ ମନେ ନୋହି
ବିରଷ।
କ୍ଷେପ ଘେନି ତାହା ଉପର ଅଙ୍କେ କର ଗୁଣନ
ଶୂନ୍ୟେ ମିଶାଇଣ ରାଶିକୁ ଦକ୍ଷେ କର ସ୍ଥାପନ।
ଏଥି ଉପର ଅଙ୍କ ଗୁଣି ତଳେ କ୍ଷେପ ମିଶାଇ
ଏମନ୍ତ ସାଧିଣ ଘେନିବ ଉପର ରାଶି ଦୁଇ।
ଉପର ରାଶିକୁ ରଖିଣ ଦୁଇ ଭାଜ୍ୟରେ ହର
ଭାଗଶେଷକୁ ଶେଷ ଲବ୍ଧ ମନେ ଘେନ ସତ୍ୱର।
ତଳ ରାଶିକୁ ହାରେ ହରି ଅଂଶ ଯେ ରହେ
ପ୍ରାନ୍ତେ
ଏହିଟି ଗୁଣକ ଜାଣିବ ସମବଲି ସାଧନ୍ତେ।
ବିଷମବଲିରେ ହାରକୁ ଭାଗଶେଷକୁ ଫେଡ଼ି
ଗୁଣକ ଓ ଶେଷଫଳକୁ ବାଛି ନେବ ନ ହୁଡ଼ି।
ଅପବର୍ତ୍ତନ ରାଶି ଥିଲେ ଭାଜ୍ୟ ହାର କ୍ଷେପକୁ
ତହିଁରେ ହରିଣ ଘେନିବ ନୂଆ ରାଶିମାନଙ୍କୁ।
ପୂର୍ବ ବିଧିରେ ବଲି - ସାଧି ଯିବ କୂଟକ
ସହଜରେ ବଳି ପଡ଼ିବ ଭାଗଫଳ ଗୁଣକ।
ସମବଲି ଧନ କ୍ଷେପରେ ଅଂଶ ଫଳ ଗୁଣକ
ବିଷମ ବଲିରେ ତିକ୍ଷେପେ ଏହି ଅଂଶ ହିଁ ଠିକ।
ଗୋଟିଏ ହେଲେ ବିପରୀତ - ଅଂଶ ଫେଡ଼ିଣ
ଶେଷ ଫଳ ଆଉ ଗୁଣକ ବାଛି ଘେନିବ ପୁଣ।

ଉଦାହରଣ: ରାଗ ବଙ୍ଗଳାଶ୍ରୀ

ରାଶି ଏକଶତ ଅଛି ଜାଣ
ତାକୁ କାହିଁରେ କଲ ଗୁଣନ।
ଗ୍ରହ ମିଶାଇ ଏକଷଠିରେ ଭାଗ କଲେ
ଅଂଶ ରହିବ ଶୁଣ ହେ ସୁଜନେ
ସେହି ଗୁଣକ କେତେ ପ୍ରକାଶ
ଶେଷ ଲବ୍ଧ ଆଣ
ବଲି କୂଟକ ସାଧନା ଯେଣୁ ଜାଣେ
ବେନି ଫଳ ତାକୁ ହେବ ଦୃଶ୍ୟ
ଅନେଶତକୁ ଏହିପରି ଦୁଇଥର ଘୁଞ୍ଚାଇ
ମିଶାଇଲେ ହେବ ୧୦୮୯।

ନମ୍ବର: ଗ /୨୨୮

ନାମ: ମାପ ଓଜନ ଗଣିତ

କର୍ତ୍ତା: ଅଜଣା

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୩.୫ × ୦୩ ସେ.ମି., ୧୩୯, ୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ପୋକଖିଆ

ସ୍ଥାନ: କଟକ, ବାସନ୍ତୀ ମର୍ଦ୍ଦରାଜ

ବିଷୟ: ସଂପୂର୍ଣ୍ଣ ପୋକଖିଆ। ପାଠ ଜାଣିବା ସମ୍ଭବ ନୁହେଁ।

No: G/228

Title: *Māpa Ojana Ganita*

Author: Unknown

Material: Palm leaf

Size; No. of folios; Lines: 33.5 x 03 cms; 139; 4

Script: Odia

Date: No colophon, 19th Century

Condition of the Manuscript: Completely Damaged

Place: Cuttack, Basanti Mardaraj

Brief Accounts of the Text:

It is not possible to go through the text due to its condition.

ନମ୍ବର: ଗ /୨୨୯

ନାମ: ଲେଖାବଳୀ ସୂତ୍ର

କର୍ତ୍ତା: ଅଧର ପଟ୍ଟନାୟକ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୯ × ୪.୫ ସେ.ମି., ଧା: ୪/୫

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ସମ୍ପୂର୍ଣ୍ଣ ନଷ୍ଟ

ସ୍ଥାନ: କଟକ, କୃଷ୍ଣଚନ୍ଦ୍ର ଦାସ

ବିଷୟ:

ପାଣ୍ଡୁଲିପି ସମ୍ପୂର୍ଣ୍ଣ ପୋକଖିଆ ଯୋଗୁ ପଢ଼ିବା ସମ୍ଭବ ନୁହେଁ।

ଏପରି କେତେ ସଂଖ୍ୟକ ପତ୍ର ମଧ୍ୟ ଜାଣି ହେଉ ନାହିଁ। ମାତ୍ର ଅଧରଙ୍କର ସମପ୍ରକାରର ଅନ୍ୟ ଏକ ପାଣ୍ଡୁଲିପି ରହିଛି।

No: G/229

Title: *Lekhabali Sūtra*

Author: Adhar Pattnaik

Material: Palm leaf

Size; Lines: 39 x 4.5 cms; 4/5

Script: Odia

Date: No Colophon, 19th Century

Condition of the Manuscript: Completely damaged

Place: Cuttack, Krushnachandra Das

Brief Accounts of the Text:

The manuscript is completely damaged. However, there is one similar kind of manuscript of Adhar Pattnaik.

ନମ୍ବର: ଗ /୨୩୦

ନାମ: ଗଣିତ

କର୍ତ୍ତା: ବିଶ୍ୱନାଥ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୪ × ୦୩ ସେ.ମି.

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ସଂପୂର୍ଣ୍ଣ ନଷ୍ଟ

ସ୍ଥାନ: ପୁରୀ, ଚୈତନ୍ୟ ଚରଣ ଛେଟରାୟ

ବିଷୟ: ପାଣ୍ଡୁଲିପି ସମ୍ପୂର୍ଣ୍ଣ ପୋକଖିଆ ଯୋଗୁ ପଢ଼ିବା ସମ୍ଭବ ନୁହେଁ।

No: G/230

Title: *Ganita*

Author: Biswanath

Material: Palm leaf

Size: 34 x 03 cms

Script: Odia

Date: No Colophon, 19th Century

Condition of the Manuscript: Completely damaged

Place: Puri, Chaitanya Charana Chotaray

Brief Accounts of the Text:

It is not possible to go through the text due to its condition.

ନମ୍ବର: ଗ /୨୩୧

ନାମ: ଗଣିତ

କର୍ତ୍ତା: ଦେବୀ ଦାସ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୨୪ × ୦୩ ସେ.ମି., ପ:୩୫, ଧା:୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ, ଅସଂପୂର୍ଣ୍ଣ

ସ୍ଥାନ: ରାସୋଳ, ଢେଙ୍କାନାଳ, ସୁଧାକର ସାହୁ

ବିଷୟ: ଦେବୀ ଦାସଙ୍କ ଅନ୍ୟ ରଚନା ସହ ମେଳ ଖାଉଛି। ଏଥିରେ ରହିଛି ୧.ଓଡ଼ାଙ୍କ, ମେଲାଙ୍କ, ଗୁଣନ ଓ ହରଣକୁ ଆଧାର କରି ଶସ୍ୟାଦିର ପରିମାଣ ମାପ, ୨. ବିଭିନ୍ନ ଆକାର (ଗୋଲାକାର, ତ୍ରିଭୁଜକାର) ଭୂମିର ଆୟତନ, ୩. ବ୍ରାହ୍ମଣମାନଙ୍କୁ ଦାନ, ୪. ନାରୀଙ୍କ କଣ୍ଠରୁ ଛିଡ଼ିପଡ଼ିଥିବା ମୁକ୍ତାମାଳ କଣ୍ଠିର ହିସାବ।

No: G/231

Title: *Ganita*

Author: Debi Das

Material: Palm leaf

Size; No. of folios; Lines: 24 x 03 cms; 35; 4

Script: Odia

Date: No colophon, 19th Century

Condition of the Manuscript: Incomplete

Place: Rasola, Dhenkanal, Sudhakar Sahoo

Brief Accounts of the Text:

The manuscript is incomplete but has similarity with other works of Debi Das.

The contents are:

1. Mesurement of paddy and grains.

2. Measurement of different shapes of land and their area.

3. Donation to Brahmins.

4. Calculation of pearls in a snapped necklace.

ନମ୍ବର: ଗ /୨୩୨

ନାମ: ଗଣିତ/ ହନୁମାନ ଖଡ଼ି

କର୍ତ୍ତା: ଅଜଣା

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୧ × ୩ ସେ.ମି. ଧାଡ଼ି ୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ସଂପୂର୍ଣ୍ଣ ନଷ୍ଟ

ସ୍ଥାନ: ପୁରୀ

ବିଷୟ: ପାଣ୍ଡୁଲିପି ସମ୍ପୂର୍ଣ୍ଣ ପୋକଖିଆ ଯୋଗୁଁ ପଢ଼ିବା ସମ୍ଭବ ନୁହେଁ।

No: G/232

Title: *Ganita /Hanumana Pedi*

Author: Unknown

Material: Palm leaf

Size; Lines: 31 x 3 cms; 4

Script: Odia

Date: No Colophon, 19th Century

Condition of the Manuscript: Completely damaged

Place: Puri

Brief Accounts of the Text:

The condition of the manuscript doesn't allow us to go through the text.

ନମ୍ବର: ଗ /୨୩୩

ନାମ: ଗଣିତ

କର୍ତ୍ତା: ବିନାୟକ, ଭଗବାନ ନାୟକ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୩ × ୩ ସେ.ମି., ପ: ୭୦, ଧା: ୪/୫

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲନୁହେଁ

ସ୍ଥାନ: ଜୟପୁର, ଲିଙ୍ଗରାଜ ପଟ୍ଟନାୟକ

ବିଷୟ: ବହୁପତ୍ର ପୋକଖିଆ ଯୋଗୁଁ ପାଠ ସମ୍ଭବ ନୁହେଁ।

No: G/233

Title: *Ganita*

Author: Binayak, Bhagaban Nayak

Material: Palm leaf

Size; No. of folios; Lines: 33 x 3 cms; 70; 4/5

Script: Odia

Date: No Colophon, 19th Century

Condition of the Manuscript: Completely damaged

Place: Jeypore, Lingaraja Patnaik

Brief Accounts of the Text:

It is not possible to go through the text because of its condition.

ନମ୍ବର: ଗ /୨୩୪

ନାମ: ଗଣିତ

କର୍ତ୍ତା: ଅଜଣା

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୨୦ × ୦୩ ସେ.ମି., ପ:୪୦, ଧା:୦୩

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ସଂପୂର୍ଣ୍ଣନଷ୍ଟ

ସ୍ଥାନ: ଜୟପୁର, ଲିଙ୍ଗରାଜ ପଟ୍ଟନାୟକ

ବିଷୟ: ପାଣ୍ଡୁଲିପି ସମ୍ପୂର୍ଣ୍ଣ ପୋକଖିଆ ଯୋଗୁ ପଢ଼ିବା ସମ୍ଭବ ନୁହେଁ।

No: G/234

Title: *Ganita*

Author: Unknown

Material: Palm leaf

Size; No. of folios; Lines: 20 x 03 cms; 40; 03

Script: Odia

Date: No Colophon, 19th Century

Condition of the Manuscript: Most of the pages are worm-eaten

Place: Jeypore, Lingaraja Patnaik

Brief Accounts of the Text:

It is not possible to go through the text due to its state.

ନମ୍ବର: ଗ /୨୩୫

ନାମ: ଗଣିତ

କର୍ତ୍ତା: ଅଜଣା

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୨୨ × ୦୩ ସେ.ମି., ପତ୍ର ଜଣା ନାହିଁ, ଧାଡ଼ି ୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲନୁହେଁ, ବହୁପତ୍ର ପୋକଖିଆ ଓ ନଷ୍ଟପ୍ରାୟ

ସ୍ଥାନ: ଜୟପୁର, ଲିଙ୍ଗରାଜ ପଟ୍ଟନାୟକ

ବିଷୟ: ପାଣ୍ଡୁଲିପି ଖୋଲିବା ସମ୍ଭବ ନୁହେଁ।

No: G/235

Title: *Ganita*

Author: Unknown

Material: Palm leaf

Size; Lines: 22 x 03 cms; 4

Script: Odia

Date: No colophon, 19th Century

Condition of the Manuscript: Not good, many folios are damaged and worm-eaten

Place: Jeypore, Lingaraja Patnaik

Brief Accounts of the Text:

It is not possible to go through the text due to its state.

ନମ୍ବର: ଗ /୨୩୬

ନାମ: ଗଣିତ

କର୍ତ୍ତା: ଅଜଣା

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୦ × ୦୩ ସେ.ମି., ପ: ୪୦, ଧା: ୩/୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଉନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ବହୁପତ୍ର ପୋକଖିଆ

ସ୍ଥାନ: କାଳିକା ପ୍ରସାଦ, ପୁରୀ, ଏ.ସି.ମହାନ୍ତି

ବିଷୟ:

ଦଶନ୍ଧି ଲେଖା ମାଗଣା

ଧାନ, ଚାଉଳ, ରବି ଶସ୍ୟାଦିର ପରିମାଣ ମାପ (ଆଧାର କୁଂଚା, ସେର, ଗଉଣି, ପଉଟି)।

ଶସ୍ୟାଦି ମାପ ସଂକ୍ରାନ୍ତରେ ଏହା ଏକ ସ୍ୱତନ୍ତ୍ର ପାଣ୍ଡୁଲିପି ।

No: G/236

Title: *Ganita*

Author: Unknown

Material: Palm leaf

Size; No. of folios; Lines: 30 x 03 cms; 40; 3/4

Script: Odia

Date: No Colophon, 19th Century

Condition of the Manuscript: Most of the pages are worm-eaten

Place: Kalika Prasad, Puri, A.C. Mohanty

Brief Accounts of the Text:

This is a textbook. The contents are:

1. *Dasandhi Māgaṇa*
2. Measurement of paddy and grains in the units of *Sera, Gauni, Pauti* etc.

The manuscript has special formulas for measurement of grains.

ନମ୍ବର: ଗ /୨୩୭

ନାମ: ଗଣିତ

କର୍ତ୍ତା: ବ୍ରଜ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୩୦ × ୦୩ ସେ.ମି., ପ: ୪୦, ଧା: ୩/୪

ଲିପିକାର ଓ ସମୟ: ଉଦୟ ପୁଷ୍ଟି, କୃଷ୍ଣ ପ୍ରସାଦ, ଉନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ, ୧ମ, ୬୩, ୬୪ ପତ୍ର ନାହିଁ

ସ୍ଥାନ: କାଳିକା ପ୍ରସାଦ, ପୁରୀ, ଏ.ସି. ମହାନ୍ତି

No: G/237

Title: *Ganita*

Author: Braja

Material: Palm leaf

Size; No. of folios; Lines: 30 x 3 cms; 40; 3/4

Script: Odia

Date: Uday Prusti, Krushna Prasad, 19th Century

Condition of the Manuscript: Good but the 1st, 62nd and 63rd pages are missing

Place: Kalika Prasad, Puri, A.C. Mohanty

ବିଷୟ:

ପୋଥି ଏକ ଚଉତିଶା। ପ୍ରତ୍ୟେକ ପ୍ରଶ୍ନ ପଚରା ଯାଇଛି କବିତାରେ। ପ୍ରଥମ ଅକ୍ଷର କ, ଖ, ଗ ଆଦି ବ୍ୟଞ୍ଜନ ବର୍ଣ୍ଣ କ୍ରମରେ କବିତାଗୁଡ଼ିକ ଲେଖାଯାଇଛି। ଉତ୍ତର ରହିଛି ଉଭୟ ଗଦ୍ୟ ଓ ପଦ୍ୟରେ। ଉତ୍ତରକୁ ସୂତ୍ର କୁହାଯାଇଛି। ବ୍ୟବହୃତ ରାଗଗୁଡ଼ିକ: ବଙ୍ଗଳାଶ୍ରୀ, କଲ୍ୟାଣ ଆହାରି, ଚୋଖି, ଚକ୍ରକେଳି, କଳସା, କାମୋଦି, ମୁଖାରି, ଦକ୍ଷିଣ କାମୋଦି, ଆଷାଢ଼ ଶୁକ୍ଳ, ବରାଡ଼ି, ଆନନ୍ଦ ଭୈରବି, କୌଶିକ, କାଫି, କାଳି, କେଦାର, ବସନ୍ତ, ବିରସିଂହା ବୃତ୍ତେ, ତୋଡ଼ି, ଚିନ୍ତାଦେଶାକ୍ଷ, ଧନାଶ୍ରୀ, ରସକୁଲ୍ୟା ଓ ଗଡ଼ମାଳିକା।

ପୋଥିର ଅନ୍ୟତମ ବୈଶିଷ୍ଟ୍ୟ - ଏଥିରେ ଗୋପୀ ଓ ଶ୍ରୀରାଧା କୃଷ୍ଣଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଛନ୍ତି। ଯଥା: ଗଛରେ କେତେ ଫୁଲ ଓ ଫଳ, କେତେ ଶୁଆସାରୀ, ରାସମଣ୍ଡପର ଆକାର ଓ ପ୍ରକାର, ମାଳର ଫୁଲ ସଂଖ୍ୟା, ଶସ୍ୟାଦିର କିଣାବିକା, ବ୍ରାହ୍ମଣମାନଙ୍କୁ ଅନ୍ନ ଓ ସୁବର୍ଣ୍ଣ ଦାନ ଆଦି ନାନା କଥା। କବି ଯେ ଜଣେ ରାଗାନୁଗ ଭାବ-ଅବଗ୍ରାହୀ ବୈଷ୍ଣବ, ଅନୁରୂପ ଅନୁମାନକୁ ମିଛ କହିହେବ ନାହିଁ। ପ୍ରତ୍ୟେକ ପଦରେ ରସିକତା। ତେଣୁ ଏହି ରଚନାକୁ ଗଣିତ, ସାହିତ୍ୟ ଓ ଧର୍ମ ବିଶ୍ୱାସରେ ମିଶ୍ରରୂପ କୁହାଯାଇପାରିବ। ରାଗ ବିନ୍ୟାସରେ ମଧ୍ୟ ଲେଖକଙ୍କ ପାଣ୍ଡିତ୍ୟ ସହଜଲକ୍ଷ୍ୟ।

Brief Accounts of the Text:

The manuscript is a *Chautisa*. The questions are in verse and the first letter of each question is arranged according to the order of consonants in Odia alphabet (from *ka* to *khya*). Some of the answers are in verse while others are narrated in prose. Answers are termed as *Sūtra* and written in different ragas. The ragas are *Bangalashree, Kalayan Aahari, Chokhi, Chakrakeli, Kalasa, Mukhari, Dakhina Kamodi, Asadha Sukla, Ananda Bhairaba, Baradi, Kedara, Todi, Birasingha Bruttey, Basanta, Kausika, Kafi, Dhanashree, Chinta desakhya, Rasakulya, Gadamalika* etc.

The questions and answares are narrated in form of conversations between Krishna, Sriradha and *Gopis*. The topic of the conversations are on different mathematical problems like determining the number of flowers in a garland, *Sua sari lekha*, Shapes of podium, buying and selling of grains, gifting gold to Brahmins etc. This is an example of how Vaishnavite philosophy has influenced the writings. The work is a fine combination of mathematics, literature and religion. The author's mastery over *Ragas* is easily seen.

ନମ୍ବର: ଗ / ୨୩୮

ନାମ: ଗଣିତ

କର୍ତ୍ତା: ନୀଳକଣ୍ଠ ପଟ୍ଟନାୟକ

ଆକାର, ପତ୍ର ସଂଖ୍ୟା ଓ ଧାଡ଼ି: ୧୮ × ୦୩ ସେ.ମି., ପ: ୧୬, ଧା: ୪

ଲିପିକାର ଓ ସମୟ: ପୁଷ୍ପିକା ନାହିଁ, ଊନବିଂଶ ଶତାବ୍ଦୀ

ଲିପି: ଓଡ଼ିଆ

ଅବସ୍ଥା: ଭଲ

ସ୍ଥାନ: ନୟାମୁର୍ଚ୍ଚା, ପୁରୀ, ରବି ନାରାୟଣ ମହାପାତ୍ର

ପ୍ରସଙ୍ଗ:

ଶ୍ରୀ ଜଗନ୍ନାଥ ଶରଣମ୍‌ରୁ ପାଠ ଆରମ୍ଭ। ୨୮ ବର୍ଗ କୋଟା ହିସାବ ରହିଛି। ଏଠାରେ ବିଭିନ୍ନ ଚରିତ୍ରକୁ ଗଣିତରେ କେଉଁ ସଂଖ୍ୟାରେ ଗ୍ରହଣ କରାଯାଏ, ତାହାର ସୂଚନା ରହିଛି। ଉଦାହରଣ: ଜଳ-୧୯, ଶିବ-୨୪, ସିଦ୍ଧ-୨୧, ବଲ୍ଲି-୨୩, ରୁଦ୍ର-୨୫, ଧ୍ରୁତି-୨୭, ଇନ୍ଦ୍ର-୨୬, ଦିବସ-୩୦, ବିଦାଢ଼-୩୧, ଭୁଜ-୨, ବେଦ-୪, ରତୁ-୬, ବସୁ-୮, ଦିଗ-୧୦, ସମୁଦ୍ର-୭, ଚନ୍ଦ୍ର-୧୨, ତିଥି-୧୫, କଳା-୧୬ ଇତ୍ୟାଦି।

No: G/238

Title: *Ganita*

Author: Nilakantha Patnaik

Material: Palm leaf

Size; No. of folios; Lines: 18 x 03 cms; 17; 4

Script: Odia

Date: No Colophon, 19th Century

Condition of the Manuscript: Good

Place: Nayamorcha, Puri, R. N. Mohapatra

Brief Accounts of the Text:

